

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୮ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 JUNE 2020

Vol.No. 30 ■ No. 161 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950, 9937557158,9438317887

S d- P.C Bindhani
Chairman


# ଗୁରୁଗ୍ରାମରେ ପହଂଚିଲେ ପଙ୍ଗପାଳ ଦଳ



ଚଣ୍ଡିଗଡ,୨୭।୬ (ନି.ପ୍ର): ପାକିସ୍ତାନ ରାସ୍ତାରେ ରାଜସ୍ଥାନ ଏବଂ ହରିୟାଣାରେ ପହଂଚିବା ପରେ ଶନିବାର ଏନସିଆର ଗୁରୁଗ୍ରାମରେ ପହଂଚିଛନ୍ତି ପଙ୍ଗପାଳ ଦଳ। ଗୁରୁଗ୍ରାମର ବିଳାସମୟ ଆବାସିକ ଅଂଚଳରେ ଥିବା ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକୁ ମଧ୍ୟ ଏହି ପତଙ୍ଗ ଆଚ୍ଛାଦିତ କରି ପକାଇଛନ୍ତି। ଗୁରୁଗ୍ରାମର ବ୍ୟସ୍ତବହୁଳ ଏମ୍‌ଜି ରୋଡ୍ ଏବଂ ଆଇଏଫଏଫ୍ ସିଓ ଛକ ଅଂଚଳ ମଧ ପଙ୍ଗପାଳରେ ଆବୃତ ହୋଇପଡ଼ିଛି। ଏହାଛଡ଼ା ଡିଏଲ୍ ଏଫ୍ ଫେଜ୍ ୧-୪, ଭିଲେଜ୍ ଚକ୍କରପୁର, ସିକନ୍ଦରପୁର ଏବଂ ସୁଖରାଲି ଅଂଚଳରେ ମଧ ପଙ୍ଗପାଳ ପ୍ରବେଶ କରିଛନ୍ତି। ଗୁରୁଗ୍ରାମର ସ୍ଥାନୀୟ ଅଧିବାସୀ ବାସନକୁସନ ପିଟି, ଟିଣ ବାଡେଇ, ବାଣ ଫୁଟାଇଏବଂ ଯଥା ସମ୍ଭବ ବଡ଼ ପାଟି କରି ପଙ୍ଗପାଳ ଘଉଡ଼ାଉଛନ୍ତି। ଜୋରରେ ପବନ ବହୁଥିବାରୁ ପଙ୍ଗପାଳମାନେ ଘଂଟାକ ମଧରେ ଗୁରୁଗ୍ରାମର ବ୍ୟାପକ ଅଂଚଳକୁ ଚରିଯାଇଛନ୍ତି। ଅନ୍ୟପକ୍ଷରେ ହରିୟାଣା କୃଷି ମନ୍ତ୍ରୀ ଜୟପ୍ରକାଶ ଦଲାଲ ଶନିବାର ସକାଳେ ପଙ୍ଗପାଳଙ୍କ ଆକ୍ରମଣରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ରେୱାରୀରେ ଯାଇଥିଲେ। ସେ ରେୱାରୀ ଜିଲ୍ଲା ଡେପୁଟି କମିଶନର ୟଶେନ୍ଦ୍ର ସିଂଙ୍କ ସହ ପ୍ରଭାବିତ ଅଂଚଳକୁ ଯାଇ ଫସଲରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିଥିଲେ। ସୂଚନାଯୋଗ୍ୟ ଯେ ଶୁକ୍ରବାର ଦିନ ପଙ୍ଗପାଳ ମହାରାଷ୍ଟ୍ର ଦେଇ ରାଜସ୍ଥାନ ଦେଇ ରାଜ୍ୟରେ ପ୍ରବେଶ କରିଥିଲେ। ଏହିପଙ୍ଗପାଳ ଦଳ ଏକ ବ୍ୟାପକ ଅଂଚଳରେ ବ୍ୟାପି ଯାଇ ନରନାଉଲ୍-ରେୱାରୀର ୩୦ ରୁ ଅଧିକ ଗାଁରେ ୫ ଘଂଟା ମଧ୍ୟରେ ୧ ହଜାର ଏକରରୁ ଅଧିକ ଫସଲ ନଷ୍ଟ କରିଛନ୍ତି। ରେୱାରୀର ଜାଟୁସାନା ଅଂଚଳର ୧୦ ଟି ଗାଁରେ ୨୦ ଟି ଅଗ୍ନିଶମ ଟିମ୍ ରାତି ୧୨ ଟା ରୁ ସ୍ପ୍ରେ କରିବା ଆରମ୍ଭ କରିଥିଲେ, ଯାହା ସକାଳ ପର୍ଯ୍ୟନ୍ତ ଚାଲିଥିଲା। ସୂଚନା ଅନୁଯାୟୀ ଏହି ପଙ୍ଗପାଳ ଦଳରେ ପ୍ରାୟ ୬୦ ଲକ୍ଷ ପଙ୍ଗପାଳ ରହିଛନ୍ତି। ସେମାନେ ପ୍ରାୟ ୧୦ କିଲୋମିଟର ଲମ୍ବ ଏବଂ୬ କିଲୋମିଟର ପ୍ରସ୍ଥ ଅଂଳଚରେ ବ୍ୟାପିଛନ୍ତି।

## ରଥଯାତ୍ରା ବନ୍ଦ ପାଇଁ ଫିକ୍ସିଂ କରିଥିଲେ ରାଜ୍ୟ ସରକାର

### ଆଇନମନ୍ତ୍ରୀ, ଏଜିଙ୍କୁ ବହିଷ୍କାର ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୭।୬ (ନି.ପ୍ର): ରଥଯାତ୍ରା ବନ୍ଦ କରିବାକୁ ରାଜ୍ୟ ସରକାର ଭୟଙ୍କର ଷଡଯନ୍ତ୍ର ରଚିଥିଲେ।ଏପରିକି ଅଦାଲତଙ୍କ ଆଢୁଆଳରେ ଏକ ନିର୍ଦ୍ଦିଷ୍ଟ ଏନଜିଓ ସଂସ୍ଥା ସହ ଭିତିରିଆ ଫିକ୍ସିଂ କରିଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଘଟଣାରେ ଆଇନ୍ ମନ୍ତ୍ରୀ ଓ ଆଡଭୋକେଟ୍ ଜେନେରାଲଙ୍କୁ ଦାୟିତ୍ୱରୁ ହଟାଇବାକୁ କଂଗ୍ରେସ ଦାବି କରିଛି। ଏକ ଚାନେଲରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କର ସାକ୍ଷାତକାରକୁ ଆଧାର କରି କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ ପ୍ରକାଶ କରିଛନ୍ତି ଯେ କୋଟି କୋଟି ଓଡ଼ିଆ ଓ ଶ୍ରୀ ଜଗନ୍ନାଥପ୍ରେମୀଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ରାଜ୍ୟ ସରକାର। ଗଜପତି ମହାରାଜ କେବଳ ମହାପ୍ରଭୁଙ୍କ ଆଦ୍ୟ ସେବକ ନୁହନ୍ତି ସିଏ ଶ୍ରୀମନ୍ଦିର ପରିଚାଳନା କମିଟିର ମୁଖ୍ୟ ମଧ। ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନିଯାୟୀ ତାଙ୍କର ନିଷ୍ପତି ଚୂଡାନ୍ତ ଅଥଚ ରାଜ୍ୟ ସରକାର ତାଙ୍କ ତିନି ତିନିଟା ଚିଠିର ଉତର ମଧ ଦେଇନାହାନ୍ତି। ଏ ଘଟଣାରୁ ରାଜ୍ୟ ସରକାରଙ୍କ ଆଡଭୋକେଟ ଜେନେରାଲ ଓ ଆଇନ ମନ୍ତ୍ରୀଙ୍କ ଭୂମିକା ସନ୍ଦେହ ଘେରରେ। ଆଡଭୋକେଟ ଜେନେରାଲ ହେଉଛନ୍ତି ରାଜ୍ୟ ସରକାରଙ୍କ ମୁଖ୍ୟ ଆଇନ ପରାମର୍ଶଦାତା। ହାଇକୋର୍ଟ ରଥଯାତ୍ରା ନେଇ ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ଛାଡିବା ପରେ କିଏ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ ଚୁପ ବସି ପଡିବା ପାଇଁ ବୋଲି ଉତର କଂଗ୍ରେସ ଚାହୁଁଛି ବୋଲି ଶ୍ରୀ ନାୟକ କହିଛନ୍ତି। କଂଗ୍ରେସ ପ୍ରଥମରୁ କହିଆସୁଥିଲା ରଥଯାତ୍ରା ହେଉ ବୋଲି,ଏ ସଂକ୍ରାନ୍ତରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଚିଠି ଲେଖିଥିଲେ। ପୁରୀ ଜିଲ୍ଲା ଯୁବକଂଗ୍ରେସ ର ସାଧାରଣ ସମ୍ପାଦକ ବିଶ୍ୱନାଥ ଦାଶ ହାଇକୋର୍ଟ ଠୁଁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲେ। ତେଣୁ ପ୍ରଦେଶ କଂଗ୍ରେସ ଦାବି କରୁଛି ଯେ ଯଦି ନବୀନବାବୁ ମିଳିତଭାବେ ଏହି ଷଡଯନ୍ତ୍ର ରଚି ନାହାନ୍ତି ତେବେ ଆଡଭୋକେଟ ଜେନେରାଲଙ୍କୁ ବହିଷ୍କାର କରନ୍ତୁ ଏବଂ ଆଇନମନ୍ତ୍ରୀ ଙ୍କୁ ତୁରନ୍ତ ପଦବୀରୁ ହଟାନ୍ତୁ ବୋଲି ଶ୍ରୀ ନାୟକ କହିଛନ୍ତି।

## ୧୭ ଜିଲ୍ଲାରୁ ସୁସ୍ଥ ହେଲେ ୧୮୪ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୭।୬ (ନି.ପ୍ର): ରାଜ୍ୟର ୧୭ଟି ଜିଲ୍ଲାରୁ ଶନିବାର ଦିନ ୧୮୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୪୬୦୬କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗଂଜାମ ଜିଲ୍ଲାରୁ ସର୍ବାଧିକ ୪୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ୪୫ ଜଣ, ବାଲେଶ୍ୱର ଜିଲ୍ଲାରୁ ୩୧ ଜଣ, ଗଜପତି ଜିଲ୍ଲାରୁ ୧୨ ଜଣ, ଭଦ୍ରକ ଜିଲ୍ଲାରୁ ୧୦ ଜଣ, ଝାରସୁଗୁଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାରୁ ୬ ଜଣ ଲେଖାଏଁ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରୁ ୫ ଜଣ ଲେଖାଏଁ , ସୁନ୍ଦରଗଡ଼ ଜିଲ୍ଲାରୁ ୪ ଜଣ, ବଲାଙ୍ଗୀର ଓ କେନ୍ଦୁଝର ଜିଲ୍ଲାରୁ ୩ ଜଣ ଲେଖାଏଁ, କଟକ ଜିଲ୍ଲାରୁ ୨ ଜଣ, ଅନୁଗୁଳ, ଯାଜପୁର, କନ୍ଧମାଳ ଓ ମୟୂରଭଂଜ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ୨ ଲକ୍ଷ ୪୯ ହଜାର ୯୦୨ ଜଣଙ୍କର ନମୁନା ପରୀକ୍ଷା କରାଯାଇଛି। ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୬୩୫୦ ଜଣ ଲୋକ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ ଜଣଙ୍କର ମୃତ୍ୟୁ ହୋଇଛି।

## ଆଉ ୧୭୦ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୬୩୫୦କୁ ବୃଦ୍ଧି




ଭୁବନେଶ୍ୱର,୨୭।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୭୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୬୩୫୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୧୭୦ ଜଣଙ୍କ ମଧ୍ୟରୁ ୧୪୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଏନଡିଆରଏଫର ଜଣେ ଜବାନ ମଧ୍ୟ ଆକ୍ରାନ୍ତ ହୋଇଥିବା ଜଣା ପଡିଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୫୮ ଟି ନୂଆ ମାମଲା ସାମନାକୁ ଆସିଛି । ନବରଙ୍ଗପୁର ଜିଲ୍ଲାରେ ୧୯, ରାୟଗଡା ଜିଲ୍ଲାରୁ ୧, ଖୋର୍ଧା ଜିଲ୍ଲାରେ ▶▶ପୃଷ୍ଠା ୭

## ୫ ଆଇଏଏସଙ୍କୁ ସବ୍ କଲେକ୍ଟର ନିଯୁକ୍ତି

ଭୁବନେଶ୍ୱର,୨୭।୬ (ନି.ପ୍ର): ରାଜ୍ୟ ସରକାର ଓଡ଼ିଶା କ୍ୟାଡ଼ରର ୨୦୧୭ ବ୍ୟାଚର ୫ଜଣ ଆଇଏଏସଙ୍କୁ ସବ୍ କଲେକ୍ଟର ଭାବେ ନିଯୁକ୍ତି ମିଳିଛି। ଏହି ଅଫିସରମାନେ ଗତ ବର୍ଷକ ପୂର୍ବରୁ ନିଜର ପ୍ରଶିକ୍ଷଣ ଶେଷ କରି ଫେରିବାପରେ ରାଜ୍ୟ ସରକାର ସେମାନଙ୍କୁ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ନିଯୁକ୍ତି ଦେଇଥିଲେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ ୨୦୧୭ ବ୍ୟାଚ୍ ଆଇଏଏସ୍ ସୋମେଶ କୁମାର ଉପାଧ୍ୟାୟଙ୍କୁ ଟିଟିଲାଗଡ଼ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ଟିଟିଲାଗଡ଼ ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ସେ ବର୍ତମାନ ଓମଫେଡ୍ ସିଜିଏମ୍ ସହ ହକି ପ୍ରୋମୋସନ୍ କାଉନସିଲ ସିଇଓ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ୨୦୧୭ ବ୍ୟାଚ୍ ଆଇଏଏସ୍ ପି ଅନ୍ୱେଷା ରେଡ୍ଡୀଙ୍କୁ ବାରିପଦା ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ବାରିପଦା ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏବେ ସେ ଓଡ଼ିଶା ଖଣି ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଓଏମଇସିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ପାଟିଲ ଆଶିଷ ଈଶ୍ୱରଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେ ବାଲେଶ୍ୱର ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେ ଏବେ ଗ୍ରୀଡକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ▶▶ପୃଷ୍ଠା ୭

### ୨୪ ଘଂଟା ମଧ୍ୟରେ ୫୩୧୪ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୭।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୩୧୪ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୪୯୯୦୨ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ସୋମବାରଠାରୁ ଖୋଲିବ କରତାରପୁର କରିଡର



ନୂଆଦିଲ୍ଲୀ ,୨୭।୬ (ନି.ପ୍ର): ଆସନ୍ତା ଜୁନ୍ ୨୯ ତାରିଖ ସୋମବାର ଠାରୁ ପୁଣି କରତାରପୁର କରିଡର୍ ଖୋଲିବ। କରିଡର୍ ଖୋଲିବାକୁ ପାକିସ୍ତାନ ପ୍ରସ୍ତୁତ ଥିବା ସୂଚନା ମିଳିଛି। କୋଭିଡ୍-୧୯ ସଂକ୍ରମଣ ରୋକିବାକୁ ସତର୍କତାମୂଳକ ପଦକ୍ଷେପସ୍ୱରୂପ କରିଡର୍ ବନ୍ଦ ରଖାଯାଇଥିଲା। ଏସମ୍ପର୍କରେ ଘୋଷଣା କରି ଶନିବାର ଦିନ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଶାହା ମେହମୁଦ୍ କ୍ୟୁରେଶି ଟୁଇଟ୍ କରିଛନ୍ତି ଯେ ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଶିଖ୍ ସାମ୍ରାଜ୍ୟର ସଂସ୍ଥାପକ ମହାରାଜା ରଣଜୀତ ସିଂହଙ୍କ ଶ୍ରାଦ୍ଧ ଦିବସରେ ଏଭଳି ନିଷ୍ପତି ଗ୍ରହଣ କରାଯାଇଛି। ▶▶ପୃଷ୍ଠା ୭

### ରାଜ୍ୟରେ କରୋନାରେ ଆଉ ଏକ ମୃତ୍ୟୁ

ଭୁବନେଶ୍ୱର,୨୭।୬ (ନି.ପ୍ର): ରାଜ୍ୟରେ ଶନିବାର ଦିନ ପୁଣି ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଗଞ୍ଜାମ ଜିଲ୍ଲାର ଜଣେ ୬୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହା ଯାଇଛି ଯେ ମୃତକ ହାଇପରଟେନସନ୍ ଓ ମଧୁମେହ ଭଳି ରୋଗରେ ମଧ ପୀଡ଼ିତ ଥିଲେ। ଏହାଫଳରେ ଗଞ୍ଜାମ ଜିଲ୍ଲାରେ କରୋନାଜନିତ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଏହାଛଡ଼ା ଏଯାବତ୍ ରାଜ୍ୟରେ ୧୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି।

## ହୀରାକୁଦ ଜଳ ଭଣ୍ଡାରରୁ ୧୫ ଗେଟ୍ ଖୋଲା



ଭୁବନେଶ୍ୱର,୨୭।୬ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଛତିଶଗଡ଼ଠାରେ ବର୍ଷା ଲାଗି ରହିବା ଫଳରେ ସମ୍ପୃକ୍ତ ଜଳଭଣ୍ଡାର ଗେଟ୍ ଗୁଡ଼ିକ ଖୋଲିବା ସଂଖ୍ୟା ବୃଦ୍ଧି କରାଯାଇଛି । ଗତ ୨୫ ତାରିଖରେ ୧୦ଟି ଗେଟ୍ ଖୋଲାଯାଇଥିଲା ବେଳେ ଏହାକୁ ମିଶାଇ ଆଜି ୧୫ଟି ଗେଟ୍ ଖୋଲାଯାଇଛି । ସନ୍ଧ୍ୟା ୬ଟାରେ ମିଳିଥିବା ସୂଚନା ଅନୁଯାୟୀ ଜଳଭଣ୍ଡାର ଭିତରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୪୬୫ହଜାର ୫୨୬ ଘନଫୁଟ ପାଣି ଛଡ଼ାଯାଉଛି । ଏହି ସମୟରେ ୭୭ ହଜାର ୧୩ ଘନଫୁଟ ପାଣି ପ୍ରବେଶ କରୁଛି । ଖଇରାମାଳଠାରେ ୨ ଲକ୍ଷ ୭୭ ହଜାର ୫୦୦ ଘନଫୁଟ ପାଣି ପ୍ରବାହିତ ହେଉଥିଲା ବେଳେ ବରମୂଳରେ ୧ ଲକ୍ଷ ୮୮ ହଜାର ୭୫୦ ଘନଫୁଟ ପାଣି, ମୁଣ୍ଡୁଳିରେ ୭୧ ହଜାର ଘନଫୁଟ ପାଣି ପ୍ରବାହିତ ହେଉଛି ବୋଲି ଏସ.ଆର.ସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

### ବିଶ୍ୱ ଏମଏସଏମଇ ଦିବସ ଅବସରରେ ଓଡିଆ ସମାଜର ୱେବିନାରରେ କେନ୍ଦ୍ରମନ୍ତ୍ରୀ

## ଓଡିଆ ଯୁବ ବ୍ୟବସାୟୀଙ୍କୁ ଉଦ୍ୟମୀ ବନାଇବା ପାଇଁ ଦାୟିତ୍ୱ ନେବାକୁ ଆହ୍ୱାନ କଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୭।୬ (ନି.ପ୍ର): ବିଶ୍ୱ ଏମଏସଏମଇ ଦିବସରେ ନୂଆଦିଲ୍ଲୀର ଓଡିଆ ସମାଜ ପକ୍ଷରୁ ଶନିବାର ଆୟୋଜିତ ୱେବିନାର 'ଓଡିଶାରେ ଏମଏସଏମଇ ନିମନ୍ତେ ଆର୍ଥିକ ପ୍ୟାକେଜ୍ ଏବଂ ସୁଯୋଗ'ରେ ଭିଡିଓ କନଫରେନ୍ସିଂରେ ସାମିଲ ହୋଇ ଓଡିଆ ଯୁବ ବ୍ୟବସାୟୀଙ୍କୁ ଉଦ୍ୟମୀ ବନାଇବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡିଶାରେ ଏମଏସଏମଇ ସମେତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରର ବିକାଶ କରିବା ପାଇଁ ଅର୍ଥ, ଦକ୍ଷତା, କଂଚାମାଲ, ପରିଶ୍ରମୀ ମାନବସମ୍ବଳ, ନିଜସ୍ୱ ବଜାର ଭଳି କୌଣସି ଜିନିଷର ଅଭାବ ନାହିଁ । ଭାରତ ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଏମଏସଏମଇ ପାଇଁ ବଡ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଓଡିଶାର ଭିତିଭୂମି ଓ ଭୌଗଳିକ ସ୍ଥିତି ଭାରତବର୍ଷର ଅନ୍ୟ ଅଂଚଳ ତୁଳନାରେ ଭିନ୍ନ ଏବଂ ଅପୂର୍ବ ସମ୍ଭାବନାର କ୍ଷମତା ରଖୁଛି । ବିଶ୍ୱ ବାଣିଜ୍ୟ ସହ ନିଜକୁ ଯୋଡିବାରେ ଓଡିଶାରେ ପର୍ଯ୍ୟାପ୍ତ ଭିତିଭୂମି ଅଛି। ଏ ଦିଗକୁ ଲକ୍ଷ୍ୟରେ ରଖି ଓଡିଶାକୁ ନୂଆ ରାସ୍ତାରେ ନେବା ପାଇଁ ପଡିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବର୍ତମାନ ପରିସ୍ଥିତିରେ ଓଡିଆ ଲୋକଙ୍କର ଅଧିକ ଭୂମିକା ରହିବା ଦରକାର । ଓଡିଶାରେ ଏମଏସଏମଇ କ୍ଷେତ୍ରରେ ସୁଯୋଗ ତିଆରି କରିବା ପାଇଁ ବିଧିବଧ ଯୋଜନା ପ୍ରସ୍ତୁତ କରାଯାଉ। ଓଡିଶା ଭଳି ରାଜ୍ୟରେ ବ୍ୟାଙ୍କର୍ସ ଏବଂ ଉଦ୍ୟୋଗୀ ମାନଙ୍କ ମଧ୍ୟରେ ଇକୋସିଷ୍ଟମ ତିଆରି କରାଯାଉ । ସେ କହିଛନ୍ତି ଦେଶ ଓ ଦେଶ ବାହାରେ ଓଡିଆମାନେ ଭଲ କାମ କରୁଛନ୍ତି ଏବଂ ଆର୍ଥିକ ସମ୍ବନ୍ଧୀୟ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି। ରିଜର୍ଭ ବ୍ୟାଙ୍କ୍, ସେୟାର ମାର୍କେଟ, ବ୍ୟାଙ୍କିଂ ଜଗତ କିମ୍ବା ଆକାଉଟିଂ ଏବଂ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ଓଡିଆ ଲୋକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାମ କରୁଛନ୍ତି । ଏହି ଲୋକମାନେ ହିଁ ନିଜର ଦାୟିତ୍ୱକୁ ଓଡିଆ ଲୋକଙ୍କ କାମରେ ଉପଯୋଗ କରନ୍ତୁ । ଆନୁଷଙ୍ଗିକ କ୍ଷେତ୍ର ସମେତ ଅର୍ଥନୈତିକ ବଜାରକୁ ମଧ୍ୟ ଗୁରୁତ୍ୱ ଦିଆଯାଉ । ତାମିଲନାଡୁ ବିଶ୍ୱ ଆକାଂଉଟିର ବ୍ୟାକ୍ ଅଫିସ ବନେଇପାରିବା ଭଳି ଓଡିଶାର ଭୁବନେଶ୍ୱରରେ ମଧ୍ୟ ଏହିଭଳି ପ୍ରତିଷ୍ଠାନ ତିଆରି କରାଯାଇପାରିବ ବୋଲି କହିବା ସହ ଓଡିଶା ସରକାରଙ୍କ ଅଧିକାରୀଙ୍କୁ ଅର୍ଥନୈତିକ ବଜାରକୁ ମଧ୍ୟ ଏକ କ୍ଷେତ୍ର ଭାବରେ ଗୁରୁତ୍ୱ ଦେବାକୁ ଶ୍ରୀ

## ଦେଶରେ କରୋନା ମାମଲା ୫ ଲକ୍ଷ ଅତିକ୍ରମ କଲା

### ଗତ ୨୪ ଘଂଟାରେ ଦେଶରେ ୧୮,୫୫୨ଟି କରୋନାର ନୂଆ ମାମଲା, ୩୮୪ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୭।୬ (ନି.ପ୍ର): ଦେଶରେ କରୋନା ରୋଗୀମାନଙ୍କ ସଂଖ୍ୟା ୫ ଲକ୍ଷ ଅତିକ୍ରମ କରିଛି । ଗତ ୨୪ଘଂଟା ମଧରେ, ୧୮,୫୫୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ୫,୦୮,୯୫୩ କୁ ବୃଦ୍ଧି ପାଇଛି ଗତ ୨୪ଘଂଟା ମଧରେ କରୋନା ଠାରୁ ୩୮୪ ଜଣଙ୍କର ମୃତ୍ୟୁ ହୋଇଛି । ଏହା ସହିତ ଏହି ରୋଗରେ ମୋଟ ମୃତ୍ୟୁ ସଂଖ୍ୟା ୧୫୬୮୫ ରେ ପହଂଚିଛି। ଶନିବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ୧୯୭୩୮୭ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ, ଏକ ଭଲ ଖବର ଯେ ଗତ ୨୪ଘଂଟା ମଧରେ, କରୋନାର ୧୦୨୪୩ ରୋଗୀ ସୁସ୍ଥ ହୋଇଯାଇଛନ୍ତି। ଦେଶରେ ମୋଟ ୨୯୫୮୮୦ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

# ବାରିପଦା ଅର୍ବାନ ବ୍ୟାଙ୍କର ଜମାକାରୀଙ୍କୁ ମିଳିଲା ଆଶ୍ୱସ୍ତି

## ୭୨ ହଜାର ଜମାକାରୀ ଫେରିପାଇବେ ନିଜ ଜମାଅର୍ଥ



ବାରିପଦା, ୨୭/୬ (ହି.ସ.): ବାରିପଦା ଅର୍ବାନ କୋପରେଟିଭ ବ୍ୟାଙ୍କର ଜମାକାରୀଙ୍କ ବହୁ ଦିନର ଦୁଃଖ ଲାଘବ ହୋଇଛି ।ବହୁ ଦିନ ପରେ ଜମାକାରୀମାନଙ୍କୁ ମିଳିଲା ଆଶ୍ୱସ୍ତିକର ଖବର । ଭାରତୀୟ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଦ୍ୱାରା ଲାଇସେନ୍ସ ବାତିଲ କରାଯାଇଥିବା । ବାରିପଦା ଅର୍ବାନ କୋପରେଟିଭ ବ୍ୟାଙ୍କର ୭୨ ହଜାର ଜମାକାରୀ ସେମାନଙ୍କ ଜମା ଅର୍ଥ ଫେରସ୍ତ ପାଇବେ। କୋଭିଡ୍ ଭଳି ସଙ୍କଟଜନକ ସ୍ଥିତିରେ ଏହି ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ଏହି ଅର୍ବାନ କୋପରେଟିଭ ବ୍ୟାଙ୍କ ଦାୟିତ୍ୱରେ ଥିବା ବାରିପଦା ଅତିରିକ୍ତ ଜିଲ୍ଲାପାଳ ଏଥି ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି ।ଉଲ୍ଲେଖଯୋଗ୍ୟ ଯେ, ବାରିପଦା ଅର୍ବାନ କୋପରେଟିଭ ବ୍ୟାଙ୍କର ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ଏହାର ଲାଇସେନ୍ସକୁରିଜର୍ଭ ବ୍ୟାଙ୍କ ୨୦୧୪ରେ ବାତିଲ କରି ଦେଇଥିଲା । ଏହାକୁ ଚାଲେ କରି ହାଇକୋର୍ଟରେ ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ବ୍ୟାଙ୍କର ଲିକୁଇଡେସନ୍ ଉପରେ ରହିତାଦେଶ ଜାରି କରିଥିଲେ ମଧ୍ୟ ଏଥିରେ ଜମା କାହାର ଗ୍ରହଣ ନକରିବାକୁ ଆଦେଶ ଦେଇଥିଲେ । ମାମଲାର ଶୁଣାଣି ସମୟ ମଧ୍ୟରେ ବ୍ୟାଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସି ଥିଲା । ଅପରପକ୍ଷରେ ବ୍ୟାଙ୍କର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଦେବାଲାଗି ପ୍ରତିଶ୍ରୁତି ଦେଇଥିଲେ । ଏ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । କିନ୍ତୁ ରିଜର୍ଭ ବ୍ୟାଙ୍କର କଟକଣା ପାଇଁ ଏଥିରେ ଥିବା ୭୨ ହଜାର ଜମାକାରୀ ସେମାନଙ୍କ ଅର୍ଥ ଉଠାଇ ପାରୁନଥିଲେ। ଏ ସଂକ୍ରନ୍ତରେ ହାଇକୋର୍ଟକୁ ଅବଗତ କରାଯାଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ଆସିବା ପରେ ବାରିପଦାରେ ବିଶେଷ କରି ଜମାକାରୀ ମହଲରେ ଖୁସିର ଲହରୀ ଖେଳି ଯାଇଛି ।

# ଅବହେଳିତ ଦିବ୍ୟାଙ୍ଗ ଶିଶୁକନ୍ୟାକୁ ଗ୍ରହଣ କରିବାକୁ ପରିବାର ଲୋକେ ନାରାଜ

ଧର୍ମଶାଳା, ୨୭/୬ (ହି.ସ.): ଯେତେ ପ୍ରକାର ସଚେତନ କରାଇଲେ ମଧ୍ୟ ଜନ ସମାଜ ସଚେତନ ହେଉନଥିବା ଦେଖିବାକୁ ମିଳିଛି । ଆଜି ମଧ୍ୟ ଶିଶୁ କନ୍ୟା ଆଲୋଡା ହୋଇପଡିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ଖଣ୍ଡାସ ଗ୍ରାମର ଦଳିତ ସାହିରେ । ଏହି ଗ୍ରାମର ଜଣେ ଦିବ୍ୟାଙ୍ଗ ଶିଶୁ କନ୍ୟାକୁ ଗ୍ରହଣ କରିବାକୁ ପରିବାର ଲୋକେ ନାରାଜ । ଏହି ଖବର ପାଇ ସ୍ଥାନୀୟ ସାମାଜିକ କର୍ମୀ ମଂଟୁ ଦାସ ଏନେଇ ଯାଜପୁର ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ନିରଞ୍ଜନ କରଙ୍କୁ ଅବଗତ କରାଇଥିଲେ । ଆଜି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ସୁରକ୍ଷା ୟୁନିଟର ମିହିର ପ୍ରସାଦ ଜେନା ଓ ଶିଶିର କୁମାର ମଲ୍ଲିକ ପ୍ରମୁଖ ଖଣ୍ଡାସ ଗ୍ରାମରେ ପଂହଚି ତଦନ୍ତ କରିଥିଲେ । ଏହି ତଦନ୍ତରେ ରସୁଲପୁର ବ୍ଲକ ମଧୁବନସ୍ଥିତ ବଣ୍ଡରା ଗ୍ରାମର ଅରୁଣ ମଲ୍ଲିକଙ୍କ ଘର । ୫ ପିଲାଛୁଆଙ୍କୁ ନେଇ ତାଙ୍କ ପରିବାର । ପରିବାରରେ ୪ ପୁଅ ଓ ଜଣେ ଦେଢ ବର୍ଷର ଶିଶୁକନ୍ୟା । ମା' ଶିଶୁ କନ୍ୟାଟିକୁ ଜନ୍ମ ଦେବା ପରେ ପରେ ରକ୍ତ ଅଭାବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମାତ୍ର ସ୍ତ୍ରୀ ମରିଯିବା ପରେ ସମସ୍ତ ପିଲାମାନଙ୍କୁ ରଖିବାକୁ ଅରାଜି ହେଲା ବାପା । ଶିଶୁମାନେ ଅସୁବିଧାରେ ସମ୍ମୁଖୀନ ହେବା ପରେ ସେମାନେ ଖଣ୍ଡାସସ୍ଥିତ ମାମୁଁ ଘରେ ଆଶ୍ରୟ ନେଇଥିଲେ । ମାଉସୀ ବିନୀତା ମଲ୍ଲିକ ସେମାନଙ୍କର ଦେଖାଶୁଣା କରୁଥିଲେ । ବିନୀତାଙ୍କ ଆର୍ଥିକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବା ପରେ ଏହି ସମସ୍ତ ପିଲାମାନେ ଉପଯୁକ୍ତ ଖାଦ୍ୟ ପାଇପାରିଲେ ନାହିଁ । ତେଣୁ ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସରକାରୀ ସହାୟତା ପାଇଁ ଆବେଦନ କରିଛନ୍ତି । ଏବଂ ଉକ୍ତ ପିଲାମାନେ ଏବେ ଖାଦ୍ୟ ଅଭାବରୁ ଅପପୃଷ୍ଟିର ଶିକାର ହେବା ସହିତ ରକ୍ତହିନତା ରୋଗରେ ପୀଡିତ ଥିବା ଶିଶୁ ସୁରକ୍ଷା ୟୁନିଟ୍ ଜାଣିବାକୁ ପାଇଥିଲେ । ଏନେଇ ସେମାନେ ସମସ୍ତ ତଥ୍ୟ ଶିଶୁ ମଙ୍ଗଳ କମିଟିକୁ ପ୍ରଦାନ କରିବା ପରେ ସରକାରୀ ନିୟମ ଅନୁଯାୟୀ ଶିଶୁମାନଙ୍କୁ ଥଇଥାନ କରାଯିବ ବୋଲି ଶିଶୁ ସୁରକ୍ଷା ୟୁନିଟ୍ ସୂଚନା ଦେଇଛନ୍ତି ।

### ଉଲିବ୍ରର ଖଣି ଦୁର୍ନୀତି ମାମଲା : ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ହାଇକୋର୍ଟରୁ ଏକ ମାସ ଲାଗି ସର୍ତ୍ତମୂଳକ ଅନ୍ତରୀଣ ଜାମିନ୍

କଟକ, ୨୭/୬ (ହି.ସ.): ଉଲିବ୍ରର ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ହାଇକୋର୍ଟରୁ ଏକ ମାସ ଲାଗି ମିଳିଛି ସର୍ତ୍ତମୂଳକ ଅନ୍ତରୀଣ ଜାମିନ୍ । ୧ କୋଟି ଟଙ୍କାର ଅର୍ଥ ରାଶି ଜମା କରି ସେ ଜାମିନ୍ ରେ ଯାଇପାରିବେ। ୨ କୋଟି ଟଙ୍କାର ଦୁଇ ଜଣ ଜାମିନଦାର ବଦଳରେ ସେ ଜାମିନରେ ଯିବେ । ପାସପୋର୍ଟ ଦାଖଲ ଏବଂ ଆଉ କେତେକ ସର୍ତ ସହିତ କୋର୍ଟ ତାଙ୍କୁ ଏହି ଜାମିନ୍ ପ୍ରଦାନ କରିଛନ୍ତି ।

# କେନ୍ଦୁଝରରେ ପୁଣି ୨ କରୋନା ଆକ୍ରାନ୍ତ ଚିହ୍ନଟ: ଆକ୍ରନ୍ତଙ୍କ ସଂଖ୍ୟା ୧୦୭କୁ ବୃଦ୍ଧି :ସୁସ୍ଥ ହେଲେ ୭୬

କେନ୍ଦୁଝର, ୨୭/୬ (ହି.ସ.): କେନ୍ଦୁଝର ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମାନଙ୍କ ଆସିବା କମୁ ନଥିବା ବେଳେ ଜିଲ୍ଲାରେ କରୋନା ଆକ୍ରନ୍ତଙ୍କ ସଂଖ୍ୟା ମଧ୍ୟ କମିବାର ନାମ ମଧ୍ୟ ଧରୁନାହିଁ । ପ୍ରାୟ ପ୍ରତ୍ୟେକ ଦିନ ନଚେତ ଦିନେ ଦୁଇଦିନରେ ଜିଲ୍ଲାରେ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ପ୍ରାୟତଃ ଚିହ୍ନଟ ଅଧିକାଂଶ ଆକ୍ରାନ୍ତ ମାନେ କ୍ୟୁରେଂଟାଇନ କେନ୍ଦ୍ରରୁ ହିଁ ଆସୁଛନ୍ତି । ଶୁକ୍ରବାର ଦିନ ଜିଲ୍ଲାରେ ପୁଣି ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଗତ ୨୪ ଘଂଟା ମଧ୍ୟରେ ଶୁକ୍ରବାର ଦିନ ସକାଳ ୯ ଟା ସୁଦ୍ଧା ଏହି ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ଏବେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୭ କୁ ବୃଦ୍ଧି ପାଇଛି । ଚିହ୍ନଟ କରୋନା ଆକ୍ରାନ୍ତ ଦ୍ୱୟ ଙ୍କ ମଧ୍ୟରୁ ଜଣେ ତାମିଲନାଡୁ ଓ ଅନ୍ୟ ଜଣେ ମହାରାଷ୍ଟ୍ର ରାଜ୍ୟରୁ ଫେରିଥିଲେ । ଏବଂ ସେଠାରୁ ଫେରିବା ପରେ ସେମାନେ ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ବ୍ଲକ ଅସ୍ଥାୟୀ ମେଡିକାଲ କ୍ୟରେଟଂାଇନ କେନ୍ଦ୍ରରେ ରହୁଥିଲେ । ଜିଲ୍ଲାରେ ବର୍ତ୍ତମାନ ଆକ୍ଟିଭ କେଶ ୩୧ କୁ ଖସି ଆସିଥିବା ବେଳେ ସୁସ୍ଥହୋଇ ଘରକୁ ଫେରିଥିବା ସଂଖ୍ୟା ୭୬ ରେ ପହଞ୍ଚି ଥିବା ପ୍ରଶାସନ ପକ୍ଷରୁ ସୁଚନା ମିଳିଛି ।

### ଘରପୋଡି ବିପନ୍ନଙ୍କୁ ସହାୟତା ଦିଆଗଲା

କେନ୍ଦ୍ରାପଡ଼ା, ୨୭/୬ (ହି.ସ.): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଅରଡାସାହି ଗ୍ରାମରେ ଗତ ଦୁଇଦିନ ତଳେ ଗ୍ୟାସ ଟାଙ୍କି ଲିକ ହୋଇ ଅଗ୍ନିକାଣ୍ଡ ଘଟି ଦୟାନିଧି ଦାସଙ୍କର ଦୁଇ ବଖରା ଘର ପୋଡି ନଷ୍ଟ ହୋଇଯାଇଥିଲା । ତେବେ ଶୁକ୍ରବାର ଦିନ କେନ୍ଦ୍ରାପଡା ବ୍ଲକ ଅଧକ୍ଷ ସ୍ଥାନୀୟ ସରପଂଚ ପ୍ରତିନିଧି କୈଳାସ ପ୍ରଧାନ , ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ ପ୍ରମୁଖଙ୍କ ସହିତ ଘଟଣା ସ୍ଥଳରେ ପହଁଚି ସହାୟତା ପ୍ରଦାନ କରିଥିଲେ । କେନ୍ଦ୍ରାପଡା ତହସିଲଦାରଙ୍କ ପକ୍ଷରୁ ଦୟାନିଧିଙ୍କୁ ପାଲ ଓ ଆର୍ଥିକ ସହାୟତା ଦିଆ ଯାଇଥିବାର ଜଣାପଡିଛି ।

# ଅଚାନକ ଗାଡି ସାମ୍ନାକୁ ଆସିଲା ଗାଈ, ଅଳ୍ପକେ ବର୍ତ୍ତିଲା କାର ସହ ଯାତ୍ରୀ

ଧର୍ମଶାଳା, ୨୭/୬ (ହି.ସ.): ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ଯାତ୍ରୀ ସହ କାର । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ବଡଚଣା ଛକ ନିକଟରେ । ଅଚାନକ କାର ସାମ୍ନାକୁ ଏକ ଗାଈଟିଏ ପଶି ଯିବାରୁ ଗାଡିଟି ଭାରସାମ୍ୟ ହରାଇ ରାଜପଥ ଉପରେ ଓଲଟି ପଡିଥିଲା । ଏଥିରେ ଭୁବନେଶ୍ୱରରୁ କେନ୍ଦୁଝର ଅଭିମୁଖେ ଯାଉଥିବା ୩ ଜଣ ଯାତ୍ରୀ ଅଳ୍ପକେ ବର୍ତି ଯାଇଥିଲେ । ଖବର ପାଇ ବଡଚଣା ପୁଲିସ ଘଟଣାସ୍ଥଳରେ ପଂହଚି ରାସ୍ତା ଉପରୁ କ୍ରେନ ଦ୍ୱାରା ଗାଡିଟିକୁ ଉଠାଇ ଯାତ୍ରାମାନଙ୍କୁ ଗାଡି ଭିତରୁ ବାହାର କରି ସେମାନଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ।

# ଅବାଧ ଗଞ୍ଜେଇ ଚାଷ ଓ ବ୍ୟବସାୟର ହବ : ବୌଦ୍ଧ ଜିଲ୍ଲା

## ନାମକୁ ମାତ୍ର ସଚେତନତା କାର୍ଯ୍ୟକ୍ରମ, ଜିଲ୍ଲାରେ ନା ଅଛନ୍ତି କର୍ମଚାରୀ , ନା ଅଛି ଆଗ୍ରହ

ବୌଦ୍ଧ, ୨୭/୬ (ହି.ସ.): ବୌଦ୍ଧ ଠାରେ ଆଜି ଜିଲା ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ, ନିଶା ଦ୍ରବ୍ୟର ଦୁରୁପଯୋଗ ଓ ବେଆଇନ ନିଶା ଦ୍ରବ୍ୟ କାରବାର ବିରୋଧରେ ଜିଲାସ୍ତରୀୟ ଅନ୍ତଃରାଷ୍ଟ୍ରିୟ ଦିବସ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଅଛି । ମାତ୍ର ଏ ସଚେତନତା କଣ ପାଇଁ ? ସେ ନେଇ ସାଧାରଣରେ ଅନେକ ପ୍ରଶ୍ନ ନେଇ ଚର୍ଚ୍ଚା ହେଉଛି । ଜିଲାରେ ଅବାଧ ଗଞ୍ଜେଇ ଚାଷ ଓ ବ୍ୟବସାୟ ପ୍ରତିଦିନ ବୃଦ୍ଧି ପାଇ ଏବେ ଏହା ଗଞ୍ଜେଇ କାରବାରର ରାଜଧାନୀ ବୋଲି କୁଖ୍ୟାତି ଅର୍ଜନ କରୁଅଛି । ଜିଲାର ପ୍ରତ୍ୟେକ ଗ୍ରାମ ଓ ସହରରେ ପ୍ରଚୁର ପରିମାଣର ମଦ ବ୍ୟବସାୟ ଚାଲିଥିବା ବେଳେ ଅବକାରୀ ବିଭାଗ ନିରବ ଦ୍ରଷ୍ଟା ସାଜିଅଛି । କାରଣ ପଚାରିଲେ କର୍ମଚାରୀ ଅଭାବ ଭଳି ଏକ ଚିରାଚରିତ ଉ ର ଶୁଣିବାକୁ ମିଳେ । ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କର ବିଭିନ୍ନ କାରଣରୁ ଆଗ୍ରହ ଥିବା ଭଳି ଜଣାପଡେ ନାହିଁ । ମୁଖ୍ୟତଃ ସେମାନଙ୍କ ପାଖରେ ନା ଅଛି ବନ୍ଧୁକ ନା ଅଛି ଅନ୍ୟ ଜିନିଷ, ସେମାନେ କେଉଁ ସାହାସରେ ମାଫିଆ ମାନଙ୍କ ସମ୍ମୁଖିନ ହେବେ ? ଜିଲାରେ ମୁଖ୍ୟତଃ ଗଞ୍ଜେଇ ଚାଷ ଓ କାରବାର ଉପରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ହେଉଛି ମାତ୍ର ତାହା ସମୁଦ୍ର କୁ ଶଂଖେ ସଦୃଶ । ଜିଲାର ଅନେକ ଗ୍ରାମ ଓ ଅଂଚଳରେ ଲୋକେ ସଚେତନ ହୋଇ ମଦର ବେଆଇନ କାରବାର ବିରୋଧରେ ସଂଗ୍ରାମ ଓ ଆନ୍ଦୋଳନ କରୁଛନ୍ତି । ମାତ୍ର ସେସବୁକୁ ବନ୍ଦ କରିବାରେ ଜିଲା ପ୍ରଶାସନର ଆଗ୍ରହର ଅଭାବ ଦେଖିବାକୁ ମିଳୁଛି । ଫଳରେ ଜିଲାରେ ଦିନକୁ ଦିନ ମଦ, ଗଞ୍ଜେଇ ଓ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି । ବୌଦ୍ଧ ଜିଲା ଗଞ୍ଜେଇ ଚାଷର ଭୂସ୍ୱର୍ଗ ପାଲଟିଛି । ସ୍ୱଳ୍ପ ସମୟରେ ଅଧିକ ଲାଭ ଲୋଭରେ ପ୍ରତିବର୍ଷ ଚାଷ ଓ ଚାଷିଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି । ପ୍ରତି ବର୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୋଲିସ୍ ଓ ମାଜିଷ୍ଟ୍ରେଟ୍ ଙ୍କ ଉପସ୍ଥିତିରେ ଲକ୍ଷ ଲକ୍ଷ ଗଞ୍ଜେଇ ଗଛ କଟାଯାଉଥିବା ବେଳେ କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଉଛି । ମାତ୍ର ଏତେ ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରାଯାଉଥିବା ନେଇ ବିଭିନ୍ନ ବିଭାଗ ପକ୍ଷରୁ ଦର୍ଶାଯାଉଥିବା ବେଳେ ଗଞ୍ଜେଇ ଚାଲାଣ କମିବାର ନା ଧରୁନି । ପଡୋଶୀ ଜିଲା ଗୁଡିକରେ ଧରାପଡୁଥିବା ଗଞ୍ଜେଇ ଚାଲାଣର ସିଂହ ଭାଗ ବୌଦ୍ଧ ଜିଲାରୁ ହିଁ ଚାଲାଣ ହୋଇଥାଏ । ଜିଲାରୁ ରାଜ୍ୟ ସରକାର ଅବକାରୀ ବିଭାଗରୁ ପ୍ରତିବର୍ଷ ୧୨ କୋଟି ଟଙ୍କାର ରାଜସ୍ୱ ନେଉଥିବା ବେଳେ ବିଭାଗୀୟ ଭିତିଭୂମୀ ପ୍ରତି ନଜର ଦେଉନାହାନ୍ତି । ଜିଲାରେ ଅନେକ ବର୍ଷ ହେଲା ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି । କର୍ମଚାରୀମାନଙ୍କ ପାଖରେ ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ନଥିବା ବେଳେ ତାଲିମର ଅଭାବ ରହିଥିବା ଯୋଗୁଁ ଆଧୁନିକ ସୁବିଧା ବ୍ୟବହାର କରୁଥିବା ମାଫିଆ ମାନଙ୍କୁ ସମ୍ମୁଖିନ ହେବାର ସାହାସ ମଧ୍ୟ ଅନେକ କର୍ମଚାରୀ କରିପାରୁନାହାନ୍ତି । ଅନ୍ୟପକ୍ଷରେ ମଦ ଓ ଗଞ୍ଜେଇ ବ୍ୟବସାୟି ଓ ମାଫିଆ ମାନଙ୍କ ସହିତ ଅବକାରୀ , ପୋଲିସ ଓ ଜଙ୍ଗଲ ବିଭାଗୀୟ କର୍ମଚାରୀଙ୍କ ପରୋକ୍ଷ ସହାୟତା ଜିଲାରେ ନିଶା ଦ୍ରବ୍ୟର ଦୁରୂପଯୋଗ ଓ ବେଆଇନ ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଉଥିବା ନେଇ ସର୍ବଦା ଅଭିଯୋଗ ହେଉଅଛି ।

# ଓଡିଶା ମଟର ଟ୍ରାନ୍ସପର୍ଟ ୱ୍ୱାର୍କସ ୟୁନିୟନ ତରଫରୁ ଅହେତୁକ ତୈଳଦର ପ୍ରତିବାଦରେ ବିକ୍ଷୋଭ




ବାରିପଦା, ୨୭/୬ (ହି.ସ.): ଆଜି ଓଡିଶା ମଟର ଟ୍ରାନ୍ସପର୍ଟ ୱ୍ୱାର୍କସ ୟୁନିୟନ ତରଫରୁ ବାରିପଦା ଠାରେ ସରକାରଙ୍କ ଅହେତୁକ ପେଟ୍ରଲ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାର ଦେଖିବାକୁ ମିଳିଥିଲା । ସରକାରଙ୍କ ଏଭଳି ବେଆଇନ ଭାବରେ ଅହେତୁକ ତୈଳ ଦରବୃଦ୍ଧି ପ୍ରତିବାଦରେ ଆଜି ସାରା ଦେଶରେ ପ୍ରତିବାଦ କରାଯାଉଥିବା ବେଳେ ବାରିପଦା ଶାଖା ୟୁନିୟନ ତରପରୁ ୟୁନିୟନର କର୍ମକର୍ତା ମାନେ ଏକ ଶୋଭାଯାତ୍ରାରେ ସରକାରଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହିତ ଦୃଢ ପ୍ରତିବାଦ ଜଣାଇଥିଲେ । ଏଥି ସହିତ ମଟର ୱ୍ୱାର୍କର ମାନଙ୍କର ସୁରକ୍ଷା ବିଷୟରେ ସରକାର ଅଧିକ ଧ୍ୟାନ ଦେବା ଜରୁରୀ ବୋଲି ମଧ୍ୟ ଦାବୀ ଜଣାଇଥିଲେ । କରୋନା ମହାମାରୀ ସମୟରେ ମଟର ୱ୍ୱର୍କର ମାନେ ନିଜ ଜୀବନକୁ ବାଜି ଲଗାଇ ସରକାରଙ୍କ ନିର୍ଦ୍ଦେଶ ମାନି କାର୍ଯ୍ୟକରିଥିଲେ ମଧ୍ୟ ସେମାନଙ୍କୁ ଉଚିତ ସହାୟତା ସରକାରଙ୍କ ତରପରୁ ଯୋଗାଇ ଦିଆଯାଇ ନଥିବାର ଅଭିଯୋଗ ମଧ୍ୟ କରିଛନ୍ତି ।

### ସହିଦ ଯବାନଙ୍କ ଅମର ଆତ୍ମା ପାଇଁ ଦୀପଦାନ

କେନ୍ଦ୍ରାପଡ଼ା, ୨୭/୬ (ହି.ସ.): ଭାରତ ଓ ଚୀନ ସୀମାରେ ସହିଦ ହୋଇଥିବା ୨୦ ଜଣ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ଦ୍ୱୀପଦାନ କରାଯାଇଛି । କେନ୍ଦ୍ରାପଡା ସହରସ୍ଥ ଟାଉନ ବଳରାମପୁର ଗାଁରେ ବରିଷ୍ଠ ନାଗରିକ ମାନେ ସୟତାନୀୟ ଗ୍ରାମ ଦେବତୀ ମନ୍ଦିର ପରିସର ରେ ସମୂଷ ଦ୍ୱୀପଦାନ କରାଯାଇଥିଲା । ଏଥିରେ ଶିକ୍ଷକ ପାର୍ଥ ସାରଥୀ ବେହେରା, ଗୋପାଳ ଚରଣ ଦାସ, ଫକୀର ଚରଣ ସେନାପତି ଚକ୍ରଧର ଦାସ, ଅଶୋକ ମହାରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଧାମରା ବନ୍ଦର ବିରୁଦ୍ଧରେ ମାନବାଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ : ନିଜ ପକ୍ଷ ରଖିବାକୁ ବନ୍ଦର କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ

ଭଦ୍ରକ, ୨୭/୬ (ହି.ସ.) -ଧାମରା ବନ୍ଦରରେ ଚାଲିଥିବା ଶ୍ରମିକ ଶୋଷଣ ବିରୁଦ୍ଧରେ ରାଜ୍ୟ ମାନବାଧିକାରଙ୍କ ନିକଟରେ ଅଭିଯୋଗ ହୋଇଛି । ଏ ନେଇ ମାନବାଧିକାର ଆୟୋଗ ଧାମରା ବନ୍ଦରକୁ ପକ୍ଷ କରି ହୋଇଥିବା ଅଭିଯୋଗ ଉପରେ ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖବରରୁ ପ୍ରକାଶ ଧାମରା ବନ୍ଦର କର୍ତୃପକ୍ଷ ଗୁଜରାଟ, ମହାରାଷ୍ଟ୍ର, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ବିହାର, ପର୍ଶ୍ଚିମବଙ୍ଗ ଏବଂ ଝାଡଖଣ୍ଡରୁ ଶହ ଶହ ସଂଖ୍ୟାରେ ଶ୍ରମିକ ମାନଙ୍କୁ ଆଣି ବନ୍ଦର କାର୍ଯ୍ୟରେ ନିୟୋଜିତ କରୁଛନ୍ତି । କେନ୍ଦ୍ରସରକାର ତଥା ଓଡିଶା ରାଜ୍ୟ ସରକାର କୋବିଡ -୧୯ ପାଇଁ ପ୍ରଣୟନ କରିଥିବା ନିୟମ କାନୁନ କୁ କୌଣସି ପରିସ୍ଥିତିରେ ମାନୁନଥିବା ବେଳେ ଏହି ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉନାହିଁ । ଅନ୍ୟ ପକ୍ଷରେ ଓଡିଶା ଏକ ଗରିବ ରାଜ୍ୟ ହୋଇଥିବା ବେଳେ କେନ୍ଦ୍ର ସରକାର ଲକ ଡାଉନ ମାର୍ଚ୍ଚ ୨୪ ତାରିଖ ଘୋଷଣା କରିବା ପରେ ବହୁ ସଂଖ୍ୟାରେ ଓଡିଶାର ଶ୍ରମିକ ନିଜ ରାଜ୍ୟକୁ ଫେରିଛନ୍ତି । ଆଜି ଭଳି ଦିନରେ କରୋନା ମହାମାରୀର ଭୟାବହତାକୁ ଆଖି ଆଗରେ ରଖି ଓଡିଶା ରାଜ୍ୟର ଏହି ଶ୍ରମିକ ମାନେ ନିଜର ଚାକିରୀ ହରାଇବା ସହ ନିଜ ରାଜ୍ୟରେ ବିନା ଶ୍ରମରେ ଭୋକ ଉପାସରେ କାଳତିପାତ କରୁଛନ୍ତି ।ଧାମରା ବନ୍ଦର କର୍ତୁପକ୍ଷ ଏହି ଶ୍ରମିକ ମାନଙ୍କ ଅଭିଜ୍ଞତାକୁ ପରୀକ୍ଷା ନିରୀକ୍ଷା କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ବନ୍ଦର ମଧ୍ୟରେ ନିୟୋଜିତ କରିବା ଜରୁରୀ ହୋଇ ପଡିଛି ବୋଲି ଅଭିଯୋଗକାରୀ ଅମୀୟ କୁମାର ମହାପାତ୍ର ଏ ବିଷୟରେ ଆୟୋଗଙ୍କ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛନ୍ତି । ଏଥିସହ ବର୍ତମାନ କୋବିଦ-୧୯ ସମୟରେ ଧାମରା ବନ୍ଦରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଏବଂ ଅନ୍ୟ କାର୍ଯ୍ୟକର୍ତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ଜରୁରୀ ହୋଇପଡିଛି ବୋଲି ମଧ୍ୟ ଏହି ଅଭିଯୋଗରେ ଦର୍ଶାଯାଇଛି । ଏହି ସମସ୍ତ ଅଭିଯୋଗ ହସ୍ତଗତ ହେବା ପରେ ରାଜ୍ୟ ମାନବାଧିକାର ଆୟୋଗ ଧାମରା ବନ୍ଦର କର୍ତୁପକ୍ଷଙ୍କୁ ଆସନ୍ତା ଜୁଲାଇ ୨୧ ତାରିଖରେ ପକ୍ଷ ରଖିବା ପାଇଁ କେଶ ନଂ୧୪୬୮ ରେ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ପାଇବା ପରେ ଧାମରା ବନ୍ଦର କର୍ତୁପକ୍ଷ ଆସନ୍ତା ଦିନରେ ସ୍ଥାନୀୟ ଅଂଚଳବାସୀ(ଶ୍ରମିକ) ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିଜ ଅଧିନରେ ଚାକିରୀ ଦେବେ ଅଥବା ପୁନଶ୍ଚ ବାହାର ରାଜ୍ୟରୁ ବିନା ସ୍ୱାସ୍ଥ୍ୟ ପରୀକ୍ଷାରେ ପୁନଶ୍ଚ ଶହ ଶହ ସଂଖ୍ୟାରେ ନିଯୁକ୍ତି ଦେବେ ତାହା ପ୍ରଶ୍ନବାଚୀ ହୋଇପଡିଛି ।

# ନାବାଳିକାକୁ ଥାନାରେ ଦୁଷ୍କର୍ମ ମାମଲା — ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନକରି ନାବାଳିକା ଉପରେ ମାନସିକ ଚାପ ପକାଇ ତାକୁ ପାଗେଳି କରିବାକୁ ଚେଷ୍ଟା କରୁଛି- ଜର୍ଜ ତିର୍କି

ରାଉରକେଲା, ୨୭/୬ (ହି.ସ.): ସୁନ୍ଦରଗଡ ଜିଲ୍ଲାର ବୀରମିତ୍ରପୁର ଥାନାରେ ଜଣେ ନାବାଳିକାକୁ ବାରମ୍ୱାର ଦୁଷ୍କର୍ମ କରାଯାଇ ତାକୁ ଗର୍ଭବତୀ କରାଇ ଶେଷରେ ତାକୁ ନିକଟସ୍ଥ ଡାକ୍ତରଖାନାରେ ଖୋଦ୍ ଥାନା ବାବୁ ସରକାରୀ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଇବା ମାମଲାରେ ୧୩ ବର୍ଷର ନାବାଳିକାକୁ ଏସପିଙ୍କ ଠାରୁ ଅନ୍ୟ ଅଫିସର ମାନେ ବାରମ୍ୱାର ଘଂଟା ଘଂଟା ଧରି ପଚରା ଉଚରା କରି ପୀଡିତାକୁ ପାଗଳ କିମ୍ୱା ନଷ୍ଟ ଚରିତ୍ରାର ଆକ୍ଷା ଦେବାକୁ ଉଦ୍ୟମ ଚଳାଇଛନ୍ତି । ପୁରା ଘଟଣା କୁ ବାଟବଣା କରିବାକୁ ଉଦ୍ୟମ ଚାଲିଛି ବୋଲି ପୂର୍ବତନ ବିଧାୟକ ତଥା ଲୋକସଭା ପ୍ରାର୍ଥୀ ଜର୍ଜ ତିର୍କୀ ଅଭିଯୋଗ କରିଛନ୍ତି । ଏହା ସହ ଘଟଣାର ପ୍ରତିବାଦ ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି ନେଇ ଆଜି ବୀରମିତ୍ରପୁର ଥାନା ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେ କହିଛନ୍ତି ପୀଡିତା ପ୍ରଥମ ଦିନରୁ ଥାନା ଅଧିକାରୀ ଓ ଅନ୍ୟ ପୁଲିସର ନାମ କହିବା ସହ ଡାକ୍ତର ବିଷୟରେ ସୂଚନା ଦେଇ ସାରିଛି, ତା ପରେ ବି ଗୋଟିଏ ଛୋଟିଆ ଛୁଆକୁ ବାରମ୍ୱାର ଏ ବିଷୟରେ ପଚାରି ତା'ର ମାନସିକ ସ୍ଥିତିକୁ ବିଗାଡିବା କ'ଣ ଦରକାର ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଏହା ଥାନା ନୁହେଁ ରଙ୍ଗଶାଳା, ମଧୁଶାଳା ରାତି ୮ଟା ପରେ ଏଠି ଶୁଭେ ବିଭତ୍ସତାର ସ୍ୱର । କାମନାରେ ମତୁଆଲା ଅଧିକାରୀ ପିଏ ଏଠି ଅବଳା, ଦୁର୍ବଳାର ରକ୍ତ । ରକ୍ଷା କରିବାକୁ କେହି ନଥାନ୍ତି କାରଣ ରକ୍ଷକ ଏଠି ସାଜିଥାଏ ଭକ୍ଷକ । ଥାନା ଚଳାନ୍ତି କେହି ହୋମଗାର୍ଡ ସିଂ ବାବୁ ଓ ତାର ସମର୍ଥକ ତ୍ରିପାଠୀ ବାବୁ, ଶର୍ମା ବାବୁ । ତେଣୁ ନାବାଳିକା ଦୁଷ୍କର୍ମ ମାମଲାରେ ବର୍ତମାନ ସୁଦ୍ଧା ଯାହା ବି କରାଯାଇଛି ତାହା କେବଳ ନାଟକ ବାଜି । ହୋମ ଗାର୍ଡ ସିଂ, ତ୍ରିପାଠୀ, ଶର୍ମା ସମେତ ଡାକ୍ତର, ଡାକ୍ତରଖାନାରେ ଥିବା ମାଟ୍ରନ, ଥାନାରେ ଏତଲା ଦେଇଥିବା ଚାଇଲ୍ଡ ଲାଇନ ଅଧିକାରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଶ୍ରୀ ତିର୍କୀ ଦାବି କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଏକ ଘରାଇେ ଗାଡିରେ ପୀଡିତାଙ୍କୁ ନିୟମିତ ଥାନାକୁ ଅଣାଜିବା, ଥାନା ବାବୁ ତାଙ୍କୁ ଶାରୀରିକ ଶୋଷଣ କରିବା କଥା କହିବା ସତ୍ୱେ ସାବତ ବାପ, ବୟ ଫ୍ରେଣ୍ଡ କଥା କୁଆଡୁ ଆସିଲା ବୋଲି ସେ ପ୍ରଶ୍ନ କରିବା ସହ ଏତେ ନାଟକ ବାଜି କରାଯାଇ ପିଲାଟିକୁ ମାନସିକ ନିର୍ଯ୍ୟାତନା କାହିଁକି ଦିଆଯାଉଛି ? ଏହା ପଛରେ ପିଲାଟିକୁ ଚରିତ୍ର ହିନା କିମ୍ୱା ପାଗଳ କରିବାର ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଆଜି ଯେଉଁ ଅଧିକାରୀଙ୍କୁ ନିଲମ୍ୱିତ କରାଯାଇଛି ତାହା ଦଣ୍ଡ ନୁହେଁ ତେଣୁ ତାଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ଚାକିରୀରୁ ବହିଷ୍କାର କରାଯାଉ ବୋଲି ସେ ଦାବି କରିଛନ୍ତି । ଆସନ୍ତା ୩୦ ତାରିଖ ଭିତରେ ଯଦି ପୁଲିସ କୌଣସି ଠୋସ୍ ପଦକ୍ଷେପ ନନିଏ ତେବେ ସେମାନେ ବୀରମିତ୍ରପୁର ବନ୍ଦ ଡାକରା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି ।

### ନିଖୋଜ ନାବାଳକର ମୃତଦେହ ଉଦ୍ଧାର

ନୂଆପଡା, ୨୬ ଜୁନ (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଚାନ୍ଦେଲ ଗ୍ରାମର ନିଖୋଜ ନାବାଳକର ମୃତଦେହ ସୁନ୍ଦର ନଦୀର ମମିଆ ନଦୀଘାଟରୁ ଉଦ୍ଧାର କରଯାଇଛି । ଶୁକ୍ରବାର ସକାଳ ୧୦ ଘ । ସମୟରେ ଚାନ୍ଦେଲ ଗ୍ରାମର କୀର୍ତନ ଦଣ୍ଡସେନାଙ୍କ ପୁଅ ଡୋଲେଶ(୧୩) ସାଙ୍ଗ ମାନଙ୍କ ସହ ଗାଧୋଇବାକୁ ଯାଇଥିଲେ । ଗାଧୋଉଥିବା ସମୟରେ ଗଭୀର ନଦୀ ଭିତରରେ ଭାସି ଯାଇ ନିଖୋଜ ଥିଲେ । ଖଡିଆଳ ଅଗ୍ନିଶମ ବିଭାଗ ଓ ଗାଁ ଲୋକଙ୍କ ଉଦ୍ୟମରେ ବଲାଙ୍ଗିର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ମମିଆ ନଦୀଘାଟରୁ ମୃତ ଦେହ ଉଦ୍ଧାର କରାଯାଇଛି । ଖଡିଆଳ ପୁଲିସ ଘଟଣାସ୍ଥଳରେ ପହଂଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

# କୋଟଗଡ ବ୍ଲକ କନିଷ୍ଠଯନ୍ତ୍ରୀଙ୍କ କିମସ୍ ହସପିଟାଲରେ ମୃତ୍ୟୁ

## କରୋନାରେ ନୁହେଁ ପୁର୍ବରୁ ରହିଥିଲା ଅନ୍ୟାନ୍ୟ ଶାରୀରିକ ସମସ୍ୟା

କନ୍ଧମାଳ, ୨୭/୬ (ହି.ସ.): କନ୍ଧମାଳ ଜିଲା କୋଟଗଡ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବେହେରାଙ୍କର ଭୁବନେଶ୍ୱର କିମସ୍ ହସପିଟାଲରେ ଦେହାନ୍ତ ଘଟିଛି । ତାଙ୍କର ବିଭିନ୍ନ ଶାରୀରିକ ସମସ୍ୟା ରହିଥିଲା ସେଥିପାଇଁ ତାଙ୍କୁ ସେଠାରେ ଭର୍ତି କରାଯାଇ ଚିକିତ୍ସା କରାଯାଉଥିଲା । ତେବେ ଗତ ୧୭ ତାରିଖରେ ଗଞ୍ଜାମ ଜିଲ୍ଲା ପୋଲସରାରେ ଥିବା ତାଙ୍କର ଦାଦାଙ୍କର ମୃତ୍ୟୁ ଘଟିବାରୁ ସେ ପୋଲସରାକୁ ଯାଇଥିଲେ । ସେଠାରୁ ଫେରି ସେ ଏହିସଂକ୍ରାନ୍ତରେ କାହାକୁ ନଜଣାଇ ପୁର୍ବପରି ବ୍ଲକ କାର୍ଯ୍ୟାଳୟକୁ ଯିବା ସହିତ ଲୋକଙ୍କ ସହିତ ମିଳାମିଶା କରିଥିଲେ । ସେ ଗଞ୍ଜାମ ଜିଲ୍ଲାରୁ ଫେରିବା ବିଷୟରେ ପ୍ରଶାସନ ଜାଣିବାପରେ ତାଙ୍କୁ ସରକାରୀ କ୍ୱାରେଣ୍ଟାଇନକୁ ପଠାଇବା ସହିତ କୋଟଗଡ ବ୍ଲକକୁ ତାଲା ପକାଇବା ସହିତ ବିଡିଓଙ୍କ ସମେତ ସମସ୍ତ କର୍ମଚାରୀ ମାନଙ୍କୁ ୧୪ ଦିନ ପାଇଁ କ୍ୱାରେଣ୍ଟାଇନରେ ରଖି ସମସ୍ତଙ୍କର ସ୍ୱାବ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲେ । କିନ୍ତୁ ଯନ୍ତ୍ରୀଙ୍କର କିମସ ହସପିଟାଲରେ ମୃତ୍ୟୁ ହେବାପରେ ସେ କରୋନାରେ ମୃତ୍ୟୁ ବରଣ କରିଥିବା ନେଇ ଚର୍ଚ୍ଚା ହୋଇଥିଲା । ଏଥିରେ ଲୋକେ ଆହୁରି ଆତଙ୍କିତ ହୋଇଛନ୍ତି । ତେବେ ଏହା ଏକ ଗୁଜବ ଅଟେ କନିଷ୍ଠ ଯନ୍ତ୍ରୀଙ୍କର ସ୍ୱାବ ପରୀକ୍ଷା ରିପୋର୍ଟ ଆସିଛି ଏବଂ ସେ କରୋନାରେ ଆକ୍ରାନ୍ତ ନଥିବା ନେଇ କୋଟଗଡ ବିଡିଓ କୈଳାସଚନ୍ଦ୍ର ମୁର୍ମୁ କହିଛନ୍ତି । ସେ ପୁର୍ବରୁ ବିଭିନ୍ନ ରୋଗରେ ପୀଡିତ ଥିବାରୁ ତାଙ୍କର ମୃତ୍ୟୁ ହୋଇଛି । ସେ କରୋନାରେ ଆକ୍ରାନ୍ତ ଥିବା ଏକ ଗୁଜବ ଅଟେ ଏଥିରେ ଲୋକେ ଅତଙ୍କିତ ହେବା ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

# ନାରୀ ଯାହା କରିପାରେ

ନାରୀ ସୃଷ୍ଟିର ଏକ ଅନବଦ୍ୟ ସୃଷ୍ଟି । ସମସୟ ଥିଲା, ନାରୀକୁ ଅବଳା ଦୁର୍ବଳା ବୋଲି ଆକ୍ଷେପ କରାଯାଉଥିଲା କିନ୍ତୁ ବର୍ତ୍ତମାନ ସେ ସମୟ ବଦଳିଛି । ଆଜିକାଲିର ନାରୀ କୌଣସି କ୍ଷେତ୍ରରେ ଆଉ ସମାଜରେ ପଛୁଆ ହୋଇ ରହିନାହିଁ । ଭଗବାନ୍ ଯେ କେବଳ ନାରୀକୁ ଗଢ଼ିଲାବେଳେ ସୁନ୍ଦର ଓ ମନୋରମ ରୂପ ଦେଇଛନ୍ତି ତା ନୁହେଁ, ତତସହିତ ଅଦ୍ୟମ ଶକ୍ତି, ସାହସ, ଧୈର୍ଯ୍ୟ, ସହନଶୀଳତା ଆଦି ଗୁଣରେ ବିମଣ୍ଡିତ କରିଛନ୍ତି । ଥିପାଇଁ କୁହାଯାଇଛି- 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ' ଅର୍ଥାତ୍ ସ୍ୱର୍ଗଠାରୁ ଛୁଆର ଲାଳନପାଳନ, ଶରୀରର ରୋଗ ବୈରାଗ, ପାଠଶାଠ, ବ୍ୟବହାର ଜ୍ଞାନ ସବୁ ତା' ଉପରେ ନିର୍ଭର କରେ ।

ନାରୀ ଘରର ମେରୁଦଣ୍ଡ ସଦୃଶ । ଆଜିକାଲି ଘର ସମ୍ଭାଳିବା ସହ ବାହାରେ ଚାକିରି କାର୍ଯ୍ୟ ମଧ୍ୟ ବେଶ ନିଖୁଣ ଭାବରେ ସେ ତୁଲାଇ ପାରୁଅଛି । ପ୍ରଯୁକ୍ତି ବିଜ୍ଞାନ, ଡାକ୍ତରୀ ବିଦ୍ୟା, ଅର୍ଥନୈତିକ, ରାଜନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି । ଉଡ଼ାନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି । ଉଡ଼ାଜାହାଜ ଉଡ଼େଇବାଠାରୁ ଏଭରେଷ୍ଟ ଚଢ଼ିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଛି ଆଜିର ନାରୀ । ଏଠାରେ କହିବା ସମୀଚୀନ ଯେ, ନାରୀ ଯେତେ ଉଚ୍ଚଶିକ୍ଷାତା, ଯୋଗ୍ୟସମ୍ପନ୍ନା ହେଲେ ମଧ୍ୟ ସେ ସଂଯମତା ସବୁକ୍ଷେତ୍ରରେ ରକ୍ଷା କରିବା ଉଚିତ । ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକା ବେଶ ପରିସ୍ଫୁଟ ହୁଏ ।



**ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକାରୁ ଏହା ବେଶ୍ ପରିସ୍ଫୁଟ ହୁଏ....**

ଇତିହାସ କହେ, ଝାନସୀର ରାଣୀ ଲକ୍ଷ୍ମୀବାଈଙ୍କ କଥା । ନିଜ ରାଜ୍ୟକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସେ ଯୁଦ୍ଧ କରିବାକୁ ପଛାଇ ନ ଥିଲେ । ନୋବେଲ ବିଜେତା ମଦର ଟେରେସା ସେବାକ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ଭାରତର ବୁଲବୁଲ ସରୋଜିନୀ ନାଇଡୁ ମଧ୍ୟ ଦେଶ ସ୍ୱାଧୀନତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ମଧ୍ୟ ବେଶ ଖ୍ୟାତି ଅର୍ଜନ କରିଛନ୍ତି । କ୍ରୀଡ଼ାକ୍ଷେତ୍ରରେ ମଲ୍ଲଯୋଦ୍ଧାରେ ନଭଜୋତ କୌର, ବ୍ୟାଡମିଣ୍ଟନରେ ସୁନାମଧନ୍ୟା ସାଇନା ନେହ୍ୱାଲ, ଦୌଡ଼ରାଣୀ ପି.ଟି. ଉଷାଙ୍କ ସମେତ ଆମ ଓଡ଼ିଶାର ଦୂତୀ ଚାନ୍ଦ ଆମ ଦେଶର ମାନ ରଖିଜଣେ ଜଣେ ଉଦହରଣ ହୋଇଛନ୍ତି । ଆମ ଦେଶର ନାରୀମାନେ କଳାକ୍ଷେତ୍ରରେ ମଧ୍ୟ କିଛି କମ ନୁହନ୍ତି । ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରଅମ ସହ ସଙ୍ଗୀତରେ ମଧ୍ୟ ବେଶ ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି । ଭାରତର କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କୁ ସାରା ବିଶ୍ୱରେ ନ ଚିହ୍ନେ ବା କିଏ ? ନନ୍ଦିନୀ ଶତପଥୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି । କଳ୍ପନା ବଚାଓ୍ୱାଲା ଆକାଶ ପରିକ୍ରମା କରି ସାହସୀ ମହିଳାମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ଆଇଏଏସ ହୋଇ ଦେଶକୁ ସବୁକ୍ଷେତ୍ରରେ କିପରି ଅଗ୍ରଗତି କରିହେବ ସେଥିରୁ ମଧ୍ୟ ଏମାନେ ବାଦ ପଡୁନାହାନ୍ତି । ଉପରୋକ୍ତ ସମସ୍ତ ବିବିରଣୀରୁ ଏହା ସ୍ପଷ୍ଟ ହୁଏ ଯେ, ଆଜି ନାରୀ କୌଣସି କ୍ଷେତ୍ରରେ ପୁରୁଠୋରୁ ପଛୁଆ ହୋଇ ରହିନାହିଁ । ନାରୀ ହେଲା ସୃଷ୍ଟିକାରିଣୀ । ସୃଷ୍ଟିରେ ସ୍ରଷ୍ଟାଙ୍କ ସ୍ଥାନ ଯଦି ଯଥୋଚିତ ଥାଏ, ତାହେଲେ ସଂସାର ରଥ ବହୁ ଭଲରେ ଗତି କରିବ ଏବଂ ସ୍ୱୟଂ ଭଗବାନ୍ ସେ ଗୃହରେ ବାସ କରିବେ । ନାରୀ ଆଉ ଅବହେଳିତ, ନିଷ୍ପେଷିତ ହୋଇ ରହିବ ନାହିଁ ।





## ବାସ୍ତୁଶାସ୍ତ୍ରର ନିୟମ



ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ୍ୟ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି । ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ । ଫ୍ଲାଟ କିମ୍ବା ଘର କିଣୁଥିଲାବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ । ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

ରୋଷେଇଘର ଓ ସ୍ନାନାଗାର ପାଖାପାଖି କିମ୍ବା ଗୋଟିଏ କାନ୍ଥର ଏପାଖ ସେପାଖ ହେବା ଅନୁଚିତ ।

ଘର ବାଲକୋନିରେ ବାଇଗଣି ରଙ୍ଗର ଫୁଲଗଛ ଲଗାନ୍ତୁ । ଏହା ମଧ୍ୟ ସୁଖସମୃଦ୍ଧି ବୃଦ୍ଧି କରିବାରେ ଖୁବ୍ ସହାୟକ ।

## ମହିଳାଙ୍କ ପାଇଁ....

ନାରୀ ହିଁ ଶକ୍ତି । ତା ବିନା ସୃଷ୍ଟି ଅସମ୍ଭବ । ସେ ବିଦ୍ୟା, ଧନ ଏବଂ ଶକ୍ତିଦାତ୍ରୀ ଭାବେ ମା' ସତସତୀ, ମା' ଲକ୍ଷ୍ମୀ ଏବଂ ମା' ଦୁର୍ଗା ରୂପରେ ଯୁଗେ ଯୁଗେ ଅଗ୍ରପୂଜ୍ୟ । ସତରେ ନାରୀ କେତେ ଶକ୍ତିଶାଳୀ । ପରିସଂଖ୍ୟାନ କହେ, ୨୦୦୧ ଜନଗଣନାରେ ରାଜ୍ୟର ପ୍ରତି ୧୦୦୦ ଶିଶୁପୁତ୍ରରେ ୯୫୩ ଶିଶୁ କନ୍ୟା ରହିଥିବାବେଳେ ୨୦୧୧ ଜନଗଣନାରେ ତାହା ୯୪୩କୁ ହ୍ରାସ ଘଟିଛି । କେବଳ ଏତିକି ନୁହେଁ, ଦିନକୁ ଦିନ ମହିଳାଟିଏ ନିଜକୁ ଅସୁରକ୍ଷିତ ମଣୁଛି । ଜାତିର ପିତା ଗାନ୍ଧିଜୀ ସିନା କହୁଥିଲେ ଯେ ରାତି ୧୨ଟାରେ ଯେଉଁଦିନ ନାରୀଟିଏ ସମ୍ମାନର ସହିତ ଯାଇପାରିବ ସେହିଦିନ ଦେଶର ପୂର୍ଣ୍ଣ ସ୍ୱାଧୀନତା ଆସିଛି ବୋଲି ଜଣାଯିବ । ମହିଳାଟିଏ ଯେ ଘରେ କେତେ କାର୍ଯ୍ୟକରେ ତା'ର ହିସାବ ଆମେ କେବେ ରଖି ନ ଥାଉ । ଆଜି ମଧ୍ୟ ଦେଶର ଅନେକ ମହିଳା ଲେଖାପଢ଼ା ଜାଣିନାହାନ୍ତି ।

ମହିଳାମାନେ ଯେ ଦକ୍ଷ ସେମାନେ ତାହା ପ୍ରମାଣ କରଇଛନ୍ତି । ଅଧିକ ଦକ୍ଷତା ଥାଇ ମଧ୍ୟ ସେମାନଙ୍କୁ ନିଯୁକ୍ତିରେ ଉପେକ୍ଷା କରାଯାଏ । ଆଜି କୁସଂସ୍କାର, ଧର୍ମାନ୍ଧତା, ପର୍ଦ୍ଦାପ୍ରଥା, ନିରକ୍ଷରତା ସାଙ୍ଗକୁ ସମାଜର ଦୌରାତ୍ମ୍ୟ ନାରୀକୁ ଆଖି, କାନ, ପାଟି ଗୋଡ଼ ଥାଇ ମଧ୍ୟ ପଙ୍ଗୁ କରିଦେଉଛି । ଏହିସବୁ ଘଟଣାକୁ ଦଷ୍ଟିରେ ରଖି ପ୍ରତିବର୍ଷ ନଭେମ୍ବର ୨୫ ତାରିଖକୁ ଜାତିସଂଘ ମହିଳା ହିଂସା ନିରୋଧ ଦିବସ



ରୂପେ ପାଳନ କରିଥାଏ । ୧୯୯୦ ଆୟୋଗ ଆଇନ ବଳରେ ୧୯୯୨ ଜାତୀୟ ମହିଳା ଆୟୋଗ ପ୍ରତିଷ୍ଠା ମହିଳା ଆଜି ସ୍ୱାବଲମ୍ବୀ ହେଉଛି । ସହାୟକ ପ୍ରତିଷ୍ଠା ହେଲା । ରାଜ୍ୟର ସ୍ୱାବଲମ୍ବୀ ହେଉଛି । ସହର ଏବଂ ଗୋଷ୍ଠୀ ଗଢ଼ା ହୋଇଛି । ଘରୋଇ ମହିଳାମାନଙ୍କ ପାଇଁ ପ୍ରଚଳିତ ନାରୀମାନଙ୍କ ପାଇଁ ସରକାର କରିଛନ୍ତି । ମହିଳାମାନଙ୍କୁ ସୁରକ୍ଷାଦେଇ ଦେଶର ଯୋଜନାର ଯେ ଯେଉଁ ଅତ୍ୟାଚାର, ଶୋଷଣ, ବିଦେଶୀମାନଙ୍କ ଆକ୍ରମଣରେ ଯେଉଁ ଆତ୍ମବଳ ଥିଲା ତାହା ଆଜି ହୋଇଛି । ଏହାକୁ ସୁଧାରିବାକୁ ଅଭ୍ୟୁଦୟ ଏବଂ ସାମାଜିକ ଅତ୍ୟଧିକ ଭୋଗବାଦୀ ସଂସ୍କୃତିର ପଣ୍ୟଦ୍ରବ୍ୟ କରି ନିଜ ଜୀବନର ନୁହେଁ । ନିଜ ଜୀବନର ଅଭିପ୍ରାୟକୁ

**ନାରୀର କାର୍ଯ୍ୟ ଏପରି ହେଉ ଯାହା ସମାଜ, ସଭ୍ୟତା, ରାଷ୍ଟ୍ର ପାଇଁ ଶୁଭଙ୍କର ଏବଂ କଲ୍ୟାଣକର ଓ ମଙ୍ଗଳମୟ ହେବା ପ୍ରତ୍ୟେକ ମହିଳା ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ସଚେତନ ହୋଇ ତାହାକୁ ସୁବିନିଯୋଗକରି ସମାଜରୁ ଭ୍ରଷ୍ଟାଚାର, ଦୁର୍ନୀତି, ଶୋଷଣକୁ ଦୂରେଇଦେଇ ଏକ ସୁସ୍ଥ, ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆଗେଇ ଆସିବା ଦରକାର....**

ମସିହାରେ ଜାତୀୟ ମହିଳା ଜାନୁୟାରୀ ୩୧ ତାରିଖରେ ହେଲା । ରାଜ୍ୟର ପ୍ରତ୍ୟେକ ସହର ଏବଂ ଗ୍ରାମରେ ସ୍ୱୟଂ ପ୍ରତ୍ୟେକ ମହିଳା ଆଜି ଗ୍ରାମରେ ସ୍ୱୟଂ ସହାୟକ ହିଂସା ଆଇନ ୨୦୦୫ ହୋଇଛି । ଏହାଛଡ଼ା ବିଭିନ୍ନ ଯୋଜନା ପ୍ରଣୟନ ସ୍ୱାବଲମ୍ବୀ କରାଇ ସେମାନଙ୍କୁ ଲକ୍ଷ୍ୟ । ଭାବିଲେ ବିସ୍ମୟ ଲାଗେ ସମାଜିକ କୁସଂସ୍କାର ଏବଂ ନିଷ୍ପେଷିତ ହୋଇ ମଧ୍ୟ ନାରୀର କେତେକ କ୍ଷେତ୍ରରେ ବିପନ୍ନ ଲୋଡ଼ା ମାନବିକ ଚେତନାର ଆନ୍ଦୋଳନ । ନାରୀମାନେ ମାୟାରେ ପଡ଼ି ନିଜକୁ ଶସ୍ତା ସତ୍ୟକୁ ଭୁଲିଯିବା ଉଚିତ ଖୋଜିବା ଦରକାର ।

ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତାକୁ ବରଣ କରିବା ମଧ୍ୟ ଉଚିତ ନୁହେଁ । ନାରୀର କାର୍ଯ୍ୟ ଏପରି ହେଉ ଯାହା ସମାଜ, ସଭ୍ୟତା, ରାଷ୍ଟ୍ର ପାଇଁ ଶୁଙ୍କର ଏବଂ କଲ୍ୟାଣକର ଓ ମଙ୍ଗଳମୟ ହେବ । ପ୍ରତ୍ୟେକ ମହିଳା ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ସଚେତନ ହୋଇ ତାହାକୁ ସୁବିନିଯୋଗକରି ସମାଜରୁ ଭ୍ରଷ୍ଟାଚାର, ଦୁର୍ନୀତି, ଶୋଷଣକୁ ଦୂରେଇଦେଇ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆଗେଇ ଆସିବା ଦରକାର । କେବଳ ଆଜିର ଦିବସ ନୁହେଁ, ବର୍ଷର ପ୍ରତ୍ୟେକ ଦିବସ ମହିଳାମାନଙ୍କ ପାଇଁ ଶ୍ରଦ୍ଧା, ସମ୍ମାନ, ଶୁଭେଚ୍ଛା ଓ ସହଯୋଗର ଦିବସ ହେଉ । ମହିଳାଟିଏ ମଧ୍ୟ ସମାଜରୁ ଅନ୍ଧକାର, ଅଶିକ୍ଷା, ଭ୍ରଷ୍ଟାଚାର, କୁସଂସ୍କାରକୁ ଦୂରେଇଦେଇ ନିଜର ଅସୀମ ନାରୀ ଶକ୍ତିକୁ ସମାଜର କଲ୍ୟାଣରେ ବିନିଯୋଗକରୁ । ଏହାହିଁ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉ ।

## ଜୀବନଶୈଳୀ ଓ ଭୋଜନର ସଂଯୋଗ



ନ୍ୟୁଜିଲାଣ୍ଡର ବିଶେଷଜ୍ଞ ଦଳ ୧୫ହଜାର ଲୋକଙ୍କ ଉପରେ ୯ମାସ ଗବେଷଣା କରିବା ପରେ ବିଭିନ୍ନ ତଥ୍ୟ ପ୍ରକାଶ କରିଛନ୍ତି । ଉତ୍ତମ ଜୀବଶୈଳୀ ସହ ଭୋଜନର ଏକ ଅତୁଟ ବନ୍ଧନ ରହିଛି । ନିଜକୁ ସୁସ୍ଥ ରଖିବା ନିମନ୍ତେ ଯଥା ସମୟରେ ଖାଇବା ନିତାନ୍ତ ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ । ସକାଳୁ ଉଠି ନିଜ ନିତ୍ୟକର୍ମ ଶେଷର ୩୦-୪୫ ମିନିଟ ମଧ୍ୟରେ ଜଳଖିଆ ଖାଇବା ଉଚିତ । ୬-୮ ଘଣ୍ଟାର ଗଭୀର ନିଦ ପରେ ରକ୍ତରେ ଶକରାର ସ୍ତରକୁ ଠିକ୍ ରଖିବା ନିମନ୍ତେ ଅଳ୍ପ କିଛି ଭୋଜନ କରିବା ଆବଶ୍ୟକ । ନିୟମିତ ନିର୍ଦ୍ଦିଷ୍ଟ ସମୟରେ ଜଳଖିଆ ଖାଇବାର ଅଭ୍ୟାସ ରଖନ୍ତୁ । ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଜଳଖିଆର ଶକ୍ତି ପ୍ରଦାନ କରିଥାଏ । ଜଳଖିଆର ୪ଘଣ୍ଟା ପରେ ଦ୍ୱିପହର ଭୋଜନ କରିବା ଉଚିତ । ସକାଳ ୮ଟା କିମ୍ବା ୮.୩୦ ସୁଦ୍ଧା ଜଳଖିଆ ଖାଉଥିଲେ ଦିନ ଗୋଟାଏ ପରେ ଭୋଜନ କରିବା ଭଲ । ଦ୍ୱିପ୍ରହର ଭୋଜନରେ ଆବଶ୍ୟକ ପରିମାଣରେ ପ୍ରୋଟିନ୍, ଫାଇବର ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକରୀ । ସନ୍ଧ୍ୟାବେଳେ ଡ୍ରାଏଫ୍ରୁଟସ କିମ୍ବା ଅନ୍ୟ କୌଣସି ଫଳ ବା ଫଳରସ ସେବନ କରିବା ଭଲ । ଏହା ପରେ ରାତ୍ରିଭୋଜନ ଶୋଇବାର ଅନ୍ତତଃ ୨ଘଣ୍ଟା ପୂର୍ବରୁ କରିବା ଆବଶ୍ୟକ । ଏପରି କଲେ ଆମ ଖାଦ୍ୟ ଭଲଭାବେ ହଜମ ହେବା ସହ ନିଦ ଭଲ ହୋଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।



## ଦକ୍ଷିଣ କୋରିଆର ବ୍ୟୁଟି ଇଣ୍ଡଷ୍ଟ୍ରୀ

କେ-ବ୍ୟୁଟି ନାମରେ ଅଖ୍ୟାତ ଦକ୍ଷିଣ କୋରିଅର ବ୍ୟୁଟି ଇଣ୍ଡଷ୍ଟ୍ରୀ ଆଜିକାଲି ଶିଶୁମାନଙ୍କ ପାଇଁ ପ୍ରସାଧନ ସାମଗ୍ରୀ ଉତ୍ପାଦନ ଉପରେ ଖୁବ୍ ଗୁରୁତ୍ୱ ଦେଉଛି । ପ୍ଲାଷ୍ଟିକ୍ ସର୍ଜରୀରେ ଦକ୍ଷିଣ କୋରିଆ ସର୍ବାଗ୍ରେ ଥିବାବେଳେ ଶିଶୁମାନଙ୍କୁ କସ୍ମେଟିକରେ ଅଭ୍ୟସ୍ତ କରାଯାଉଥିବା ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି । ଦକ୍ଷିଣ କୋରିଆକୁ ପୃଥିବୀର ବ୍ୟୁଟି କ୍ୟାପିଟାଲ କୁହାଯାଏ । ସେ ଦେଶର ମିୟଙ୍ଗ -ଡେଙ୍ଗ ଜିଲ୍ଲାରେ ବ୍ୟୁଟି ଇଣ୍ଡଷ୍ଟ୍ରୀର ସର୍ବାଧିକ ପ୍ରସାର ଘଟିଛି । ସହରାଞ୍ଚଳରେ ଅଜସ୍ର କସ୍ମେଟିକ୍ସ ବିପଣି ଦେଖିବାକୁ ମିଳୁଛି । କୋରିଆ ମହିଳାମାନେ ପାଶ୍ଚତ୍ୟ ଦେଶର ମହିଳାମାନଙ୍କ ତୁଳନାରେ ମେକଅପ୍ ଓ ବ୍ୟୁଟି ସାମଗ୍ରୀ କ୍ରୟରେ ଦୁଇଗୁଣ ଅଧିକ ଖର୍ଚ୍ଚ କରିଥାନ୍ତି । ତେଣୁ ଦକ୍ଷିଣ କୋରିଆର ବ୍ୟୁଟି ଇଣ୍ଡଷ୍ଟ୍ରୀ ୬ ଶହ କୋଟି ଡଲାରକୁ ଟପିଗଲାଣି । କୋରିଆ ସଂସ୍କୃତିରେ ସୌନ୍ଦର୍ଯ୍ୟ



ଓ ପ୍ରସାଧନ ଦୃଢ଼ ଆସ୍ଥାନ ଜମାଇଛି । ଏପରିକି କେଜି ସ୍ତରୀୟ ଛାତ୍ରଛାତ୍ରୀ ନିୟମିତ ପାର୍ଲରକୁ ଯାଉଛନ୍ତି । ଛୋଟ ପିଲାମାନେ ସନସ୍କ୍ରିନର ଉପକାରିତା ବିଷୟରେ ବେଶ୍ ଜାଣନ୍ତି । ଦକ୍ଷିଣ କୋରିଆରେ କସ୍ମେଟିକ୍ ସର୍ଜରୀ ଏକ ବୃହତ୍ ବ୍ୟବସାୟ ହୋଇଛି । ଦେଶର ଯେକୌଣସି ସହରରରେ ପ୍ଲାଷ୍ଟିକ୍ ସର୍ଜରୀ ସମ୍ବନ୍ଧୀୟ ମାଳ ମାଳ ବିଜ୍ଞାପନ ଦେଖିବାକୁ ମିଳେ । ବହୁସଂଖ୍ୟକ ବ୍ୟୁଟି କମ୍ପାନୀ ଗଢ଼ିଉଠିବା ଫଳରେ ପ୍ରସାଧାନ ସାମଗ୍ରୀଗୁଡ଼ିକ ଶସ୍ତା ହେବାରେ ଲାଗିଛି । କମ୍ପାନୀ ନିଜ ପ୍ରୋଡ଼ ଅଧିକ ବିକ୍ରି ହେବା ଲକ୍ଷ୍ୟରେ ସ୍ୱତନ୍ତ୍ର ଅଫର ଓ ଫ୍ରି ସାମ୍ପଲ ଗ୍ରାହକଙ୍କୁ ଦେଉଛନ୍ତି । ଏଥିପାଇଁ ବହୁ ପ୍ରଚାରିତ ସ୍ଲୋଗାନଟି ହେଉଛି 'ଟ୍ରାଏ ବିଫୋର ୟୁ ବାଏ' । ପାଶ୍ଚାତ୍ୟ ବଜାରକୁ ବିବି କ୍ରିମ୍ ପଠାଇ ଥିବାରୁ କୋରୀୟ ବ୍ୟବସାୟୀମାନେ ଗର୍ବିତ । ସେମାନଙ୍କ ମତରେ କସ୍ମେଟିକ୍ ପ୍ରଯୁକ୍ତିରେ ଦକ୍ଷିଣ କୋରିଆ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ୧୪ବର୍ଷ ଆଗୁଆ ରହିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭିନ୍ନ ପଦକ୍ଷେପ ଆବଶ୍ୟକ...

ଜୁନ୍, ଜୁଲାଇରେ କରୋନା ସଂକ୍ରମଣ ଭାରତରେ ଶିଖର ପର୍ଯ୍ୟାୟରେ ପହଞ୍ଚିବ ବୋଲି ଯେଉଁ ଅନୁମାନ କରାଯାଉଥିଲା ତାହା ବୋଧହୁଏ ସତ୍ୟ ହେବାକୁ ଯାଉଛି । ଦେଶର ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣ ଗୁରୁତର ରୂପ ନେଇ ସମସ୍ତଙ୍କ ଚିନ୍ତା ବଢ଼ାଇଛି । ଓଡ଼ିଶା ଭଳି ଯେଉଁ କେତେକ ରାଜ୍ୟରେ କରୋନା ମୁକାବିଲା ବ୍ୟବସ୍ଥା ଅପେକ୍ଷାକୃତ ଭଲ ଥିଲା ସେଠାରେ ମଧ କ୍ରମଶଃ ସ୍ଥିତି ଦ୍ରୁତ ବିଗୁଡୁଛି ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ଏଭଳି ସ୍ଥିତିକୁ ଦେଖି ଏକାଧିକ ରାଜ୍ୟ ସରକାର ଲକ୍‌ଡାଉନ୍ ମିଆଦକୁ ଜୁଲାଇ ଶେଷ ଯାଏ ବଢ଼ାଇ ଦେଇ ସାରିଲେଣି । ଅନ୍‌ଲକ୍-୧ ପରେ ସମଗ୍ର ଦେଶରେ ସ୍ୱାଭାବିକ ସ୍ଥିତି କେତେକ କ୍ଷେତ୍ରରେ ଫେରାଇ ଆଣିବାକୁ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ସେଥିରେ ପୁଣି ଅସୁବିଧା ଦେଖାଦେଲାଣି । ତେଣୁ କେନ୍ଦ୍ର ସରକାର କେତେକ ଟ୍ରେନ୍ ଛାଡ଼ି ଅନ୍ୟ ସମସ୍ତ ରେଳ ଚଳାଚଳକୁ ପୁନର୍ବାର ଅନ୍ୟାଦେଶ ପର୍ଯ୍ୟନ୍ତ ବାତିଲ କରିଦେଇଛନ୍ତି । ନୂଆକରି କଟକଣା ମୁକ୍ତ ହୋଇଥିବା ଅର୍ଥନୈତିକ କ୍ଷେତ୍ରଗୁଡ଼ିକରେ ସଂକ୍ରମଣ ବ୍ୟାପୁଥିବାରୁ ସେସବୁକୁ ବନ୍ଦ କରିବାକୁ ଅନେକ ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ଉପରେ ଚାପ ପକାଉଛନ୍ତି । ତେଣୁ ଆଶଙ୍କା ପ୍ରକାଶ ପାଇଲାଣି ଯେ ପୁନର୍ବାର ସାରା ଦେଶରେ ଆଉ ଏକ ପର୍ଯ୍ୟାୟ ଲକ୍‌ଡାଉନ୍ ଲାଗୁ ହୋଇପାରେ ।

ରୋଗ ନିୟନ୍ତ୍ରଣରେ ଅଛି, ସଂକ୍ରମିତଙ୍କଠାରୁ ଆରୋଗ୍ୟଙ୍କ ସଂଖ୍ୟା ଅଧିକ ହେଉଛି ଆଦି କହି ଆମେ ଯେତେ ଆତ୍ମସାନ୍ତ୍ୱନା ଲାଭ କଲେ ମଧ ପରିସ୍ଥିତି ଯେ ସ୍ଥଳବିଶେଷରେ ଅତି ଜଟିଳ, ସେ କଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଓଡ଼ିଶାରୁ ତ ଆମେ ଏହାର ପ୍ରତ୍ୟେକ୍ଷ ଅନୁଭୂତି ପାଉଛୁ । ଗଞ୍ଜାମ ଜିଲ୍ଲା କ୍ରମଶଃ କରୋନା ସଂକ୍ରମଣର ଏକ ହଟସ୍ପଟ୍ ପାଲଟୁଛି । ସେଥିପାଇଁ ବ୍ରହ୍ମପୁର ସହରରେ ପୁନର୍ବାର ୪ଦିନ ସଟ୍‌ଡାଉନ୍ ଲାଗୁ କରାଯାଇଥିବା ବେଳେ ଉପକୂଳବର୍ତ୍ତୀ ସବୁ ଜିଲ୍ଲାରେ ମାସର ପ୍ରତ୍ୟେକ ଶନି ଓ ରବିବାର ଏହି କଟକଣା ଜାରି ହେଉଛି । ସବୁଠୁ ଚିନ୍ତାଜନକ ବିଷୟଟି ହେଲା ହସପିଟାଲରେ ଚିକିତ୍ସାରେ ସମ୍ପୃକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଅଧିକରୁ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହେବା । ଏହା ସହିତ କ୍ୱାରେଣ୍ଟାଇନ୍ ବ୍ୟବସ୍ଥା ବାହାରେ ଥିବା ଲୋକ ମଧ ସଂକ୍ରମିତ ହେଲେଣି । ତେଣୁ ଜୁଲାଇ ମାସଟି ଯେ ସଂକ୍ରମଣ ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ, ତାହାକୁ ଅସ୍ୱୀକାର କରିହେବ ନାହିଁ । ଏଭଳି ସ୍ଥିତିରେ ସରକାର କଟକଣା କୋହଳ କରିବା ସହଜ ବ୍ୟାପାର ନୁହେଁ ।

ଜାତୀୟ ସ୍ତରରେ ସଂକ୍ରମଣର ଓ ମୃତ୍ୟୁ ସଂଖ୍ୟା ବଢୁଛି । କର୍ତ୍ତୃପକ୍ଷ କହୁଛନ୍ତି ଯେ ଅଧିକ ସଂଖ୍ୟାରେ ଟେଷ୍ଟ ହେଲେ ରୋଗୀଙ୍କ ସଂଖ୍ୟା ବଢ଼ିବ । ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ ସୁସ୍ଥ ହେଉଥିବାରୁ ଏଥିରେ ଚିନ୍ତିତ ହେବାର ବିଶେଷ କିଛି କାରଣ ନାହିଁ । ତେବେ ଗୋଟିଏ କଥା ବୁଝି ହେଉନାହିଁ ଯେ ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶର ଲୋକଙ୍କୁ ପରୀକ୍ଷା କରିବାକୁ କେତେ କାଳ ଲାଗିବ ଏବଂ ଦେଶକୁ କେତେକାଳ କଟକଣା ଭିତରେ ରଖାଯାଇ ପାରିବ ?

ଲକ୍‌ଡାଉନ୍‌ର ଗୁରୁତର ପ୍ରଭାବ ଲୋକଙ୍କ ରୋଜଗାର ଓ ଦେଶର ଅର୍ଥନୀତି ଉପରେ ପଡ଼ିଛି । ଜୀବନର ଅନ୍ୟାନ୍ୟ ସମସ୍ତ କ୍ଷେତ୍ର ମଧ ଏହାଦ୍ୱାରା ପ୍ରଭାବିତ ହୋଇଛି । ସାଂପ୍ରତିକ 'ଅନ୍‌ଲକିଂ' (ତାଲାବନ୍ଦ ଖୋଲିବା) ଏକ ସାମୟିକ ପରୀକ୍ଷାମୂଳକ ପଦକ୍ଷେପ । ଏହା ମଧ ଘଟିଯାଇଥିବା କ୍ଷତିର ଭରଣା କରିବାକୁ ଯଥେଷ୍ଟ ନୁହେଁ । ତେଣୁ 'ଜାନ୍ ହେ ତୋ ଜାହାନ୍ ହେ' ସ୍ଲୋଗାନ ଆଉ କେତେକାଳ ଚାଲିବ ତାହା ନେଇ ଲୋକେ ସନ୍ଦେହରେ । ଏଥିପାଇଁ ଗୋଟିଏ ବାଟ ହେଲା ଲକ୍‌ଡାଉନକୁ ସମ୍ପୂର୍ଣ୍ଣ ଉଠାଇ ଦେଇ ଗୋଷ୍ଠୀ ସଂକ୍ରମଣ ପାଇଁ ଦେଶକୁ ଖୋଲିଦିଅ କିମ୍ବା ଲୋକଙ୍କୁ ଶୀଘ୍ର ପରୀକ୍ଷା କରି ଉପଯୁକ୍ତ ଚିକିତ୍ସା ଓ ପ୍ରତିବିଧାନ ବ୍ୟବସ୍ଥା କର । ଅବଶ୍ୟ ଏହା ସରକାରଙ୍କ ପାଇଁ ଗ୍ରହଣୀୟ ହେବ ନାହିଁ । ନୂଆ କରୋନା ଔଷଧ ବଜାରକୁ ଆସିଲାଣି । ଅତ୍ୟନ୍ତ ବ୍ୟୟବହୁଳ ହୋଇଥିଲେ ମଧ ଏହା ଆଶାର ଏକ କିରଣ ଦେଉଛି । ଏଭଳି ସ୍ଥିତିରେ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତା' ଉପରେ ସମସ୍ତଙ୍କର ନଜର । ସତକଥା ହେଲା କରୋନା ଭଳି ଔଷଧ ଓ ଚିକିତ୍ସାବିହୀନ ମହାମାରୀର ସଫଳ ମୁକାବିଲା ଅତ୍ୟନ୍ତ କଷ୍ଟସାଧ ଓ ସମୟସାପେକ୍ଷ । ତେଣୁ ସର୍ବନିମ୍ନ କ୍ଷତିରେ ଦେଶର ଅର୍ଥନୀତି ଓ ଲୋକଙ୍କ ଜୀବନଜୀବିକା କିପରି ବଞ୍ଚିବ ତାହା ଅଧିକ ଗୁରୁତ୍ୱ ରଖେ । ସେଥିପାଇଁ ରଣନୀତି ବଦଳାଇ ସରକାରଙ୍କୁ ପଦକ୍ଷେପ ନେବାକୁ ପଡ଼ିବ ।

# କଂଗ୍ରେସ-ଚୀନ ବୁଝାମଣା

**ସୌମେନ୍ଦ୍ର ଜେନା**

ନିକଟରେ ମହେଶ ଜେଠାମଲାନୀ ନାମକ ଜଣେ ସୁପ୍ରିମକୋର୍ଟ ଓକିଲ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ମଧରେ ରହିଥିବା ନିବିଡ ସଂପର୍କକୁ କେନ୍ଦ୍ରକରି ରାଷ୍ଟ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ଅନୁସନ୍ଧାନ କରିବା ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କଠାରେ ଦାବି କରିଛନ୍ତି । ତାଙ୍କ କହିବାନୁସାରେ ଗଣତନ୍ତ୍ର ଓ ଭାରତର ବିରୋଧୀ ଏବଂ ସଚରାଚର ପାକିସ୍ଥାନର ସମର୍ଥନକାରୀ ଚୀନର କମ୍ୟୁନିଷ୍ଟ ପାର୍ଟି ସହ ଭାରତର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ନିବିଡ ସଂପର୍କ ରଖି କାର୍ଯ୍ୟକରିବା, ଦୁଇଦେଶ ମଧରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଶତ୍ରୁ ରାଷ୍ଟ୍ରକୁ ସୁହାଇଲା ପରି ବକ୍ତବ୍ୟ ରଖିବା ପଛରେ କେଉଁଠି ନା କେଉଁଠି କିଛି କଳାଦାଗ ରହିଛି , ଯାହାର ଅନୁସନ୍ଧାନ କରାଯିବା ଆବଶ୍ୟକ । ଏପରିକି ନୂଆଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଦେଶର ଅନ୍ୟାନ୍ୟ ସମସ୍ତ ବିରୋଧୀଦଳ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକୁ ପ୍ରଶଂସା କରାଯାଇଥିବା ସ୍ଥଳେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ସରକାରଙ୍କୁ ପ୍ରଶ୍ନ କରି ଅନ୍ୟମାନଙ୍କୁ ଚକିତ କରିଦେଇଥିଲେ । ଏହାଛଡା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପି.ଚିଦାୟରମ୍ ଏବଂ ଶଶୀଥରୁର ମଧ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଅଭିଯାନ ଏବଂ ଅନ୍ୟାନ୍ୟ ପଦକ୍ଷେପଗୁଡିକୁ ସମାଲୋଚନା କରିବାରେ ବ୍ୟସ୍ତଥିବା ଏବେ ପରିଲକ୍ଷିତ ହେଉଛି । କେବଳ ସେତିକି ନୁହେଁ କଂଗ୍ରେସଦଳ ସମର୍ଥିତ ଗଣମାଧମଗୁଡିକରେ ମଧ ସୋନିଆ ଗାନ୍ଧିଙ୍କ ଭାଷାରେ ସମ୍ବାଦ ପ୍ରକାଶ ପାଇବା ସହ ଦେଶର ସେନାବାହିନୀ ଉପରେ ପ୍ରଶ୍ନ ଉଠାଯାଇଛି । ଅତୀତରେ ପାକିସ୍ଥାନରେ ଏୟାର ଷ୍ଟ୍ରାଇକ ପରେ ପରେ ଏମିତି କେତେକ ପ୍ରଶ୍ନ ଉଠାଯାଇଥିଲା । ଏବେ ସେମିତି କଂଗ୍ରେସ ନେତା ରାହୁଲ ଗାନ୍ଧି ପ୍ରତିଦିନ ନିଜ ଟ୍ୱିଟରରେ ଅନେକଗୁଡିଏ ଚୀନକୁ ସମର୍ଥନ କଲା ପରି ପ୍ରଶ୍ନ ଉଠାଉଛନ୍ତି । ବିଶେଷକରି ଲଦ୍ଧାଖରେ ଚୀନସେନାଙ୍କ ସହ ମୁହାଁମୁହିଁ ହେଲା ବେଳେ ଭାରତର ସେନା କାହିଁକି ବନ୍ଧୁକ ଧରି ଗଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଦେଖିବାକୁ ଗଲେ ଅତୀତରେ ଡୋକଲାମ ବିବାଦ ବେଳେ ମଧ କଂଗ୍ରେସ ଦଳ ପକ୍ଷରୁ ଏମିତି ପରିସ୍ଥିତି ସୃଷ୍ଟି କରାଯାଇଥିଲା । ଦୁଇଦେଶ ମଧରେ ସୀମାରେ ଉତ୍ତେଜନା ଜାରି ଥିଲାବେଳେ କଂଗ୍ରେସ ନେତା ରାହୁଳ ଗାନ୍ଧି, ସୋନିଆ ଗାନ୍ଧି, ମନମୋହନ ସିଂହ ପ୍ରମୁଖ ନୂଆଦିଲ୍ଲୀରେ ଥିବା ଚୀନର ରାଷ୍ଟ୍ରଦୂତଙ୍କ ସହ ଏକ ବୈଠକରେ ସାମିଲ ହୋଇଥିଲେ, ଯାହା ସେତେବେଳେ ସମସ୍ତଙ୍କ ମନରେ ସନ୍ଦେହ ଜାତ କରିଥିଲା । ତତ୍‌କାଳୀନ ବିଦେଶମନ୍ତ୍ରୀ ସୁଷମା ସ୍ୱରାଜ ମଧ କଂଗ୍ରେସର ଉକ୍ତ ପଦକ୍ଷେପକୁ ସମାଲୋଚନା କରିଥିଲେ । ଏବେ ସେମିତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏମିତି କେତେକ ପ୍ରଶ୍ନ ଉଠାଇଛନ୍ତି ଯାହା ଚୀନ ସରକାରଙ୍କୁ ଯଥେଷ୍ଟ ସହାୟକ ହେବ । ଅତୀତରେ ରାହୁଳ ଗାନ୍ଧିଙ୍କ ମନ୍ତବ୍ୟକୁ ପାକ୍ ପ୍ରଧାନମନ୍ତ୍ରୀ ଇମରାନ ଖାଁ ଜାତିସଂଘରେ ଉଲ୍ଲେଖ କରିଥିଲେ । ଆହୁରି ମଧ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ମଣିଶଙ୍କର ଆୟାର ପାକିସ୍ଥାନ ଗସ୍ତରେ ଯାଇ କଂଗ୍ରେସ ଦଳକୁ ଶାସନକୁ ଫେରାଇ ଆଣିବା ପାଇଁ ନିବେଦନ କରିବା ସହ ସରକାରକୁ ଫେରିଲେ କଂଗ୍ରେସ ଦଳ ପାକ୍ ସହ ଉତ୍ତମ ସଂପର୍କ ରଖିବ ବୋଲି ପ୍ରକାଶ କରିଥିଲେ । ଏକଥା ମଧ ସତ ଯେ ଭାରତର ଦୁଇ ପଡୋଶୀ ଶତ୍ରୁ ରାଷ୍ଟ୍ରଙ୍କୁ କଂଗ୍ରେସର ସରକାର ଭାରତର ଶାସନରେ ଥିଲାବେଳେ ହଜାର ହଜାର ବର୍ଗ କିମି ପରିମିତ ଜମି ଦଖଲ କରିବାକୁ ଛାଡି ଦେଇଥିଲେ । ସ୍ୱାଧୀନତା ପରେ ପାକିସ୍ଥାନକୁ ଗିଲଗିଟ୍ ଓ ବଲଟିସ୍ଥାନ, ୧୯୬୨ରେ ଚୀନକୁ ଅକସାଇଚୀନ ଅଞ୍ଚଳ ଛାଡିଦେଇଥିଲେ । ଏପରିକି ଅକ୍‌ସାଇଚୀନ ଅଞ୍ଚଳରେ ଘାସ କଅଁଳୁ ନଥିବା ଦୃଷ୍ଟିରୁ ସେସବୁ ଅଞ୍ଚଳ ମୂଲ୍ୟହୀନ ବୋଲି ଖୋଦ୍ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସଂସଦରେ ବକ୍ତବ୍ୟ ଦେଇଥିଲେ । କେବଳ କ୍ଷମତାରେ ରହିବା ଲାଗି ସ୍ୱାଧୀନତା କାଳର ଦୁଇବର୍ଷରେ ୨୧ଲକ୍ଷ ଲୋକଙ୍କ ପ୍ରାଣହାନୀ ହିଂସା ଯୋଗୁ ହୋଇଥିଲେ ହେଁ ଦେଶର ସ୍ୱାଧୀନତା ବିନା ରକ୍ତପାତରେ ହେଲା ବୋଲି କହି କଂଗ୍ରେସ ଦଳ ଦେଶବାସୀଙ୍କୁ ଦିନରେ ହାରକିନ ଦେଖାଇଲା ।

ଏବେ କଂଗ୍ରେସ ଦଳର ମନରେ ଥିବା ରାଜନୀତିକ ଅସହିଷ୍ଣୁତାକୁ ଦେଖାଯାଉ । ରାହୁଳ ଗାନ୍ଧି ସୀମାରେ ଯବାନମାନେ କାହିଁକି ଅସ୍ତ୍ର ପ୍ରୟୋଗ କଲେ ନାହିଁ ବୋଲି ମୂର୍ଖତାପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି । କାରଣ ତାଙ୍କୁ ଜଣାନାହିଁ ଯେ ୧୯୯୬ ଏବଂ ୨୦୦୫ରେ ଦୁଇଦେଶ ମଧରେ ଯେଉଁ ଆଲୋଚନା ହୋଇଥିଲା ସେଥିରେ ପ୍ରକୃତ ନିୟନ୍ତ୍ରଣ ରେଖାଠାରୁ ଦୁଇ କିଲୋମିଟର ଅଞ୍ଚଳରେ ଦୁଇଦେଶର ଯବାନ ଗୁଳିଫୁଟାଇ ପାରିବେ ନାହିଁ ବୋଲି ସ୍ଥିର ହୋଇଥିଲା । ଏବେ ଯବାନଙ୍କ ଉପରେ ଚୀନ ସେନା ଆକ୍ରମଣ କରିବା ଉତ୍ତାରୁ କେନ୍ଦ୍ର ସରକାର ପୂର୍ବର ସେହି ବୁଝାମଣାକୁ ନିରସ୍ତ କରି ଭାରତୀୟ ସେନା ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନେଇପାରିବେ ବୋଲି ଅନୁମତି ପ୍ରଦାନ କରିଛନ୍ତି ।

ଏବେ କଥା ଉଠୁଛି କଂଗ୍ରେସ ଏବଂ ଚୀନ ମଧରେ ଏତେ ଘନିଷ୍ଠତାର କାରଣ କଣ । କଥା ହେଲା ୨୦୦୭ରେ ରାହୁଳ ଗାନ୍ଧି ଚୀନ ଗସ୍ତରେ ଯାଇଥିଲେ । ୨୦୦୮ରେ ରାହୁଳଙ୍କ ମାଆ ସୋନିଆ, ଭଉଣୀ ପ୍ରିୟଙ୍କା, ଭିଣୋଇ ରବର୍ଟ ଭଦ୍ରା, ଦୁଇ ଭଣଜା ମଧ ବେଜିଂ ଅଲିମ୍ପିକ ଉଦ୍‌ଘାଟନୀ ସମାରୋହରେ ଯୋଗ ଦେବାଲାଗି ଚୀନ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ପାଇ ବେଜିଂ ଗସ୍ତ କରିଥିଲେ । ସେମାନଙ୍କ ସହ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମଧ ରହିଥିଲେ । ଉକ୍ତ ଗସ୍ତ କାଳରେ ଚୀନର ଏକଦଳିଆ ରାଜନୀତିର ସରକାରୀ ଦଳ ଚୀନ କମ୍ୟୁନିଷ୍ଟ ପାର୍ଟି ସହ ଭାରତର ଜାତୀୟ କଂଗ୍ରେସ ଦଳ ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏଥିରେ ତତ୍‌କାଳୀନ ଚୀନ ପ୍ରଧାନମନ୍ତ୍ରୀ ଲି ଜିନ୍‌ପିଙ୍ଗ ଏବଂ କଂଗ୍ରେସ ନେତା ରାହୁଳ ଗାନ୍ଧି ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଜିନପିଙ୍ଗ୍ ସେ ସମୟରେ ଚୀନ କମ୍ୟୁନିଷ୍ଟ ପାର୍ଟିର ଉପସଭାପତି ଥିଲେ । ଦୁଇ ଦଳ ପରସ୍ପରକୁ ଠିକଣା ସୂଚନା ପ୍ରଦାନ କରିବା, ପରସ୍ପରକୁ ସମ୍ମାନ ଜଣାଇବା ପାଇଁ ବଦ୍ଧପରିକର ହେବାପାଇଁ ବୁଝାମଣାରେ ଉଲ୍ଲେଖ ରହିଲା । ଯେଉଁଥିପାଇଁ ୧୭-୧୮ମାର୍ଚ୍ଚ ୨୦୧୮ରେ କଂଗ୍ରେସ ଦଳର ୨୪ତମ ସ୍ୱତନ୍ତ୍ର ଅଧିବେଶନ କାଳରେ ଚୀନ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶୁଭେଚ୍ଛା ଜଣାଇ ଏକ ପତ୍ର କଂଗ୍ରେସ ଦଳପାଇଁ ପଠାଯାଇଥିଲା । ଏହି ବୁଝାମଣା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଚୀନ ସରକାରଙ୍କ ବିରୋଧରେ ଯେଉଁ ପଦକ୍ଷେପ ନେଉଛନ୍ତି ରାହୁଳଙ୍କୁ ତାହା ହୃଦ୍‌ଘାତ ହେଲାପରି ମନେ ହେଉଛି । ଚୀନ ସହ କଂଗ୍ରେସର ଏପରି ବୁଝାମଣା ଯୋଗୁ ଚୀନ ସେନା ବାହିନୀ ଭାରତର ତିନ୍ତାପଙ୍ଗନକ୍ (୨୦୦୮), ଗ୍ରବଜୀ ଘାଟୀ (୨୦୦୮), ଡୁମଚେଲି(୨୦୦୯), ଡେମ୍‌ଚ୍ରେକ (୨୦୧୨), ରାକୀନୁଲା (୨୦୧୩) ଅଞ୍ଚଳକୁ ନିଜ ଦଖଲକୁ ନେଲାପରେ ମଧ ତତ୍‌କାଳୀନ କଂଗ୍ରେସ ସରକାର କିଛି କରିନଥିଲେ । ଏପରିକି ଏହି ସୂଚନା କେନ୍ଦ୍ର ସରକାର ପାଇଲା ପରେ ମଧ ଚୀନର ବିରୋଧ କରିବା ଦୂରେଥାଉ କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିନଥିଲେ ।

ଏହା ପୂର୍ବରୁ କଂଗ୍ରେସ ସରକାରଙ୍କ ଶାସନ କାଳରେ ୧୯୬୨ରେ ଅକସାଇ ଚୀନ ଏବଂ ୧୯୬୩ରେ କାରାକୋରମ ଘାଟୀ ଚୀନ ହାତକୁ ଯାଇଥିଲା । ଅଥଚ ନରେନ୍ଦ୍ର ମୋଦିଙ୍କ ଶାସନରେ ଡୋକଲାମ (୨୦୧୭), ଲିପୁଲେଖ (୨୦୨୦), ପେଗାଙ୍ଗ ତସ୍ତୋ (୨୦୨୦), ଗଲୱାନ ଘାଟୀ (୨୦୨୦)ଅଞ୍ଚଳକୁ ନିଜ ଦଖଲକୁ ନେବାପାଇଁ ଉଦ୍ୟମ କରି ଚୀନ ସେନା ବିଫଳ ହୋଇଛି । ଭାରତ ସରକାର ଇଞ୍ଚେ ମାଟି କାହାକୁ ଦେବେ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କଲାପରେ କଂଗ୍ରେସ ଦଳ ପକ୍ଷରୁ ମୋଦି ବିରୋଧୀ ଏବଂ ବିଜେପି-ଆରଏସ୍‌ଏସ୍ ବିରୋଧକୁ ତୀବ୍ର କରାଗଲାଣି । ସୋସିଆଲ ମିଡିଆରେ ଅନେକଗୁଡିଏ ଜାଲ ବ୍ଲଗ ପ୍ରସ୍ତୁତ କରାଯାଇ କଂଗ୍ରେସ ନେତାମାନଙ୍କ ଭାଷଣକୁ ଚୀନ ଲୋକଙ୍କୁ ଦେଖାଇବାଲାଗି ସେଠାକାର କମ୍ୟୁନିଷ୍ଟ ସରକାର ଲାଗିପଡିଛି । କଂଗ୍ରେସ ଦଳ ପକ୍ଷରୁ ସଫେଇରେ କୁହାଯାଇଛି ଯେ ଏମିତି ବୁଝାମଣା ଦକ୍ଷିଣ ଆଫ୍ରିକାର କଂଗ୍ରେସ ଦଳ ସହ ମଧ ହୋଇଛି । କହିବା କଥା ହେଲା ଦକ୍ଷିଣ ଆଫ୍ରିକା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବା ହେତୁ ସେଠାକାର ଦଳ ସହ କଂଗ୍ରେସର ବୁଝାମଣା ସମ୍ଭବ ହୋଇପାରେ । କିନ୍ତୁ ଏକଛତ୍ରବାଦୀ ଓ ସାମ୍ରାଜ୍ୟବାଦୀ ଦଳ ଚୀନ କମ୍ୟୁନିଷ୍ଟ ପାର୍ଟି ସହ ଭାରତର କଂଗ୍ରେସ ଦଳ ଏପରି ବୁଝାମଣା କରିବା ଏବଂ ଯୁଦ୍ଧସ୍ଥିତିରେ ଶତ୍ରୁର ସମର୍ଥନରେ ବାହାରିବା ଉଦ୍ୟମ ଆଦୌ ଗ୍ରହଣୀୟ ନୁହେଁ । ବିଶେଷ କରି ୨୦୧୩ରେ ତତ୍‌କାଳୀନ କଂଗ୍ରେସ ଦଳର ପ୍ରତିରକ୍ଷା ମନ୍ତ୍ରୀ ଏକେ ଆଣ୍ଟୋନୀ ସଂସଦରେ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ ଦେଶର ଉତ୍ତରସୀମାରେ ଗମନାଗମନ ପଥ ନିର୍ମାଣ ନ କରିବା କଂଗ୍ରେସ ସରକାରର ଏକ ନୀତି ଭାବେ କାର୍ଯ୍ୟକାରୀ ହୋଇଛି । ସେସବୁ ଅଞ୍ଚଳରେ ବିକାଶ ହେବା ଅର୍ଥ ଚୀନକୁ ସାମନା କରିବା । କିନ୍ତୁ ଚୀନ ସହ ସଂଘର୍ଷର ୫୮ବର୍ଷ ପରେ ମଧ ସୀମାକୁ ଦୁର୍ବଳ କରିବା ସହ ଚୀନ ସହ ନ ଲଢିବା ଲାଗି କଂଗ୍ରେସର ଏପରି ଦୁର୍ବଳ ମାନସିକତା ଦେଶ ପାଇଁ ଯେ କ୍ଷତି କରିବ ତାହା ଯେ କେହି କହିବ । ସେଥିପାଇଁ ଚୀନକୁ ଭାରତ ଆଖି ଦେଖାଇଲେ କଂଗ୍ରେସୀ ନେତାଙ୍କ ମୁଣ୍ଡରେ ବଜ୍ରପାତ ହେଉଛି । ସେମାନେ ଶତ୍ରୁର ସ୍ୱାର୍ଥକୁ ସୁହାଇଲା ପରି ବକ୍ତବ୍ୟମାନ ପ୍ରଦାନ କରି ଦେଶ ସୁରକ୍ଷାକୁ ଦୁର୍ବଳ କରିବାରେ ଲାଗିପଡିଛନ୍ତି ।

ଏବେ ନେପାଳ ସରକାର ଭାରତକୁ ଚୀନର ପରାମର୍ଶରେ ଆଖି ଦେଖାଇବାକୁ ଆରମ୍ଭ କରିଛନ୍ତି । ହେଲେ ୧୯୫୧ରେ ନେପାଳର ତତ୍‌କାଳୀନ ରାଜା ତ୍ରିଭୁବନ ଦେବ ଭାରତରେ ନେପାଳର ବିଲୟ ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାକୁ ତତ୍‌କାଳୀନ ଭାରତର ପ୍ରଧାନମନ୍ତ୍ରୀ ନେହେରୁ ପ୍ରତ୍ୟାଖ୍ୟାନ କରିଥିଲେ । ୧୯୪୮ରେ ବେଲୁଚିସ୍ତାନର ଭାରତରେ ମିଶ୍ରଣ ପାଇଁ ସେଠାକାର ନବାବ ପ୍ରସ୍ତାବ ପଠାଇଥିଲେ ମଧ ନେହେରୁ ପ୍ରତ୍ୟାଖ୍ୟାନ କରିବା ପରେ ସେ ଅଞ୍ଚଳକୁ ପାକିସ୍ଥାନ ଦଖଲ କରିନେଇଥିଲା । ଓମାନ ପକ୍ଷରୁ ଗ୍ୱାଦର ବନ୍ଦରକୁ ୧୯୪୭ରେ ଭାରତକୁ ଦେବାକୁ ପ୍ରସ୍ତାବ ମିଳିଥିଲା ର ହେଲେ ନେହେରୁ ତାହା ଗ୍ରହଣ ନକରିବାରୁ ପାକିସ୍ଥାନକୁ ତାହା ବିକ୍ରି କରାଯାଇଥିଲା । ୧୯୫୪ରେ ମଣିପୁରର ୧୧୦୦୦ ବର୍ଗ କିମି କ୍ଷେତ୍ର ବିଶିଷ୍ଟ ମଣିପୁର ରତ୍ନ ଭାବେ ପରିଚିତ କାବୁ ହେଲିକୁ କଂଗ୍ରେସ ସରକାର ସ୍ଥାନୀୟ ଲୋକମାନଙ୍କ ପ୍ରତିବାଦ ସତ୍ତ୍ୱେ ବର୍ମାକୁ ଟେକି ଦେଇ ଥିଲେ । ବଙ୍ଗଳାଦେଶକୁ ତିନିବିଘା, ବର୍ମାକୁ କୋକୋ ଦ୍ୱୀପ, ଶ୍ରୀଲଙ୍କାକୁ କଚ୍ଛାତିଭୁ ଅଞ୍ଚଳ କଂଗ୍ରେସ ସରକାର ଦେଇଥିଲେ । ଏବେ କୋକୋ ଦ୍ୱୀପରେ ଚୀନ ଭାରତ ଉପରେ ଦୃଷ୍ଟି ରଖିବାକୁ ବ୍ୟବସ୍ଥା କରିଛି । ନେହେରୁଙ୍କ ଅନୁପସ୍ଥିତିର ସୁଯୋଗରେ ୧୩ ସେପ୍ଟେମ୍ବର ୧୯୪୮ରେ ହାଇଦ୍ରାବାଦକୁ ଭାରତରେ ସର୍ଦ୍ଦାର ପଟେଲ ମିଶାଇ ଦେଇଥିଲେ । ବିଦେଶ ଗସ୍ତରୁ ଆସୁଥିବା ନେହେରୁ ଏହି ଖବର ପାଇଲାକ୍ଷଣି ଫୋନ୍‌କୁ ରାଗରେ ଫିଙ୍ଗି ଦେଇଥିଲେ ।

ଏହିସବୁ ତଥ୍ୟରୁ ଯାହା ଜଣାପଡେ ଦେଶର ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ନଦେବା ହେତୁ କଂଗ୍ରେସ ଶାସନ କାଳରେ ଭାରତ ହଜାର ହଜାର ବର୍ଗ କିଲୋମିଟର ପରିମିତ ଅଞ୍ଚଳ ଶତ୍ରୁ ଦେଶର ହାତରେ ହରାଇଛି । ଏକ ଶତ୍ରୁଦେଶର ଦଳସହ କଂଗ୍ରେସ ଦଳ କିପରି ବୁଝାମଣା କଲା ତାହାର ଅନୁସନ୍ଧାନ କରାଯିବା ନିହାତି ଆବଶ୍ୟକ । ଏହା ପଛରେ ଯଦି କିଛି ଅଭିସନ୍ଧି ଥାଏ ତାହା ଲୋକଲୋଚନକୁ ଅଣାଯିବା ଆବଶ୍ୟକ । ଏହି ବୁଝାମଣା ମାଧମରେ ଯଦି ଦେଶର କ୍ଷତି କରିବାକୁ ପ୍ରୟାସ ହେଉଥାଏ ତେବେ ତାହା ବନ୍ଦ ହେବା ଦରକାର । କାରଣ ୨୦୦୪ ବେଳକୁ ଚୀନ ଭାରତକୁ ୬ ବିଲିଅନ ଡଲାର ମାଲ ପଠାଉଥିଲା ବେଳେ କଂଗ୍ରେସ ସରକାର କ୍ଷମତାରୁ ଯିବା ବେଳକୁ ତାହା ବଢି ବଢି ୨୦୧୪ରେ ୫୬ ବିଲିଅନ ଡଲାରରେ ପହଞ୍ଚିଥିଲା । ଅଥଚ ଏବେ ରାହୁଳ ଗାନ୍ଧି ଭାରତର ବଜାରରେ ଚୀନା ମାଲ ବିରୋଧକୁ କଟାକ୍ଷ କରୁଛନ୍ତି ଯାହା ସନ୍ଦେହ ସୃଷ୍ଟି କରିଛି । ତେଣୁ ଚୀନ-କଂଗ୍ରେସ ସଂପର୍କ ସନ୍ଦେହାସ୍ପଦ ରହିଛି ।

+ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




## ରକ୍ତବୀର୍ଯ୍ୟ

**ସହଦେବ ମହାରଣା**

କାହିଁଗଲୁ ମା' ମୋର
ଧର୍ ଏବେ କରାଳ ଯୋଗିନୀରୂପ
ଚାଟିପକା ରକ୍ତସବୁ ଲହଲହ ଜିଭେତୋର,
ଦୁର୍ନୀତି... ଦାରୁଣ.. ଦାରିଦ୍ର୍ୟ..
ସବୁ ପରା ଗୋଟେ ଗୋଟେ ରକ୍ତବୀର୍ଯ୍ୟ
ବିନ୍ଦୁରୁ ସିନ୍ଧୁଏ ଏକ୍‌ରୁ ଅନେକ ହୁଅନ୍ତି
ଅନ୍ତ ନାହିଁ କାହାର ।

କେତେ ଆଉ ଅହିଂସା ମନ୍ତ୍ରେ ଚାଲିବୁ ?
ପୋକ ଖାଇଯିବ ବାଉଁଷ ଠେଙ୍ଗା ତୋର,
ଏଠି ସବୁପାରା ଗୋଟିଏ ଭାଡ଼ିର
ରାମରାଜ୍ୟ ଚୁଲିକୁ ଯାଉ
ପୁରୁଥାଉ ପେଟ ଚାଖଣ୍ଡକ ଛାର ।

ତାଳପତ୍ର ସଜାଡ଼ିଲେ କିସହେବ ?
ବିଶଚେର ମାଡ଼ିଛି ପରା
ଆକାଶ ଠୁ ପୃଥିବୀ, ତାଳୁରୁ ତଳିପା
ଦାରରୁ ଦ୍ରୁମ ଯାଏ
ସବୁ ପରିପାଟୀ ତଳେ
ଲଙ୍ଗଳାରୂପ ଆପଣାସ୍ୱାର୍ଥ ର ।

ଶାନ୍ତି କି ପ୍ରଗତି ପାଇଁ ଯେତେ ସବୁ
ପଟୁଆର,
ପଦଯାତ୍ରା, ସମାବେଶ ସବୁଖାଲି ପ୍ରହସନ
ବାବୁଭାୟାଙ୍କ ସ୍ୱାର୍ଥମେଧେ ଆହୁତିହୁଏ
ଆଶା ଭରସା ଆମ୍ ଆଦମି ର ।

ଉପୁରିଆଙ୍କୁ ତଳିଆ ରକତ ପାଣିରୁ ତରଳ
ଝାଳେ ଯାଏ ରକତେ ଗଲେ କ୍ଷତି କ'ଣ ?
ସଳିତା ଜନମ ତ ଜଳିବା ପାଇଁ
ଯେତେ 'ବାଦ' 'ବାଦୀ' ଅବା
ନାଲି କଳା ବାହିନୀ ଆସିଲେ ବି
କିଏ କହିବ ଶ୍ରେଣୀହୀନ ?
ଅବା ଦେବ ଶୋଷଣ କବର ।

ଧନି ର ସାଗରେ ହେଉ କି ମାଛରେ
ଲୁଣ ତ ଗରିବ ରୁଧିର !
ଶୋଷୁଥିଲା ଶୋଷୁଚି ଶୋଷିବ
ଏବେ ଖାଲି ତୋତେଇ ଭରସା
ଲୋ ମାଆ.... ପ୍ରସବିଯାଆ
ଆଉକେତେ ଛିନ୍ନମସ୍ତା, ରକତଖିଆ
ମାଓ ଅବା ହିଟଲର,
ପିଇ ଯାଆନ୍ତୁ ରକ୍ତବୀର୍ଯ୍ୟର ଅଙ୍କୁର ଆବର ।

+ କାଉତରା, ଖୋର୍ଦ୍ଧା
ମୋ: ୬୩୭୧୨୬୦୧୭୮

# ଅନାବଶ୍ୟକ ବୟାନବାଜି

**ଗୋପାଳ ମହାପାତ୍ର**



ଗଲବାନ ଘାଟି ଠାରେ ଗତ ୧୫ତାରିଖ ରାତ୍ରୀରେ ଭାରତ-ଚୀନ ଦୁଇ ଦେଶର ସେନା ମଧରେ ରକ୍ତାକ୍ତ ସଂଘର୍ଷ ଅନୁଷ୍ଠିତ ହୋଇଥିଲା। ଏହି ଘଟଣାରେ ଭାରତର ୨୦ଜଣ ଜବାନଙ୍କର ମୃତ୍ୟୁଘଟିଥିବା ବେଳେ ଚୀନର ମଧ କେତେକ ଜବାନ ମୃତାହତ ହୋଇଛନ୍ତି। ଘଟଣା ଘଟିବା ପରଠାରୁ ଇତିମଧରେ ଦୁଇ ଦେଶର ସେନା ଅଧିକାରୀ ଏପରିକି ବୈଦେଶିକ ମନ୍ତ୍ରୀ ସ୍ତରରେ ଆଲୋଚନା ହୋଇସାରିଲାଣି କିନ୍ତୁ ସୀମାରେ ଚୀନ ଉତ୍ତେଜନା ହ୍ରାସ କରିବା ପରିବର୍ତ୍ତେ ଉତ୍ତେଜନା ବଢ଼ାଇବାରେ ଲାଗିଛି। ଚୀନ ଏ ପ୍ରସଙ୍ଗରେ ଭାରତକୁ ଦାୟୀ ମଧ କରୁଛି। ଗଲବାନ ଘାଟିଠାରେ ଘଟିଥିବା ଦୁଃଖଦ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯିବା ସହିତ ଅନାବଶ୍ୟକ ବୟାନବାଜି ଜାରି ରହିଛି ଯାହା ପରିବେଷକୁ ଅଧିକ ଖରାପ କରିବାରେ ଲାଗିଛି। ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଚୀନ ଭାରତର କୌଣସି ଅଞ୍ଚଳକୁ କବ୍‌ଜା କରିନାହିଁ କିମ୍ବା ସୀମାରେ ଥିବା ଭାରତୀୟ ପୋଷ୍ଟକୁ ମଧ ଦଖଲ କରିନାହିଁ। ପ୍ରଧାନମନ୍ତ୍ରୀଙ୍କ ଏହି ବୟାନକୁ ନେଇ ବିବାଦ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ବୟାନ ପରେ କଂଗ୍ରେସ ନେତାମାନେ ସରକାର ତଥା ପ୍ରଧାନମନ୍ତ୍ରୀଙ୍କୁ ଜୋରଦାର ସମାଲୋଚନା କରି ନିଜକୁ ଦେଶଭକ୍ତ ବୋଲି ପ୍ରକାରାନ୍ତରେ କହିବାରେ ଲାଗିଛନ୍ତି। ଏପରିକି ଚୀନ ଆଗରେ ପ୍ରଧାନମନ୍ତ୍ରୀ ସରେଣ୍ଡର କରିଯାଇଛନ୍ତି ବୋଲି ମଧ ଅଭିଯୋଗ କରିଛି କଂଗେସ। ରାହୁଳ ଗାନ୍ଧୀ ମର୍ଯ୍ୟାଦାର ସୀମା ଟପିଯାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସରେଣ୍ଡର ମୋଦି ବୋଲି ମଧ କହିବାକୁ କୁଣ୍ଠାବୋଧ କରିନାହାଁନ୍ତି। କଥା ହେଉଛି ଚୀନ ଉପରେ ଭରଷା କରିବା ବୋକାମି। ଇତିହାସ କହୁଛି ଚୀନର ପ୍ରଧାମନ୍ତ୍ରୀ ଚାଉଏନ୍ ଲାଇ ଭାରତ ଗସ୍ତରେ ଆସିଥିଲେ ଓ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ସହ ପଞ୍ଚଶୀଳ ବୁଝାମଣା କରିଥିଲେ। କିନ୍ତୁ ବୁଝାମଣାର କିଛି ବର୍ଷ ପରେ ୧୯୬୨ରେ ଚୀନ ଅତ୍ତକିତ ଭାବେ ଭାରତ ଉପରେ ଆକ୍ରମଣ କରିଦେଇଥିଲା ଓ ଭାରତର ୩୮ହଜାର ବର୍ଗକିଲୋମିଟର ଜମି ଜବରଦଖଲ କରିନେଲା। ସମ୍ଭବତଃ କଂଗ୍ରେସ ନେତାମାନେ ଏକଥା ଭୁଲିଯାଇଛନ୍ତି ଯେ ୧୯୬୨ରେ ଚୀନ ଯେଉଁ ଯୁଦ୍ଧ କରିଥିଲା ତାହା ନେହେରୁଙ୍କ ଅମଳରେ ହୋଇଥିଲା ବୋଲି। ୧୯୬୨ର ଯୁଦ୍ଧରେ ଭାରତର ପରାଜୟ ହୋଇଥିଲା। ଏହି ପରାଜୟର କଳଙ୍କ ଟୀକା ଏବେ ମଧ ଆମ ମଥାରୁ ଲିଭିନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ଚୀନକୁ କଡ଼ା ଭାଷାରେ ଜବାବ ଦେଇଥିଲେ।

ଚୀନର ଶକ୍ତିବୃଦ୍ଧି କୁ ଦୃଷ୍ଟିରେ ରଖି ତଥା ଚୀନ ପକ୍ଷରୁ କରାଯାଇଥିବା ପରମାଣୁ ପରୀକ୍ଷଣକୁ ଦେଖି ଶ୍ରୀମତି ଗାନ୍ଧୀ ମଧ ପରମାଣୁ ପରୀକ୍ଷଣ କରାଇଥିଲେ। ଏହାପରେର ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ ଓ ରାଜୀବ ଚୀନ ଗ୍ରସ୍ତରେ ଯାଇ ଚୀନ ସହ କେତେକ ବୁଝାବଣା କରିଥିଲେ। ଭାରତ ପକ୍ଷରୁ ଦୁଇ ଦେଶ ମଧରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନେକ ଉଦ୍ୟମ ହୋଇଛି କିନ୍ତୁ ସବୁ ପରେ ମଧ ଚୀନ୍ କବ୍‌ଜା କରିନେଇଥିବା ଭାରତ ଭୂ-ଭାଗ କୁ ଛାଡ଼ିବା ପରିବର୍ତ୍ତେ ଲଦାଖ, ଅରୁଣାଚଳ ପ୍ରଦେଶ ଭଳି ଭାରତର ଅଞ୍ଚଳକୁ ତାର ବୋଲି ଦାବି ଉପସ୍ଥାପନ କରିଛି। ଏଥିରୁ ଚୀନ ଧୋକାବାଜି ମାନସିକତା ସ୍ୱଷ୍ଟ ଜଣାପଡୁଛି। ଏଭଳି ସ୍ଥିତିରେ ଲଦାଖର ଗଲବାନ ଘାଟିଠାରେ ଯାହା ଘଟିଲା ତାକୁ ସବୁସ୍ତରରେ ନିନ୍ଦା କରାଯିବା ତଥା ସରକାରକୁ ସବୁସ୍ତରରେ ସମର୍ଥନ ଦିଆଯାଇ ଚୀନକୁ କେମିତି ଉଚିତ୍ ଶିକ୍ଷା ଦିଆଯିବ ସେକଥା ରାଜନେତା ଓ ଦେଶର ଜନସାଧାରଣ ଚିନ୍ତା କରିବା କଥା। ଚୀନର ବିସ୍ତାରବାଦୀ ନୀତି କାରଣରୁ ହିଁ ଆଜି ୩୫୦୦ କିଲୋମିଟର ସୀମାରେ ଭାରତୀୟ ସେନା ମୁତୟନ ଅଛନ୍ତି ଓ ଚୀନର ଜବରଦଖଲ ବା ଅତିକ୍ରମଣ ଉଦ୍ୟମକୁ ପଣ୍ଡ କରୁଛନ୍ତି।

ଚୀନ ଅତିକ୍ରମଣ କରିବା ପାଇଁ ଏବେ ନୁହେଁ ଅନେକବାର ଉଦ୍ୟମ କରିଛି ଓ କରୁଛି ମଧ। ଭାରତୀୟ ସେନା ପାଲଟା ଜବାବ ମଧ ଦେଉଛନ୍ତି। ଏହି ପରିପ୍ରେକ୍ଷିରେ ଦୁଇ ଦେଶର ସେନା ମଧରେ ହାତାହାତି ହେବା ବା ସଂଘର୍ଷ ଘଟିବା ଏକ ସାଧାରଣ କଥା। (ପୃଷ୍ଠା-୭)

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

# ସମୃଦ୍ଧ 'ଆଲ୍ବାନିଆ'କୁ ଉଜାଡ଼ିଦେଲା ଯୁଦ୍ଧ ଭୟ

ଘଟଣା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର । ଦୁଇ ଦୁଇଟି ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବା ପରେ ଅଧିକାଂଶ ଦେଶ ଅଣ୍ଟା ସଳଖିବାକୁ ବଳ ଜୁଟାଉଥାନ୍ତି । ଆଉ ସେହି ସମୟରେ ଆଲବାନିଆରେ ତିଆରି ହୋଇଥିଲା ଲକ୍ଷାଧିକ ବଙ୍କର । ତତ୍କାଳୀନ ସମୟର ଶାସକଙ୍କୁ ଯୁଦ୍ଧ ଭୟ ଏତେ ମାତ୍ରାରେ ଘାରିଥିଲା ଯେ, ଏଥିରୁ ରକ୍ଷା ପାଇବାକୁ ସେ ପ୍ରତି ୩ କିମି ଦୂରତାରେ ଗୋଟିଏ ଲେଖାଏଁ ସୁରକ୍ଷିତ ବଙ୍କର ନିର୍ମାଣ କରିବାକୁ ଯୋଜନା କରିଥିଲେ ।

ଦକ୍ଷିଣପୂର୍ବ ୟୁରୋପୀୟ ଦେଶ ଆଲ୍ବାନିଆରେ ପ୍ରତି ୩ କିମି ଦୂରତାରେ ଦେଖିବାକୁ ମିଳେ ଏକ ବଙ୍କର । ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ସୀମାନ୍ତରରାଳ ଭାବେ ଏହି ବଙ୍କରଗୁଡ଼ିକ ନିର୍ମାଣ କରାଯାଉଛି । ଏକଛତ୍ରବାଦୀ ଶାସକ ଏନ୍ଭର ହୋକ୍ସହା ନିଜର ଭୟ ପାଇଁ ଏକ ସୁନ୍ଦର ଦେଶକୁ ଖାଦାନରେ ପରିଣତ କରିଦେଲେ । ୬୦ଦଶକରୁ ଆରମ୍ଭ ହୋଇଥିବା ଏହି ବଙ୍କର ନିର୍ମାଣ କାର୍ଯ୍ୟ ଦୀର୍ଘ ୨୦ ବର୍ଷ ଯାଏ ଚାଲିଥିଲା । ଶାସକଙ୍କ ମୃତ୍ୟୁ ପରେ ହିଁ ଏହି କାମରେ ଲାଗିଥିଲା ବ୍ରେକ୍ । ଦେଶର ସମସ୍ତ ରାଜସ୍ୱ ବଙ୍କର ନିର୍ମାଣରେ ଖର୍ଚ୍ଚ ହୋଇଯିବା ପରେ ଜନସାଧାରଣଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ଅର୍ଥନୈତିକ ବିପର୍ଯ୍ୟୟର ପ୍ରଭାବ ଅଦ୍ୟାବଧିକ ଅନୁଭୂତ ହେଉଛି । ତେବେ ନିକଟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବଙ୍କରଗୁଡ଼ିକୁ ଏବେ ଆର୍ଟ ଗ୍ୟାଲେରିର ରୂପାନ୍ତରିତ କରାଯାଉଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାରା ପୃଥିବୀ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ଜାପାନ ଉପରେ ଆମେରିକାର ପରମାଣୁ ଅସ୍ତ୍ର ପ୍ରୟୋଗ ପରେ ଯୁଦ୍ଧର ଯଦିଓ ଅନ୍ତ ହୋଇଯାଇଥିଲା ତଥାପି କେଉଁଠି ନା କେଉଁଠି ଆଉ ଏକ ଯୁଦ୍ଧ ଆଶଙ୍କା ଘାରିଥିଲା ଅନେକ ଦେଶକୁ । ଉତ୍ତରପୂର୍ବ ୟୁରୋପୀୟ ଦେଶ ଆଲ୍ବାନିଆ ମଧ୍ୟ ଏହି ଶଙ୍କାରେ ଥିଲା । ଯୁଦ୍ଧରେ ଏହି ଦେଶ ଭୟଙ୍କର ଭାବେ ପ୍ରଭାବିତ ହୋଇଥିଲା । ଶାସକ ଏନ୍ଭର ହୋକ୍ସହାଙ୍କ ମନରେ ଯୁଦ୍ଧକୁ ନେଇ ରହିଥିବା ଭୟ ଏବଂ ସନ୍ଦେହ ଦିନକୁ ଦିନ ଦୃଢ଼ୀଭୂତ ହେବାରେ ଲାଗିଲା । ପରିସ୍ଥିତି ଏମିତି ହେଲା ଯେ, ନିଜର ମିତ୍ର ରାଷ୍ଟ୍ର ଯୁଗୋସଲୋଭିଆ, ରୁଷିଆ, ଚାଇନାଠାରୁ ମଧ୍ୟ ଏହି ଦେଶ ଦୂରତା ରକ୍ଷା କରିବା ଆରମ୍ଭ କଲା । ସମ୍ଭାବ୍ୟ ଯୁଦ୍ଧସ୍ଥିତିରେ ଦେଶବାସୀ ଏବଂ ସୈନିକଙ୍କ ଜୀବନ ବଞ୍ଚାଇବାକୁ ଶାସକ ଏନ୍ଭର




ବଙ୍କର ପାଇଁ ସର୍ବସ୍ୱାନ୍ତ



୧୯୬୦ରେ ବଙ୍କର ନିର୍ମାଣ ପ୍ରୋଜେକ୍ଟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟ ଦୁଇ ଦଶନ୍ଧି ଧରି ଜାରି ରହିଲା । ୧୯୮୫ରେ ହୋକ୍ସହାଙ୍କ ମୃତ୍ୟୁ ପରେ ହିଁ ଏହା ବନ୍ଦ ହୋଇଥିଲା । ତେବେ ସେତେବେଳକୁ ବ୍ଲୋର ସମୁଦ୍ରତଟରୁ ରାଜଧାନୀ ତିରାନାର ପାହାଡ଼ିଆ ଅଞ୍ଚଳ ଏବଂ ମଣ୍ଟିନିଗ୍ରୋଠାରୁ ଆରମ୍ଭ କରି ୟୁନାନ ଦ୍ୱୀପ କୋର୍ଫୁ ଯାଏ ସବୁସ୍ଥାନ ବଙ୍କରମୟ ହୋଇଯାଇଥିଲା । ବଙ୍କର ନିର୍ମାଣ କରିବା ସମୟରେ ହଜାର ହଜାର ଶ୍ରମିକ ମୃତ୍ୟୁମୁଖରେ ପଡ଼ିଲେ । ଅର୍ଥ ଅପଚୟ ସହ ସମୟ ମଧ୍ୟ ନଷ୍ଟ ହୋଇଗଲା । ଅନ୍ୟ କୌଣସ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିଲା ନାହିଁ, ଯାହା ଦେଶର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରିଦେଇଥିଲା । ପରିସ୍ଥିତି ଏପରି ହୋଇଗଲା ଯେ, ସମୃଦ୍ଧିଶାଳୀ ଆଲବାନିଆ ଉପରେ ଲାଗିଗଲା ଗରିବୀ ଦେଶର ମୋହର । ଦେଶର ସ୍ୱାର୍ଥକୁ ଜଳାଞ୍ଜଳିଦେଇ କରାଯାଇଥିବା ଏପରି ମୂର୍ଖତାପୂର୍ଣ୍ଣ କାର୍ଯ୍ୟକୁ ଏବେ ବି ଅନେକେ କଳଙ୍କିତ ଅଧ୍ୟାୟ ବୋଲି ସମାଲୋଚନା କରି ଆସୁଛନ୍ତି । ନବେଦଶକ ବେଳକୁ ଆଲବାନିଆରେ ସାମ୍ପ୍ରଦାୟିକବାଦର ବିଲୋପ ଘଟିଥିଲା । ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟ ଯେମିତିକୁ ସେମିତି ରହିଥିଲା । ଲୋକଙ୍କ ମୁଣ୍ଡ ଉପରେ ଛାତ କି ଜୀବନ ବଞ୍ଚିବାର ସାଧନ ନଥିଲା । ଏପରି ପ୍ରତିକୂଳ ପରସ୍ଥିତିରେ ଲୋକମାନେ ବଙ୍କରକୁ ଘର ଭାବ ବ୍ୟବହାର କରିବାକୁ ଲାଗିଲେ । ଏବେ ଏହି ବଙ୍କରଗୁଡ଼ିକୁ ବାସଗୃହ, ଗୋଦାମ, ଗୁହାଳ ଭାବେ ବ୍ୟବହାର କରାଯାଉଛି ।

**ବନ୍ଦୀ ହୋଇଥିଲେ ଡିଜାଇନର :**

ଡୋମ୍ ଆକାରର ଏହି ବଙ୍କରଗୁଡ଼ିକୁ ଡିଜାଇନ କରିଥିଲେ ମିଲିଟାରି ଇଞ୍ଜିନିୟର ଜୋସିଫ୍ ଜଗାଲୀ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ଜୋସିଫ୍ ରୁଷିଆରେ ବଙ୍କର ନିର୍ମାଣ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ । ତାଙ୍କ ଦ୍ୱାରା ନିର୍ମିତ ବଙ୍କର ଡିଜାଇନ୍‌ରେ ଏନ୍ଭର ଏତେମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ, ସେ ତାଙ୍କୁ ତୁରନ୍ତ ଏହି ପ୍ରକଳ୍ପ ଦାୟିତ୍ୱ ଦେଇଥିଲେ । ଏପରିକି ତାଙ୍କୁ ସେନାବାହିନୀରେ ଉଚ୍ଚପାହ୍ୟା ପ୍ରଦାନ କରାଯାଇଥିଲା । ତେବେ କିଛିଦିନ ପରେ ବିଦେଶୀ ଏଜେଣ୍ଟ ସନ୍ଦେହରେ ଏନ୍ଭରଙ୍କ ନିର୍ଦ୍ଦେଶରେର ଜୋସିଫ୍‌ଙ୍କୁ ବନ୍ଦୀ କରାଯାଇଥିଲା ।

**ନୂଆ ରୂପ ନେଉଛି ବଙ୍କର :**

ଯେଉଁ ବଙ୍କର ଦିନେ ଆଲବାନିଆର ଅର୍ଥନୀତିକୁ ଛାରଖାର କରିଦେଇଥିଲା ସେହି ବଙ୍କର ଏବେ ବୈଦେଶିକ ପୁଞ୍ଜି ସଂଗ୍ରହର ମାଧ୍ୟମ ପାଲଟିଛି । ଏହାକୁ ଦେଖିବାକୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି । କେତେକ ବଙ୍କରକୁ ପର୍ଯ୍ୟଟକ ରହଣିସ୍ଥଳ ଭାବେ ପରିବର୍ତ୍ତିତ କରାଯାଇଛି । ସେହିପରି ଆଉ କେତେକ ବଙ୍କରକୁ କ୍ଷୁଦ୍ର ହୋଟେଲ, ମ୍ୟୁଜିୟମ, ସାଂସ୍କୃତିକ ସମାବେଶ ସ୍ଥଳରେ ରୂପାନ୍ତରିତ କରିବାକୁ ଯୋଜନା ଚାଲିଛି ।

## ୨ କୋଟି ଅଫର୍‌କୁ ନା



ସାଇ ପଲ୍ଲବୀ ହେଉଛନ୍ତି ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଜଣାଶୁଣା ଅଭିନେତ୍ରୀ । ୨୦୧୪ରେ ସେ ଫିଲ୍ମ 'ପ୍ରେମମ୍'ରେ ମଲ୍ଲାର ଭୂମିକାରେ ଅଭିନୟ କରି ଫିଲ୍ମ ଫେୟାର୍ ଆଓ୍ୱାର୍ଡ ପାଇଥିଲେ । ୨୦୧୭ରେ ଆସିଥିବା ଶେଖର କାମୁଲାଙ୍କ 'ଫିଦା' ମୁଭିରେ ଦର୍ଶକ ତାଙ୍କୁ ବେଶ୍ ପସନ୍ଦ କରିଥିଲେ । ସାଇ ଏବେ ଏକ ଫେୟାରନେସ କ୍ରିମ ଆଡ୍‌କୁ ମନା କରିଦେଇଥିଲେ ଯାହାପାଇଁ ତାଙ୍କୁ ୨ କୋଟି ଟଙ୍କା ଅଫର୍ କରାଯାଇଥିଲା । ସାଇ କହିଥିଲେ, ମୁଁ ଫେୟାର୍‌ନେସ କ୍ରିମ ବିଜ୍ଞାପନରେ କାମ କରିପାରିବି ନାହିଁ । କାରଣ ମୁଁ ଭାରତୀୟ । ରଙ୍ଗ କଳା ଗୋରା ସେପରି କିଛି ନଥାଏ । ଯାହା ଅଛି ଭଗବାନଙ୍କ ଦାନ । କୌଣସି ଭାବେ ଲୋକଙ୍କୁ ଭୂଲ ସନ୍ଦେଶ ଦେବାକୁ ଚାହେଁନି । ପ୍ରକାଶ ଥାଉ କି, ସାଇ ପଲ୍ଲବି ନିଜ ଚେହେରାକୁ କୌଣସି ଫିଲ୍ମରେର ମେକ୍‌ଅପ କରିବାକୁ ପସନ୍ଦ କରନ୍ତି ନାହିଁ । ସେ ତାମିଲ ସୁପରଷ୍ଟାର୍ ସୂର୍ଯ୍ୟଙ୍କ ସହ 'ଏନ୍‌ଜିକେ'ରେ ନଜର ଆସିବେ ।

## କରୋନା ହୋଇନି, ସୁସ୍ଥ ଅଛି



ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ନୟନତାରା ଏବଂ ବୟଫ୍ରେଣ୍ଡ ନିର୍ଦ୍ଦେଶକ ବିଗ୍ନେଶ ଶିବାନ କରୋନା ସଂକ୍ରମିତ ହୋଇନାହାନ୍ତି । ସେମାନେ ସୁସ୍ଥ ଅଛନ୍ତି । ଏକଥା ନିଜେ ନୟନତାରା ଓ ବିଗ୍ନେଶ ସ୍ପଷ୍ଟ କରିଛନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ଉଭୟ ଏକ ପୋଷ୍ଟ କରି ଲେଖିଛନ୍ତି, ଆମେ ସୁସ୍ଥ ଓ ଖୁସି ଅଛୁ । ଏମିତିକି ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫେସ୍‌ଆପ୍ ଫିଲ୍ଟର ବ୍ୟବହାର କରି ଉଭୟ 'ବେବି ସାର୍କ' ଗୀତରେ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି । ଉଲ୍ଲେଖଯୋଗ୍ୟ, ନୟନତାରା ଏବଂ ବିଗ୍ନେଶ କରୋନା ସଂକ୍ରମିତ ଥିବା ଏବଂ ସେମାନେ ଚେନ୍ନାଇର ଏଗମୋରରେ କ୍ୱାରେଣ୍ଟାଇନ୍‌ରେ ରହୁଥିବା କିଛିଦିନ ତଳେ ଗୁଜବ ଉଠିଥିଲା । ୨୦୧୫ରେ ବିଗ୍ନେଶଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ନାନୁମ୍ ରାଓଡ଼ିଧାନ'ରେ ନୟନତାରା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଏହାପରେ ଉଭୟ ପରସ୍ପରକୁ ଭଲପାଇ ବସିଥିଲେ । ଗତବର୍ଷ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲ । କିନ୍ତୁ ଏ ଯାଏଁ ଏ ବିବାଦରେ ଉଭୟ କିଛି ବି ସ୍ପଷ୍ଟ କରିନାହାନ୍ତି ।

ଭାରତୀୟ ବୈଜ୍ଞାନିକଙ୍କ କୃତିତ୍ୱ

## ବର୍ଜ୍ୟ ଜଳରୁ ପାଇଲେ କରୋନା



କୋଭିଡ୍-୧୯ର ଯାଞ୍ଚ ଜୋରଦାର ହେବ

କୋଭିଡ-୧୯ ସଂକ୍ରମଣକୁ ରୋକିବା ପାଇଁ ବିଶ୍ୱର ତମାମ ବୈଜ୍ଞାନିକମାନେ ଜୋରଦାର ଉଦ୍ୟମ ଚଳାଇଥିବା ବେଳେ ଭାରତୀୟ ବୈଜ୍ଞାନିକଙ୍କୁ ଏକ ନୂଆ ସଫଳତା ମିଳିଛି । ପ୍ରଥମ ଥର ପାଇଁ ସେମାନେ କରୋନା ଭୂତାଣୁର ଜିନ୍ ଠାବ କରିଛନ୍ତି । ବର୍ଜ୍ୟ ଜଳରେ ସେମାନେ 'ସାର୍ସ-କୋଭ୍-୨ ଭାଇରସ୍' ବା କୋଭିଡ୍-୧୯ର ଆନୁବଂଶିକ ଉପାଦଦାନ ଚିହ୍ନଟ କରିଛନ୍ତି । ଏହାଦ୍ୱାରା କରୋନା ଭୂତାଣୁ ଉପରେ ଅଧିକ ଯାଞ୍ଚ କରାଯାଇ ବଡ଼ ସଫଳତା ହାସଲ କରିହେବ ବୋଲି ଆଶା ବଢ଼ିଛି । ଭାରତୀୟ ବୈଜ୍ଞାନିକଙ୍କ ଏହି କୃତିତ୍ୱକୁ ବିଶ୍ୱର ତମାମ ବୈଜ୍ଞାନିକ ସମୁଦାୟ ପ୍ରଶଂସା କରିଛନ୍ତି । ଆଇଆଇଟି ଗାନ୍ଧିନଗର ବୈଜ୍ଞାନିକଙ୍କ ନେତୃତ୍ୱରେ କରୋନା ଉପରେ ଅଧ୍ୟୟନ ହୋଇଥିଲା । କରୋନା ଭୂତାଣୁର କିଛି ବର୍ଦ୍ଧିତ 'ଜିନ୍ ନକଲ' ଅହମ୍ମଦଦାବାଦର ବର୍ଜ୍ୟ ଜଳ ସହ ମେଳ ଖାଉଛି ବୋଲି ସେମାନେ ଏହି ଅଧ୍ୟୟନରୁ ଜାଣିବାକୁ ପାଇଥିଲେ । ଏହାଦ୍ୱାରା ଡବ୍ଲ୍ୟୁବିଇ (ନର୍ଦ୍ଦମାଜଳ ଭିତ୍ତିକ ମହାମାରୀ ବିଜ୍ଞାନ) ଜରିଆରେ କରୋନା ଉପରେ ଗଠନମୂଳକ ଯାଞ୍ଚ ସମ୍ଭବ ହୋଇପାରିବ । ବୈଜ୍ଞାନିକଙ୍କ ଏଭଳି କୃତିତ୍ୱ ପରେ କୋଭିଡ୍-୧୯ ଉପରେ ଡବ୍ଲ୍ୟୁବିଇ ଭିତ୍ତିକ ପରୀକ୍ଷା ଚଳାଇଥିବା କେତେକ ରାଷ୍ଟ୍ର ସହ ଭାରତ ସାମିଲ ହୋଇପାରିଛି ବୋଲି ୟୁକେ ସେଣ୍ଟର ଫର୍ ଇକୋଲୋଜି ଆଣ୍ଡ୍ ହାଇଡ୍ରୋଲୋଜିର ଆଣ୍ଡ୍ରିଉ ସିଙ୍ଗର କହିଛନ୍ତି । ଜୁନ୍ ୧୮ରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଥିଲା । ଆଇଆଇଟି ଗାନ୍ଧିନଗର, ଗୁଜରାଟ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟର (ଜିପିସିବି)ର ମିଳିତ ପ୍ରୟୋଗରେ ଏହି ଅଧ୍ୟୟନ କରାଯାଇଥିଲା । ଅହମ୍ମଦାବାଦର ଓଲ୍ଡ ପିରୋନା ୱେଷ୍ଟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ (ଡବ୍ଲ୍ୟୁଡବ୍ଲ୍ୟୁଟିପି)ରୁ ମେ ୮ ଓ ମେ ୨୭ ତାରିଖରେ ସଂଗ୍ରହ କରାଯାଇଥିବା ନର୍ଦ୍ଦମା ଜଳ ଉପରେ ସେମାନେ ଅଧ୍ୟୟନ କରିଥିଲେ । ସାର୍ସ-କୋଭ-୨ର ୩ଟି ଜିନ୍ ଯଥା ଓଆର୍‌ଏଫ୍୧ଏବି, ଏନ୍ ଏବଂ ଏସ୍‌କୁ ବର୍ଜ ଜଳରେ ଠାବ କରାଯାଇଥିଲା । ଏହାପରେ ଏହି ଅଧ୍ୟୟନକୁ ଅର୍ନ୍ତଜାତୀୟ ସାଇନ୍ସ ଜର୍ଣ୍ଣାଲ 'ସାଇନ୍ସ ଅଫ୍ ଦ ଟୋଟାଲ ଏନ୍‌ଭର୍ଣ୍ଣମେଣ୍ଟ' ନିକଟରେ ଦାଖଲ କରାଯାଇଥିଲା ।

## କରୋନାକୁ ମାତ୍ ଦେଉଛି 'କାଢ଼ା'

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଏ ପର୍ଯ୍ୟନ୍ତ ଭରସାଯୋଗ୍ୟ ଟିକା କିମ୍ବା ଔଷଧ ବାହାର ନଥିବା ବେଳେ 'କାଢ଼ା' (ଆୟୁର୍ବେଦିକ ତରଳ ଔଷଧ) ଦ୍ୱାରା କରୋନା ହାରୁଛି ବୋଲି ମଧ୍ୟପ୍ରଦେଶ ଆୟୁଷ ବିଭାଗ ପକ୍ଷରୁ ଦାବି କରାଯାଇଛି । 'ଆରୋଗ୍ୟ କସାୟମ୍ 'କାଢ଼ା' ସେବନ କରି କରୋନା ରୋଗୀ ସୁସ୍ଥ ହେଉଥିବା କୁହାଯାଉଛି ।

ମଧ୍ୟପ୍ରଦେଶର ଆୟୁଷ ବିଭାଗ ପକ୍ଷରୁ କୁହାଯାଇଛି ଯେ ପାଖାପାଖି ଦେଢ଼ମାସେ ହେଲା ଆରୋଗ୍ୟ କସାୟମ୍ କାଢ଼ାକୁ କରୋନା ସଂକ୍ରମିତ ରୋଗୀଙ୍କ ଉପରେ ପ୍ରୟୋଗ କରାଯାଉଛି । ଏଥିରୁ ସକାରାତ୍ମକ ଫଳ ମିଳିଛି । ବିଭାଗର କମିଶନର ଏମ୍ କେ ଅଗ୍ରୱାଲଙ୍କ ମୁତାବକ ୩୧ ଜିଲ୍ଲାର ୧୩୩ କୋଭିଡ୍ କେୟାର ସେଣ୍ଟର ଏବଂ କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ଏହି କାଢ଼ା ପ୍ରୟୋଗ କରାଯାଇଥିଲା । ଏଠାକୁ ଯେତେ ବି ରୋଗୀ ଆସୁଥିଲେ, ସମସ୍ତଙ୍କୁ କାଢ଼ା ପିଇବାକୁ ଦିଆଯାଇଥିଲା । ସମସ୍ତ ରୋଗୀ ସୁସ୍ଥ ହୋଇଥିବା ଦେଖିବାକୁ ମିଳିଛି ।




ଆୟୁଷ ବିଭାଗର ସୂଚନା ମୁତାବକ ୭ଟି ଜଡ଼ିବୁଟି ଦ୍ୱାରା କାଢ଼ା ତିଆରି କରାଯାଇଛି । ଏହାକୁ ଦେଢ଼ମାସ ହେଲା କରୋନା ରୋଗୀଙ୍କୁ ଦିଆଯାଉଛି । ଏହାର କୌଣସି ପାର୍ଶ୍ୱପ୍ରତିକ୍ରିୟା ନଥିବାରୁ ଏହାକୁ ସେବନ ପାଇଁ ଲୋକଙ୍କୁ ଦେଲେ କୌଣସି କ୍ଷତି ହେବନାହିଁ । ସେହି ଦୃଷ୍ଟିରୁ ଏହାକୁ ପ୍ରୟୋଗ କରାଯାଇଥିଲା । କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ପାଖାପାଖି ୩,୪୨୭ ଲୋକଙ୍କୁ କାଢ଼ା ପିଇବାକୁ ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୩,୩୪୩ ଜଣ ଘରକୁ ଫେରିସାରିଲେଣି । ବଳକା ୮୩ ଜଣଙ୍କ ରିପୋର୍ଟ ଆସିବା ବାକି ରହିଛି । କରୋନା ପଜିଟିଭ ଥିବା ୨,୨୪୯ ଜଣଙ୍କ ମଧ୍ୟରୁ ୨,୧୯୯ ଠିକ୍ ହୋଇଥିବା ବେଳେ ୯୫ ଜଣଙ୍କର ନମୁନା ରିପୋର୍ଟକୁ ଅପେକ୍ଷା କରାଯାଇଛି । ଏହି ଘଟଣା ପରେ କେନ୍ଦ୍ର ସରକାର ମଧ୍ୟ ପ୍ରଦେଶ ଆୟୁଷ ବିଭାଗକୁ ଆଉ ଏକ ପର୍ଯ୍ୟାୟ ପ୍ରୟୋଗ ପାଇଁ କହିଛି ।

ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କ କହିବାନୁଯାୟୀ ଭାରତର ପ୍ରାଚୀନ ଆୟୁର୍ବେଦିକ ପଦ୍ଧତି ଏବେ ମଧ୍ୟ ପ୍ରଦେଶରେ କରୋନା ରୋଗୀଙ୍କ ପାଇଁ ବେଶ୍ ଫଳପ୍ରଦ ହେଉଥିବାରୁ ଏହାକୁ ବାକି ରାଜ୍ୟଗୁଡ଼ିକରେ ଉପଲବ୍ଧ କରାଇବା ଆବଶ୍ୟକ । କେବଳ କରୋନା ରୋଗୀଙ୍କ ପାଇଁ ନୁହେଁ, ବରଂ ଏହାକୁ ଦୈନନ୍ଦିନ ଜୀବନଶୈଳୀରେ ଆପଣାଇବା ଦରକାର । କରୋନା ଭୂତାଣୁର ପ୍ରତିକାର ପାଇଁ ବିଶ୍ୱର ତମାମ ବୈଜ୍ଞାନିକମାନେ ଲାଗିଥିବା ବେଳେ ମଧ୍ୟପ୍ରଦେଶରେ କାଢ଼ା ଦ୍ୱାରା କରୋନା ହାରୁଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଆଶା ବଢ଼ିବାରେ ଲାଗିଛି ।

## ମାନସିକ ଚାପ କମାଇବା ଯୋଗାସନ





ଦଣ୍ଡାସନ: ଶରୀରର ସ୍ଫୂର୍ତ୍ତିକୁ ବଜାୟ ରଖେ । ମାନସିକ ଚାପକୁ କମାଇଥାଏ । ପ୍ରତିଦିନ ଅତି କମ୍‌ରେ ୫ ମିନିଟ୍ ପାଇଁ ଏହାକୁ କରିବା ଆବଶ୍ୟକ ।

ବାଳାସନ: ସ୍ନାୟୁଗତ ରୋଗ ଦୂର କରେ । ଏହାଦ୍ୱାରା ଜଂଘ, ନିତମ୍ବ ଏବଂ ଆଣ୍ଠୁର ବ୍ୟାୟାମ ହୋଇଥାଏ । ଅଣ୍ଟା ବିନ୍ଧାରୁ ଉପଶମ ଦିଏ । ମନକୁ ଶାନ୍ତ ରଖେ । ଅବସାଦକୁ ଦୂରେଇଥାଏ ।

ଉଷ୍ଟ୍ରାସନ: ନିୟମିତ ଅଭ୍ୟାସ କଲେ ପୂରା ଶରୀରରେ ରକ୍ତସଞ୍ଚାଳନ ବଢ଼େ । ଅର୍ଥାତ୍ ଶରୀରକୁ ଅଧିକ ଅମ୍ଳଜାନ ଯୋଗାଣ ହୋଇଡାଏ । ଏହାଯୋଗୁଁ ମସ୍ତିଷ୍କ ସମେତ ଶରୀରର ବିଭିନ୍ନ ଅଙ୍ଗର କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇଥାଏ । ସେହିପରି ଏହି ଆସନ ମାନସିକ ଚାପକୁ ବି କମାଏ ।

ସେତୁ ବନ୍ଧାସନ: ଏହା ମଧ୍ୟ ରକ୍ତସଞ୍ଚାଳନକୁ ତ୍ୱରାନ୍ୱିତ କରିଥାଏ । ହୃଦୟର ବ୍ଲକେଜ୍‌କୁ ଖୋଲିବା, ମସ୍ତିଷ୍କକୁ ଶାନ୍ତ କରିବା ଏବଂ ମାନସିକ ଚାପ କମାଇବାରେ ସାହାଯ୍ୟ କରେ । ସେତୁବନ୍ଧାସନ କରିବା ସମୟରେ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହନ୍ତୁ । ଅତି କମ୍‌ରେ ୩ ଥର ଏହାକୁ ଦୋହରାନ୍ତୁ ।

ହଳାସନ: ମେରୁଦଣ୍ଡ ହାଡ଼ର ଯନ୍ତ୍ରଣାକୁ କମାଏ । ମାଂସପେଶୀକୁ ଆରାମ ଦେବା ସହିତ ପିଠି, କାନ୍ଧ ଯନ୍ତ୍ରଣାକୁ କମାଇଥାଏ । ପିଲାମାନଙ୍କର ଉଚ୍ଚତା ବଢ଼େ । ଏହାଛଡ଼ା ମାନସିକ ଚାପ କମିଥାଏ । ଥାଇରଏଡ୍ ରୋଗୀଙ୍କ ପାଇଁ ଏହା ଖୁବ୍ ଉପକାରୀ ।

କର୍ମସ୍ଥଳୀରେ ଯୋଗ: କର୍ମସ୍ଥଳୀରେ ଯୋଗର ବହୁ ଗୁରୁତ୍ୱ ରହିଛି । କିଛି ସମୟ ହେଲେ ମଧ୍ୟ ଅଫିସ୍‌ରେ ଯୋଗାଭ୍ୟାସ କରିବା ଉଚିତ୍ । ଏହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ଯୋଗ ସେମାନଙ୍କ ମଧ୍ୟରେ ସକରାତ୍ମକ ଚିନ୍ତାଧାରା ଆଣି ଦେବା ସହ ସ୍ଫୂର୍ତ୍ତି ବଜାୟ ରଖେ । ମାନସିକ ଅବସାଦ ଦୂର କରେ । ଏହା ସହିତ କର୍ମଚାରୀଙ୍କ ମଧ୍ୟରେ ସଂପର୍କ ସୁଦୃଢ଼ ହୁଏ । ତେଣୁ ବିଗତ କିଛି ବର୍ଷ ହେଲା ବହୁ ସୁଦୃଢ଼ ହୁଏ । ତେଣୁ ବିଗତ କିଛି ବର୍ଷ ହେଲା ବହୁ ବଡ଼ ବଡ଼ କଂପାନିରେ ସପ୍ତାହକୁ ଥରେ ଯୋଗ ଶିବିର ଆୟୋଜନ କରାଯାଉଛି ।

# ନାବାଳିକାକୁ ଥାନାରେ ଦୁଷ୍କର୍ମ ଓ ଗର୍ଭପାତ କରାଇବା ମାମଲା : ବୀରମିତ୍ରପୁର ଥାନା ଅଧିକାରୀ ନିଲମ୍ବିତ

## ମାମଲାର ତଦନ୍ତ ଭାର ଜଣେ ମହିଳା ଡିଏସପିଙ୍କୁ ଦିଆଯାଇଛି : ପଶ୍ଚିମାଂଚଳ ଡ଼ିଆଇଜି

ରାଉରକେଲା, ୨୭/୬ (ହି.ସ.): ସୁନ୍ଦରଗଡ ଜିଲ୍ଲାର ବୀରମିତ୍ରପୁର ନିକଟ ରାୟବଗା ଥାନା ଅଂଚଳର ଜଣେ ନାବାଳିକାକୁ ଥାନାରେ ଦୁଷ୍କର୍ମ ପରେ ତାକୁ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ଗର୍ଭପାତ କରାଇବା ନେଇ ଅଭିଯୋଗ ହେବା ପରେ ରାୟବଗା ଥାନାରେ ୨ ପୁଲିସଙ୍କ ସମେତ ୫ ଜଣଙ୍କ ନାମରେ ମାମଲା ରୁଜ୍ଜୁ ହେବା ଖବର ଉପରେ ରାଜ୍ୟ ପୁଲିସ ଡିଜି ବୀରମିତ୍ରପୁର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝୀଙ୍କୁ ଆଜି ନିଲମ୍ବିତ କରିଛନ୍ତି । ଏହାପରେ ବୀରମିତ୍ରପୁର ଥାନା ଅଧିକାରୀ ଭାବେ ସ୍ନିଗ୍ଧାରାଣୀ ସୁନାଙ୍କୁ ଅବସ୍ଥାପିତ କରାଯାଇଛି । ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇଥିବା ଏହି ଖବର ଚଳିତ ମାସ ୨୧ ତାରିଖରେ ପଦାକୁ ଆସିବା ପରେ, ପୁଲିସର ଏହା ପ୍ରଥମ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ, ତଦନ୍ତକାରୀ ଅଫିସରଙ୍କ ତଦନ୍ତ ଓ ଧାରା ୧୬୪ ରେ ପୀଡିତାର ବୟାନ ରେକର୍ଡ ତଥା ସାକ୍ଷୀମାନଙ୍କର ୧୬୧ ରେ ବୟାନ ରେକର୍ଡ ଉପରେ ବର୍ତ୍ତମାନ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ଓ ଦଣ୍ଡ ବିଧାନ ନିର୍ଭର କରୁଛି ବୋଲି ବହୁପୁରାତନ ପୁଲିସ ଅଫିସର ମାନେ ମତ ଦେଇଛନ୍ତି । ଏହା ଭିତରେ ପୀଡିତା ଚାଇଲ୍ଡଲାଇନରେ ରହିଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା କୁହାଯାଉଛି । ଘଟଣା ପଦାକୁ ଆସିବା ପରେ ଚାଇଲ୍ଡ ଲାଇନ ପକ୍ଷରୁ ଏତଲା ହେବାପରେ କେବଳ ଡାକ୍ତର, ୨ ପୁଲିସ, ସାବତ ବାପ ଓ ପ୍ରେମିକର ନାମ ଏତଲାରେ ରହିଥିଲା । ବର୍ତ୍ତମାନ ତଦନ୍ତକାରୀ ଅଫିସର ଧାରା ୧୬୪ ବଳରେ ସୁସ୍ଥ ଅବସ୍ଥାରେ ପୀଡିତାଙ୍କ ବୟାନ ରେକର୍ଡ଼ କରାଇବା ପରେ ଏତଲାରେ ଅଭିଯୁକ୍ତମାନଙ୍କ ନାମ ଚଢିବ ବୋଲି ଖବର ମିଳିଛି । ସେପଟେ ଗର୍ଭପାତକୁ ନେଇ ସିଡିଏମଓ ତ୍ରିସ୍ତରୀୟ ତଦନ୍ତ କରୁଥିବା ବେଳେ ଚାଇଲ୍ଡ ଲାଇନ ମଧ୍ୟ ସେଥିରେ ସହଯୋଗ କରୁଥିବା ଜଣାପଡିଛି । ଅନ୍ୟପଟେ ବର୍ତ୍ତମାନ ପୀଡିତାର ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିବା ନିହାତି ଦରକାର, ତାକୁ ମାନସିକ ସ୍ତରରେ ସହଯୋଗର ଆବଶ୍ୟକତା ରହିଛି । କାରଣ ସେ ଠିକ୍ ଥିଲେ ଯାଇ ଅଭିଯୁକ୍ତ ମାନଙ୍କୁ ଦଣ୍ଡ ବିଧାନ ହୋଇପାରିବ ବୋଲି ଅନେକ ଆଇନଜୀବି ମତ ଦେଇଛନ୍ତି । ସେହିପରି ପଶ୍ଚିମାଂଚଳ ଡ଼ିଆଇଜି ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ମାମଲାରେ ବୀରମିତ୍ରପୁର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝୀଙ୍କୁ ନିଲମ୍ବନ କରାଯାଇଛି । ମାମଲାର ତଦନ୍ତ ଭାର ଜଣେ ମହିଳା ଡିଏସପିଙ୍କୁ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୨୫ରେ ଏହି ପୀଡିତା ଜଣକ ନିଜ ଗ୍ରାମରୁ ବୀରମିତ୍ରପୁର ଆସି ସଂଧ୍ୟାରେ ଫେରିନପାରି ଜଣେ ପୁଲିସ ବାବୁଙ୍କ ଦ୍ୱାରା ଥାନାକୁ ଯାଇଥିଲେ । ପରେ ଥାନାରେ ତା ଉପରେ ଶାରୀରିକ ଅତ୍ୟାଚାର ହେବା ପରେ ବାରମ୍ବାର ତାକୁ ଗାଡିରେ ଅଣାଯାଇ ତାକୁ ଉପଭୋଗ କରାଯାଉଥଲା ବୋଲି ପୀଡିତା ଜଣକ ଚାଇଲ୍ଡ ଲାଇନ ପାଖରେ କହିଥିବା ଖବର ମିଳିଛି । ଏହାରି ଭିତରେ ଗାଡିରେ ନବା ଆଣିବା କରୁଥିବା ଚାଳକ ମଧ ପୀଡିତାର ଅସହାୟତାର ଫାଇଦା ନେଇଥିବା ବେଳେ ପୀଡିତାର ସାବତ ବାପ ଓ ଅନ୍ୟଜଣେ ଯୁବକ ମଧ ଏହା ପୂର୍ବରୁ ପୀଡିତା ଠାରୁ ଫାଇଦା ଉଠାଇଥିବା ସେ କହିଛି ।

# କେନ୍ଦୁଝର : କୋରୋନା କଟକଣା ସମୟରେ ଭିତିପ୍ରସ୍ତର ସ୍ଥାପନକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦୁଝର, ୨୭/୬ (ହି.ସ.): ସମଗ୍ର ବିଶ୍ୱରେ କରୋନା ତାର ପକ୍ଷ ବିସ୍ତାର କରି ଚାଲଥିବା ବେଳେ ଓଡିଶା କିମ୍ବା କେନ୍ଦୁଝର ଜିଲ୍ଲା ମଧ୍ୟ ଏଥିରୁ ବାଦ ପଡିନାହିଁ । ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଅନେକ କଟକଣା ଜାରି ରଖିଛନ୍ତି । ଏବଂ ସମସ୍ତ ସରକାରୀ କାର୍ଯ୍ୟକ୍ରମ ଏକ ପ୍ରକାର କଟକଣା ମାଧ୍ୟମରେ ରହିଥିବା ବେଳେ ସାମାଜିକ ଦୂରତା ଓ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି । କିନ୍ତୁ ସମସ୍ତ କଟକଣାକୁ ଖୋଦ ରାଜ୍ୟ ସରକାର ଙ୍କ ଜଣେ ମନ୍ତ୍ରୀ ଯେଭଳି ଫୁ କରି ଉଡାଇ ଦେଇଥିବା ଦେଖିବାକୁ ମିଳିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାରେ । କେନ୍ଦୁଝର ଜିଲ୍ଲାର ତେଲକୋଇ ବିଧାନସଭା ନିର୍ବାଚନ ରେ ବି. ଜେ. ଡି. ଦଳର ଟିକେଟରେ ବିଜୟୀ ହୋଇ ପ୍ରେମାନନ୍ଦ ନାୟକ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ଦକ୍ଷତା ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । କରୋନା ଭୟାଭୟ ସମୟରେ ପ୍ରାୟତଃ ସରକାରୀ କାର୍ଯ୍ୟକ୍ରମରେ ଏକ ପ୍ରକାର ତାଲା ପଡିଯାଇଛି । କିନ୍ତୁ ବର୍ତ୍ତମାନର କରୋନା କଟକଣା ସମୟରେ ଶୁକ୍ରବାର ଦିନ ପ୍ରାୟ ଦିନ ୧୧ ଟା ସମୟରେ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶତାଧିକ ପୁରୁଷ ଓ ମହିଳା ସମର୍ଥକ ମାନଙ୍କ ଗହଣରେ ତେଲକୋଇ ବଜାର ମଧ୍ୟରେ ଏକ ସରକାରୀ ସ୍ଥାନରେ ମନ୍ଦିର ନିର୍ମାଣ ନିମନ୍ତେ ଭିତି ପ୍ରସ୍ତର ସ୍ଥାପନ କରିଛନ୍ତି । ଯାହାକୁ ନେଇ ଚର୍ଚ୍ଚା ଜୋର ରେ ଆରମ୍ଭ ହୋଇଯାଇଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଗତ ମାର୍ଚ୍ଚ ମାସରେ ଯେଉଁ ସ୍ଥାନରୁ ସରକାରଙ୍କ ପକ୍ଷରୁ ଏକ ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଥିଲା ଦୁଇ ମାସ ପରେ ସେହି ସ୍ଥାନରେ କିପରି ସରକାରଙ୍କ ଖୋଦ ଜଣେ ମନ୍ତ୍ରୀ ପୁଣି ଏକ ମନ୍ଦିର ନିର୍ମାଣ ପାଇଁ ଭିତି ପ୍ରସ୍ତର ସ୍ଥାପନ କରିଛନ୍ତି ତାହା ସମସ୍ତଙ୍କ ପାଇଁ ଯେଭଳି ରହସ୍ୟପୁର୍ଣ୍ଣ ହୋଇ ପଡିଛି ଅନୁରୁପ ଭାବେ ପ୍ରଶ୍ନଚିହ୍ନ ମଧ୍ୟ ଲଗାଇଛି । ତାହା ପୁଣି କରୋନା କଟକଣା ସମୟରେ ସାମାଜିକ ଦୂରତା ଠାରୁ ଏକ ସ୍ଥାନରେ ୭ ଜଣଙ୍କ ଠାରୁ ଅଧିକ ଏକାଠି ହୋଇ ନପାରିବା ଭଳି ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ଯାହାକି ବିଭନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମନ୍ତ୍ରୀ ମଣ୍ଡଳର ଏଭଳି ଅମାନିଆ ସଦସ୍ୟ ଙ୍କୁ ମନାଇବା ଲାଗି ଖୋଦ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଅନେକ ସଚେତନ ନାଗରିକ ଅନୁରୋଧ କରଛନ୍ତି ।

# କରୋନା ଯୋଦ୍ଧା ଘୋଷଣା ଦାବି କଲେ ଶ୍ରମ କାର୍ଯ୍ୟାଳୟ କର୍ମଚାରୀଙ୍କୁ

କେନ୍ଦ୍ରାପଡ଼ା, ୨୭/୬ (ହି.ସ.): କେନ୍ଦ୍ରାପଡା ଶ୍ରମ କାର୍ଯ୍ୟାଳୟରେ ନିୟୋଜିତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ପାଇଁ ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀ ଦାବି କରିଛନ୍ତି । ଶ୍ରମ କାର୍ଯ୍ୟାଳୟରେ ନିୟୋଜିତ ଏହି କର୍ମଚାରୀ ମାନେ ନିଜ ଜୀବନକୁ ବିପନ୍ନ କରି ଜରୁରୀ କାଳୀନ ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ମାତ୍ର ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଗ୍ରହଣ କରାଯାଇ ନାହିଁ । ଏହି କର୍ମଚାରୀ ମାନେ କରୋନା ଯୋଦ୍ଧା ଭାବେ ଗ୍ରହଣ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ।

# ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ବିଶ୍ୱ ନିଶା ମୁକ୍ତି ଦିବସ ପାଳିତ

ବାରିପଦା, ୨୭/୬ (ହି.ସ.): ସ୍ଥାନୀୟ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ର ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମ ବିଶ୍ୱ ନିଶା ମୁକ୍ତି ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରର ଅଧକ୍ଷ ଅବନୀ କୁମାର ପତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜନସାଧାରଣଙ୍କୁ ନିଶାର କୁପ୍ରଭାବ ବିଷୟରେ ସଚେତନ କରିବା ଉଦ୍ଦ୍ୟେଶରେ ଏକ ସଚେତନତା ର୍ୟାଲି କାଳିକାପୁରସ୍ଥିତ ପ୍ରତିଜ୍ଞା ନିଶାନିବାରଣ କେନ୍ଦ୍ର ପରିସରରୁ ବାହାରି ସହର ପରିକ୍ରମା କରିଥିଲା । କେନ୍ଦ୍ରର ଅନ୍ତେବାସୀମାନେ ହାତରେ ପ୍ଲେ-କାର୍ଡ଼ ଧରି ନିଶା ମୁକ୍ତ ସମାଜ ଗଠନ ନିମନ୍ତେ ବିଭିନ୍ନ ପ୍ରକାର ସ୍ଲୋଗାନମାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ । ସମାଜସେବୀ ଏବଂ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିବା ବେଳେ ଦିଲ୍ଲୀପ କୁମାର ଦାସ, ଅନ୍ତର୍ଯ୍ୟାମୀ କାନୁନଗୋ, ଶୋଭାବତୀ ହୋତା, ସମାଜସେବୀ ସୁଶୀଲ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଅନ୍ତେବାସୀଙ୍କୁ ନିଶାର କୁ-ପ୍ରଭାବ ବିଷୟରେ ସଚେତନ କରାଇବା ପାଇଁ ଉଦ୍‌ବୋଧନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରର କର୍ମକର୍ତା ମନୋଜ କୁମାର ବେହେରା, ସମୀର କୁମାର ମହାନ୍ତି, ସଂଜସ ଭୂୟାଁ, ଗିରୀଶ ମହାନ୍ତ ବୁଧେଶ୍ୱର ସି ପ୍ରମୁଖ ସହଯୋଗ କରିଥିଲେ ।

# ଦୁଇ ଅଣ ସେବାୟତ ଅଟକ

ପୁରୀ, ୨୭/୬ (ହି.ସ.): ଶୁକ୍ରବାର ସକାଳୁ ମଙ୍ଗଳ ଆଳତି ସମୟରେ ୨ଜଣ ବ୍ୟକ୍ତି ସେବାୟତ ବେଶ ଧରି ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିଲେ । ଏହାକୁ ଦେଖି କେତେକ ସେବାୟତ ବାରଣ କରିବା ପରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ୨ଜଣଙ୍କୁ କୁମ୍ଭାରପଡା ଥାନାରେ ଦେଇଥିଲେ । ଏହି ଦୁଇଜଣ ବ୍ୟକ୍ତି କୁମ୍ଭାରପଡାର ଅଭିଜିତ୍ ମହାନ୍ତି ଓ ମାର୍କଣ୍ଡେଶ୍ୱର ସାହିର ସ୍ମୃତିରଂଜନ ମହାନ୍ତି ବୋଲି ଜଣାପଡିଛି । ଏ ସଂପର୍କରେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ଏହି ଦୁଇଜଣ ବ୍ୟକ୍ତି କାହିଁକି ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କଲେ, କୋଭିଡ ଆଇନକୁ ଅବମାନନା କଲେ, ସେବାୟତ ବେଶ କାହିଁକି ଧରିଥିଲେ, କେଉଁ ଉଦ୍ଦେଶ୍ୟ ରଖି ମନ୍ଦିରକୁ ଯାଇଥିଲେ ସେ ସଂପର୍କରେ ପଚରା ଉଚରା କରାଯାଉଛି ।

# ୨ ଜଣ ଗର୍ଭବତୀ ମହିଳା କୋଭିଡ ପୋଜିଟିଭ ଚିହ୍ନଟ

ନୂଆପଡା, ୨୭/୬ (ହି.ସ.): ନୂଆପଡା ଜିଲ୍ଲାରେ ଶୁକ୍ରବାର ନୂତନ ୨ ଜଣ କୋଭିଡ ପୋଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୨ ଜଣ ପୋଜିଟିଭକୁ ମିଶାଇ ମୋଟ ଜିଲ୍ଲାରେ ୮୦କୁ ବୃଦ୍ଧି ପାଇଛି । ଆଜିର ଆକ୍ରାନ୍ତ ୨ ଜଣ ମହିଳା ହୋଇଥିବା ବେଳେ ୨ ଜଣ ଗର୍ଭବତୀ ଥିବା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରାଧାରମଣ ବିଷ୍ଟିଆ ପ୍ରକାଶ କରିଛନ୍ତି । ୨ ଜଣ ମହିଳା ଅସ୍ଥାୟୀ ସଂଘରୋଧ କେନ୍ଦ୍ରରେ ଥିବା ବେଳେ ସେମାନଙ୍କ ଘର ନୂଆପଡା ସଦର ତେଲିପଡା ବୋଲି ଜଣାପଡିଛି । ଉଭୟ ମହିଳା ଉ ର ପ୍ରଦେଶରୁ ଗତ ୧୫ ତାରିଖ ଦିନ ଫେରିଥିବା ବେଳେ ସେମାନଙ୍କ ବୟସ ଯଥାକ୍ରମେ ୨୦ ଓ ୨୩ ହେବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଗତ ଦିନରେ ନୂଆପଡା ଜିଲାରେ ୭୮ ଆକ୍ରାନ୍ତ ସମସ୍ତେ ଆରୋଗ୍ୟ ଲାଭ କରିଥିବା ବେଳେ ବ ର୍ମାନ ୨ ଜଣ ଆକ୍ଟିଭ କେଶ ରହିଥିବା ସୂଚନା ମିଳିଛି ।

# ମତ୍ସ୍ୟଜିବୀ ସମବାୟ ସମିତିର ତହସିଲଦାରଙ୍କ ବିରୁଧରେ ଅଭିଯୋଗ

କେନ୍ଦ୍ରାପଡ଼ା, ୨୭/୬ (ହି.ସ.): ପଟ୍ଟାମୁଣ୍ଡାଇ ପ୍ରାଥମିକ ମତ୍ସ୍ୟଜିବୀ ସମବାୟ ସମିତି ପଟ୍ଟାମୁଣ୍ଡାଇ ବ୍ଲକ ଓ ଆଳି ବ୍ଲକର ୬ ଗୋଟି ଗ୍ରାମକୁ ନେଇ ଗଠିତ ହୋଇଅଛି । ଆଳି ତହସିଲ ଅଧିନରେ ୪ ଗୋଟି ସୈରାତ ସୁପାରିସ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ଅଧିନରେ ୨ଟି ସୈରାତ ରହିଛି । ମାତ୍ର ଆଳି ତହସିଲଦାର ପଟ୍ଟାମୁଣ୍ଡାଇ ପ୍ରାଥମିକ ମତ୍ସ୍ୟଜିବୀ ସମବାୟ ସମିତିକୁ ସୈରାତ ନଦେଇ କେତେକ ଦଲାର ମାନଙ୍କୁ ଦେଉଥିବାର ଅଭିଯୋଗ ହୋଇଛି । ଏହି ମର୍ମରେ ପଟ୍ଟାମୁଣ୍ଡାଇ ପ୍ରାଥମିକ ମତ୍ସ୍ୟଜିବୀ ସମବାୟ ସମିତି ପକ୍ଷରୁ ସଂପାଦକ ସର୍ବେଶ୍ୱର ସେଠୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି ।

# ଜାତୀୟ ରାଜପଥ ୫୩ ଏନ୍.ଏଚ.ଆଇ.କୁ ହସ୍ତାନ୍ତର ହେଲାପରେ ମଧ ଭୁବନବାସୀଙ୍କ ଦୁର୍ଦ୍ଦଶା ସରୁ ନାହିଁ

ଭୁବନଭୁବନ, ୨୭/୬ (ହି.ସ.): ଭୁବନରେ ଜାତୀୟ ରାଜପଥ ୫୩ ନିର୍ମାଣ ହେବାପରେ ଏହା ଏବେ ଏନ୍.ଏଚ.ଏ.ଆଇ.କୁ ହସ୍ତାନ୍ତର ହୋଇଛି କିନ୍ତୁ ଭୁବନବାସୀଙ୍କ ଦୁର୍ଦ୍ଦଶା ଏବେ ମଧ ସରିନାହିଁ । ଏନ୍.ଏଚ.ଏ.ଆଇ. ବିଭାଗ ୪ ଲାଇନ୍ ରାସ୍ତା ନିର୍ମାଣ କାର୍ଯ୍ୟ ଏବେ ଚାଲିଛି କେବେ ସରିବ ତା'ର ଠିକଣା ନାହିଁ କିନ୍ତୁ ଭୁବନ ଥାନାଠାରୁ ଅନନ୍ତପୁର ଛକ ପର୍ଯ୍ୟନ୍ତ ପୂର୍ବରୁ ଥିବା ଜାତୀୟ ରାଜପଥ ୫୩ର ଅବସ୍ଥା କହିଲେ ନ ସରେ । ପ୍ରତ୍ୟେକ ଦିନ ଏହି ଜାତୀୟ ରାଜପଥରେ ବହୁ ଦୁର୍ଘଟଣା ଘଟିବା ସହିତ ବହୁ ଲୋକ ଗୁରୁତର ଭାବେ ଆହତ ହେଉଛନ୍ତି । ପଥଚାରୀ ଠାରୁ ଚାରିଚକିଆ ଯାନ ଆରୋହୀ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏହି ଜାତୀୟ ରାଜପଥ ୫୩ ସୁଧୁରିବ କେବେ ? କେବେ ସରିବ ଏ ଲୋକଙ୍କ ଦୁର୍ଦ୍ଦଶା । ଅନନ୍ତପୁରଠାରୁ କାମାକ୍ଷାନଗର (ଜିରିଡାମାଳି) ୩୧ କିମି ପର୍ଯ୍ୟନ୍ତ ଜମି ଅଧିକରଣ ହୋଇଥିବା ମାଲିକମାନଙ୍କ ମଧ୍ୟରୁ ଏବେ ୩୦ ପ୍ରତିଶତ ଜମି ମାଲିକ କ୍ଷତିପୂରଣ ରାଶି ନପାଇ କୋର୍ଟର ଦ୍ୱାରସ୍ଥ ହୋଇଥିବାରୁ କାମ ବିଳମ୍ବ ହେଉଛି । ଏଥିଯୋଗୁ ବାଇପାସ୍ ଗୁଡିକ ସଂଯୋଗକରଣ ହେଇପାରୁନାହିଁ । ଭୁବନରୁ କାମାକ୍ଷା ଓ ଭୁବନରୁ ଡୁବୁରୀ ଯାତାୟତ କରିବାପାଇଁ ଲୋକମାନେ ତାଙ୍କର ପିଲାଛୁଆ ମାନଙ୍କୁ ନେବା ଆଣିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୀଳମାଧବ ପେଟ୍ରୋଲ ପମ୍ପ ଠାରୁ କାଳୀବଜାର ଦେଇ ସିଭିଲ କୋର୍ଟ ପର୍ଯ୍ୟନ୍ତ ରାସ୍ତା ପୂର୍ତ ବିଭାଗକୁ ହସ୍ତାନ୍ତର କରାଯାଇ ୨.୫ କୋଟି ଟଙ୍କାରେ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ପ୍ରଜେକ୍ଟ ହୋଇଥିଲା ବେଳେ ଏନଏଚଏଆଇ ଏବଂ ପୂର୍ବ ବିଭାଗ ବିବାଦ ତୁଟୁନଥିବାରୁ ଏହି ରାସ୍ତା ନିର୍ମଣ ହୋଇପାରୁନାହିଁ । ଫଳରେ ଏହି ରାସ୍ତାରେ କୃତ୍ରିମ ଗାଡିଆ ସୃଷ୍ଟି ହୋଇଛି । ଏ ସଂପର୍କରେ ବାରମ୍ବାର ଗଣମାଧ୍ୟମରେ ସଚିତ୍ର ଖବର ପ୍ରକାଶ ପାଇଲା ପରେ କାଳୀବଜାର ଠାରେ ରାତି ଅଧିଆ ମେଟାଲ ପକାଯାଇଥିଲା । ଚିପ୍ସ, ବଜୁରୀ ଓ ପିଚୁ ଦେଇ ରାସ୍ତା ତିଆରି ହୋଇନଥିବାରୁ ଦୈନିକ ଶତାଧିକ କୋଇଲା ବୋଝେଇ ଟ୍ରକ ଏବଂ ଏନଏଚ କାମରେ ବ୍ୟବହୃତ ହାଇଵ୍ୱା, ଡମ୍ଫର ଚାଲିବା ଫଳରେ ପୁନର୍ବାର ଖାଲ ସୃଷ୍ଟି ହେବା ସହିତ ମେଟାଲ ଛିଟିକି କେତେବେଳେ ଦୋକାନ ଭିତରକୁ ପଶି ଯାଉଛି ତ କେତେବେଳେ ପଥଚାରୀଙ୍କ ମୁହଁରେ ବାଜି ଲୋକମାନେ ଖଣ୍ଡିଆ ଖାବରା ହେଉଛନ୍ତି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅନନ୍ତପୁର ଛକ ଠାରୁ ବାଟତାରିଣୀ (ଥାନା ଛକ) ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରନ୍ତୁ ନଚେତ ଲୋକଙ୍କ ଅସନ୍ତୋଷ ଜନଆନ୍ଦୋଳନ ର ରୂପ ନେଇପାରେ ।

# ପଂଚମ ଜିଲ୍ଲା ପରିଷଦ ସ୍ୱତନ୍ତ୍ର ବୈଠକ

ନୂଆପଡା, ୨୭/୬ (ହି.ସ.): ନୂଆପଡା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାକେନ୍ଦ୍ରରେ ଶୁକ୍ରବାର ପଂଚମ ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂଆପଡା ଜିଲ୍ଲାପାଳ ଡଃ ମଧୁସ୍ମିତା ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ପଂଚ ଦଶ ଅର୍ଥ କମିଶନଙ୍କ ପାଣ୍ଠିର ସୁବିନିଜୋଗ ସହ ବିକେନ୍ଦ୍ରିକରଣ ପାଣ୍ଠି ବିନିଯୋଗ ଉପରେ ଗୁରତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକରେ ଜିଲ୍ଲାର ସମସ୍ତ ନିର୍ବାଚିତ ଜିଲା ପରିଷଦ ସଭ୍ୟ, ସଭ୍ୟା ଯୋଗ ଦେଇଥିଲେ ।

# ବାଜିରାଉତ ସେତୁରେ ଅଧା ଜଳୁନି ଉଜ୍ଜ୍ୱଳ ରଙ୍ଗିନ ଆଲୋକ

ଭୁବନ, ୨୭/୬ (ହି.ସ.): ଭୁବନ ରୁ ଢେଙ୍କାନାଳ କୁ ସଂଯୋଗ କରୁଥିବା ବାଜିରାଉତ ସେତୁରେ ଗତ ଅକ୍ଷୟ ତୃତୀୟା ଅବସରରେ ବହୁ ପ୍ରତୀକ୍ଷିତ ଉଜ୍ଜ୍ୱଳ ଆଲୋକ ଲାଗିଥିଲା ବେଳେ ୨ ମାସ ନଯାଉଣୁ ସେଥିରୁ ଅଧା ଲାଇଟ ଜଳୁନାହିଁ । ୨୦୧୬ ଅପ୍ରେଲ ମାସରେ ସେତୁ ଉଦଘାଟନ ହେବା ପରଠାରୁ ଆଲୋକୀକରଣ ପାଇଁ ବହୁ ବାର ଦାବି ହୋଇ ଆସୁଥିଲା । ଗତ ତା୯.୩.୨୦୧୯ ରିଖରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସେତୁ ଉପରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ଶିଳାନ୍ୟାସ କରିଥିଲେ । ତେବେ ଅଧା ଲାଇଟ ଜଳୁନଥିବା ସଂପର୍କରେ ଜିଇଡି ଏସଡିଓ ପ୍ରିୟଙ୍କା ନାଥ ଙ୍କୁ ପଚାରିବାରୁ ବଜ୍ରପାତରେ ବ୍ରିଜରେ ଲାଗିଥିବା କିଛି ଲାଇଟ ପୋଡିଯାଇଛି, ସେ ଲାଇଟ ଓଡିଶାରେ ମିଳୁନାହିଁ, ଲକଡାଉନ ଖୋଲିଲେ କଲିକତାରୁ ଅଣାଯାଇ ଲଗାଯିବ ବୋଲି କହିଥିଲେ ।

# ଏସ୍.ବି.ଆଇ ପକ୍ଷରୁ ସହିଦ ଚନ୍ଦ୍ରକାନ୍ତଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ବିମାରାଶି ପ୍ରଦାନ

କନ୍ଧମାଳ, ୨୭/୬ (ହି.ସ.): ଦେଶ ପାଇଁ ବଳିଦାନ ଦେଇତିବା ସହିତ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ପରିବାରକୁ ଆଜି ଫୁଲବାଣୀ ଏସ୍.ବି.ଆଇ ରିଜିଓନାଲ୍ ମ୍ୟାନେଜର ବିକ୍ରମ କେଶରୀ ମାନ୍ଧାଦାତା ୩୦ ଲକ୍ଷ ଟଙ୍କାର ବିମାରାଶି ପ୍ରଦାନ କରିଛନ୍ତି । ସହିଦଙ୍କ ପକ୍ଷରୁ ତାଙ୍କ ମାଆ ବିଳାସିନି ପ୍ରଧାନ ଏହି ବିମାରାଶି ଗ୍ରହଣ କରିଥିଲେ । ରାଇକିଆ ବ୍ଲକ ଅନ୍ତର୍ଗତ ବିୟରପଙ୍ଗା ଗ୍ରାମର ସହିତ ଚନ୍ଦ୍ରକାନ୍ତ ପ୍ରଧାନ ଟିକାବାଲି ବ୍ଲକ ଅନ୍ତର୍ଗତ ପାବୁରିଆ ଷ୍ଟେଟ୍ ବ୍ୟାଙ୍କ ଶାଖାର ଜଣେ ଗ୍ରାହକ ଥିଲେ । ଆଜିଏହି ବିମାରାଶି ପ୍ରଦାନ ସମୟରେ ପାବୁରିଆ ଶାଖାର ପ୍ରବନ୍ଧକ ଦେବଦ ଦାସ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପ୍ରକାଶଯେ, ଏସ୍.ବି.ଆଇ ପକ୍ଷରୁ ଦେଶର ସମସ୍ତ ଖାତାଧାରି ସୌନିକ , ଅର୍ଦ୍ଧ ସୈନିକ ମାନଙ୍କ ପରିବାର ସୁରକ୍ଷା ପାଇଁ ଏସ୍.ବି.ସିଆଇ ପକ୍ଷରୁ ମାଗଣା ସୁରକ୍ଷା ବୀମା ବ୍ୟବସ୍ଥା ରହିଛି । ଏଭଳି ସ୍ଥଳେ ସହିଦ୍ ଚନ୍ଦ୍ରକାନ୍ତ ମଧ୍ୟ ଜଣେ ଏସ୍.ବି.ଆଇର ଗ୍ରାହକଥିଲେ । ସହିଦଙ୍କ ପରିବାରର ଏହି ଦୁଃଖଦ ସମୟରେ ସ୍ଥାନୀୟ ଏସ୍.ବି.ଆଇ ପ୍ରବନ୍ଧକଙ୍କ ତରଫରୁ ତତକାଳ ପ୍ରଚେଷ୍ଟା କରାଯାଇ ବିମାରାଶିକୁଆଜି ତାଙ୍କ ଗ୍ରାମରେପହି ଏହି ଅର୍ଥ ପ୍ରଦାନ କରଯାଇଛି ।

# ରାତି ଅଧରେ ବେଆଇନ ମାଙ୍କଡା ପଥର ଓଲଟିଲା, ଜଣେ ଶ୍ରମିକ ମୃତ

ଧର୍ମଶାଳା, ୨୭/୬ (ହି.ସ.): ରାତି ଅଧରେ ବେଆଇନ ମାଙ୍କଡା ପଥର ଚାଲାଣ ମହଙ୍ଗା ପଡିଛି । ମାକଡା ବୋଝେଇ ଟ୍ରକ ଓଲଟି ପଡିବା ସହିତ ଜଣେ ଶ୍ରମିକର ଶୋଚନୀୟ ମୃତ୍ୟୁ ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଦର୍ପଣ ତହସିଲ ଅଧିନସ୍ଥ ଅଭୟପୁର ଗ୍ରାମ ନିକଟରେ । ସୂଚନା ମୁତାବକ ଓଡି୦୪ ଡି ୬୭୯୮ ଟ୍ରକ୍‌ଟି ବନ୍ଦ ବିଳମ୍ବିତ ରାତିରେ ଏହି ତହସିଲ ଅନ୍ତର୍ଗତ ବନ୍ଧାଳୋ-ଏଣ୍ଡରପଦା ରାସ୍ତା ଅଭୟପୁର ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଏହି ସମୟରେ ଟ୍ରକ ଡାଲାରେ ଉପରେ ଥିବା ଜଣେ ଶ୍ରମିକ ଟ୍ରକ୍ ଡାଲା ତଳେ ଚାପି ହୋଇ ମୃତ୍ୟୁ ବରଣ କରିଛନ୍ତି । ମୃତକ ଜଣକ ହେଲେ ଏହି ତହସିଲ ଅନ୍ତର୍ଗତ ସୋଲର ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ ୪୫ ବୋଲି ଜଣାପଡିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଖବର ପାଇ ବୈରୀ ପୁଲିସ ଘଟଣାସ୍ଥଳରେ ପଂହଚି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରିବା ସହିତ ଟ୍ରକ୍ ତଳୁ ମୃତ ଅବସ୍ଥାରେ ଶ୍ରମିକକୁ ଉଦ୍ଧାର କରି ଘଟଣାର ତଦନ୍ତ ଅଧିକ ତଦନ୍ତ ଚଳାଇଛି । ମୃତ ଦେହକୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକୁ ବ୍ୟବଚ୍ଛେଦ ପାଇ ପଠାଇ ଦେଇଛନ୍ତି । ରାତି ଅଧରେ ଏଭଳି ବେଆଇନ ପରିବହନକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ସ୍ଥାନୀୟ ପୁଲିସ ଓ ଦର୍ପଣ ତହସିଲଦାରଙ୍କର କିପରି ନଜର ପଡୁନି ବୋଲି ଲୋକେ ପ୍ରକାଶ କରିଛନ୍ତି ।

## ୪୨ତମ ସଂସ୍କୃତି ଚର୍ଚ୍ଚା ସମାରୋହ

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ବନ୍ଦେ ଉତ୍କଳ ଜନନୀ

ଭୁବନେଶ୍ୱର, ୨୭/୬ (ହି.ସ.): କୋଭିଡ-୧୯ ସଂକ୍ରମଣରେ ଭାରତ ତଥା ସମଗ୍ର ବିଶ୍ୱ ସଂକ୍ରମିତ ଯୋଗୁଁ, ସରକାରଙ୍କ ନିର୍ଦ୍ଦେଶନାମା ଏବଂ ସାମାଜିକ ଦୂରତା ଅବଲମ୍ବନ ପୂର୍ବକ ୪୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ଇଂଟରନେଟ୍‌ର ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର, ସମ୍ମାନର ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦାନ କରିଥିଲେ । ସଭାପତିତ୍ୱ କରିଥିଲେ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ନାୟକ । ସମ୍ମାନରେ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ । ସଭାର ପ୍ରାରମ୍ଭରେ ମୁଖ୍ୟବକ୍ତା ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିମାନଙ୍କୁ ଉପଢୌକନ ଏବଂ ପୁଷ୍ପଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀ ମହାପାତ୍ର ବର୍ଣ୍ଣନା କରିଥିଲେ ଯେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରକୃତରେ ଥିରେ ଏକ ବିସ୍ମୟ । ସବ୍ୟସାଚୀଙ୍କ ପରି ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟ ସର୍ଜନା କରି ସେ ନିଜର ସ୍ୱତନ୍ତ୍ର ସ୍ଥାନ ରଖି ଯାଇଛନ୍ତି । ତାଙ୍କର କାବ୍ୟିକ ସାଧନା ବିରାଟ କାବ୍ୟ ସୃଷ୍ଟି କରିନାହିଁ ବରଂ କ୍ଷୁଦ୍ର ଓ ଅତିକ୍ଷୁଦ୍ର କବିତା ସୃଷ୍ଟି ମଧ୍ୟରେ ତାଙ୍କର ସାଧନା ସୀମିତ ରଖିଥିଲେ ହେଁ, ସେସବୁ ଅତ୍ୟନ୍ତ ଶକ୍ତିଶାଳୀ ଓ ଚିତାକର୍ଷକ ସୃଷ୍ଟି ଭାବରେ ତାଙ୍କୁ ଓଡ଼ିଆ ସାହିତ୍ୟରେ ଅମର କରି ରଖିଛି । ତାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ ହେଉଛି, ଉଭୟ ପୁରାତନ ଓ ଆଧୁନିକ । ଏ ସାହିତ୍ୟ ମଧ୍ୟରେ ସେ ଏକ ସାର୍ଥକ ସଂଯୋଗକାରୀ ସେତୁ, କେହି କେହି ତାହାକୁ ସୁବର୍ଣ୍ଣ ସେତୁ ବୋଲି କହିଥାନ୍ତି । ଡଗର ପତ୍ରିକାର ୧୪ବର୍ଷ ସଂଖ୍ୟାରେ ସେ ଲେଖିଥିଲେ ମୁଁ କାହିଁକି ଲେଖେ ? ଶୀର୍ଷକ ଲେଖାଟିଏ ସେ ଲେଖାର ଶେଷାଂଶଟି ଏହିପରି ମୋ ନିଜ କଥା କହିବାକୁ ଗଲେ ମୁଁ ଲେଖେଁ ନିଜେ ଜୀଇଁ ରହିବା ପାଇଁ । ଏଇ ଲେଖିବାର ମୋହ ମୋତେ ଏଯାବତ୍ ବଂଚାଇ ରଖିଛି ବୋଲି ମୋର ବିଶ୍ୱାସ । ମୋ ଦୁର୍ବିସହ ଜୀବନର ଏକମାତ୍ର ଆଶ୍ୱାସନ, ଏକମାତ୍ର ସମ୍ବଳ, ଏହି ଅବଲମ୍ବନଟି ଯେଉଁଦିନ ଛିଡ଼ିଯିବ, ସେହିଦିନ ଏହା ମୋର ଶେଷ ଦିନ । ତାହାହିଁ ତାଙ୍କ କ୍ଷେତ୍ରରେ ଘଟିଥିଲା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ କବିତା ବନ୍ଦେ ଉତ୍କଳ ଜନନୀ ୧୯୧୨ ମସିହାରେ ବିଧିବଦ୍ଧ ଭାବେ ଉତ୍କଳ ସମ୍ମିଳନୀରେ ଗାନ କରାଯାଇଥିଲା । ଭଦ୍ରକ ହାଇସ୍କୁଲ ଠାରେ ୧୯୩୪ ମସିହାରେ ଆୟୋଜିତ ଏକ ସମ୍ବର୍ଦ୍ଧିତ ସଭାରେ ଲକ୍ଷ୍ମୀକାନ୍ତ ସାହୁ ତାଙ୍କୁ କାନ୍ତକବି ଉପାଧି ପ୍ରଦାନ କରିଥିଲେ । ଦୀର୍ଘ ୧୦୦ ବର୍ଷ ପରେ ଏହି ସଙ୍ଗୀତ ଯାହାକି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କାଳରେ ଉନ୍ମାଦନା ସୃଷ୍ଟି କରି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା । ଉକ୍ତ ସଙ୍ଗୀତକୁ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କୋଭିଡ ଯୋଦ୍ଧାମାନଙ୍କ ପାଇଁ ଉତ୍ସର୍ଗ କରିଛନ୍ତି ଯାହା ଗତ ମଇ ୩୦ ସନ୍ଧ୍ୟା ୫.୩୦ ମିନିଟ୍‌ରେ କୋଭିଡ୍ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଗାନ କରାଯାଇଥିଲା । ଯାହାକି ଜୁନ୍ ୭ରେ ଏହାକୁ ରାଜ୍ୟ ସଙ୍ଗୀତ ମର୍ଯ୍ୟାଦା ଦେବାକୁ ସ୍ୱତନ୍ତ୍ର କ୍ୟାବିନେଟ୍‌ରେ ନିଷ୍ପତି ହୋଇଥିଲା । କାନ୍ତକବିଙ୍କ ଲିଖିତ ଜୀବନ ସଙ୍ଗୀତ ଦେ ମୋତେ ବାଇଆକରି କବିତା, କଣାମାମୁଁ ଉପନ୍ୟାସ, ବୁଢ଼ା ଶଙ୍ଖାରୀ ଗଳ୍ପ ଇତ୍ୟାଦି ବେଶ୍ ଖ୍ୟାତିଲାଭ କରିଥିଲା । ସମ୍ମାନର ମୁଖ୍ୟ ଅତିଥି ବିଭାଗୀୟ ପ୍ରମୁଖ ଶାସନ ସଚିବ, ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଉଦବୋଧନରେ କହିଥିଲେ ଯେ ବନ୍ଦେ ଉତ୍କଳ ଜନନୀ କବିତାଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଅନବଦ୍ୟ ସୃଷ୍ଟି, ଦେଶାତ୍ମବୋଧକ ଗୀତ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବକ ଓ ପରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଗାନ କରାଯାଇଥିଲା । ସେ ଥିରେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ, ଔପନାସିକ, କ୍ଷୁଦ୍ରଗଳ୍ପ ଏପରିକି ସାହିତ୍ୟର ସବୁ ବିଭାଗକୁ ଋଦ୍ଧିମନ୍ତ କରିଥିଲେ । ବର୍ତ୍ତମାନ ବିଶ୍ୱମହାମାରୀ କରୋନା ସମୟରେ ବନ୍ଦେ ଉତ୍କଳ ଜନନୀ ଗୀତଟି ସମସ୍ତଙ୍କ ମନରେ ଗୋଟିଏ ଆତ୍ମବିଶ୍ୱାସ ସୃଷ୍ଟି କରିଛି । ଏହି ବନ୍ଦେ ଉତ୍କଳ ଜନନୀ ଗୀତରେ ଓଡ଼ିଶାର ନଦନଦୀ, ସମୁଦ୍ର, ଘଂଚ ଜଙ୍ଗଲ, ବହୁ ପୁଣ୍ୟାତ୍ମା, ମୁନୀଋଷୀ, ବୀରପୁତ୍ରମାନଙ୍କ ବିଷୟରେ ବର୍ଣ୍ଣନା ଏବଂ ସ୍ତୁନୀତ ହୋଇଅଛି । ଏହି ଗୀତଟି ପ୍ରକୃତରେ ଗୋଟିଏ ଦେଶାତ୍ମବୋଧର ଶ୍ରେଷ୍ଠ ପ୍ରତିଫଳନ । ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଶ୍ରୀ ବିଜୟ କୁମାର ନାୟକ ଉଲ୍ଲେଖ କରିଥିଲେ ଯେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଅନେକ ଦେଶାତ୍ମବୋଧକ ସଙ୍ଗୀତ ଲେଖିଛନ୍ତି, ବନ୍ଦେ ଉତ୍କଳ ଜନନୀ ଉଡ଼ାଇ ନିଶାଣ ବଜାଇ ଭେରି ବିଶେଷକରି ତାଙ୍କ ରଚିତ ଜୀବନ ସଙ୍ଗୀତ ଗୀତଟି ହେଉଛି ଓଡ଼ିଆ ଜାତିର ସ୍ପନ୍ଦନ କାରଣ ଏତେ କାରୁଣ୍ୟରେ ପରିପୂର୍ଣ୍ଣ ଗୀତ ବୋଧହୁଏ ଓଡ଼ିଆ ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ବୁଢ଼ା ଶଙ୍ଖାରୀ ଗଳ୍ପଟି ଚିର ସ୍ମରଣୀୟ ହୋଇ ରହିଅଛି ।

## ଅନାବଶ୍ୟକ...

**(ପୃଷ୍ଠା ୪ର ଅବଶିଷ୍ଟାଂଶ)**

ଏଭଳି ସଂଘର୍ଷ ଗତ ୧୫ ତାରିଖରେ ପ୍ରଥମ ଥର ମଧ୍ୟ ଘଟିନାହିଁ ପୂର୍ବରୁ ଅନେକବାର ଘଟିଛି। ଏହି କାରଣରୁ ଦୁଇ ଦେଶର ସେନାବାହୀନିର ଉଚ୍ଚପଦାଧିକାରୀମାନଙ୍କ ବୈଠକରେ ବୁଝାବଣା ହୋଇଥିଲା ଯେ ବାସ୍ତବିକ୍ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ର ଦୁଇ କିଲୋମିଟର ମଧ୍ୟରେ ଗସ୍ତ କରୁଥିବା ବା ପେଟ୍ରୋଲିଂ କରୁଥିବା ଦୁଇ ଦେଶର ସେନା ଗୁଳିଗୋଳା ବା ବନ୍ଧୁକ ସାଥିରେ ନେବେ ନାହିଁ। ଏହି ବୁଝାବଣା କାରଣରୁ ଅନେକବାର ଦୁଇ ଦେଶର ସେନା ମଧ୍ୟରେ ହୋଇଥିବା ମୁହାଁମୁହିଁ ଘଟଣାରେ ଗୁଳିଗୋଳା ବ୍ୟବହାର ହୋଇନାହିଁ କି ଗତ ୧୫ ତାରିଖରେ ମଧ୍ୟ ଗୁଳିଗୋଳା ବ୍ୟବହାର ହୋଇନାହିଁ। ଚୀନ ସେନା ବିନା ବନ୍ଧୁକ ଓ ଗୁଳିଗୋଳାରେ ମଧ୍ୟ ଭାରତୀୟ ସେନା ଉପରେ ଆକ୍ରମଣ ପାଇଁ ପୂର୍ବରୁ ପ୍ରସ୍ତୁତି ସାରିଥିଲେ। ଏହି ସଂଘର୍ଷରେ ଭାରତର ୨୦ଜଣଙ୍କର ମୃତ୍ୟୁ ଘଟିଛି। ଚୀନ ପ୍ରଥମେ ମୃତାହତଙ୍କ ସମ୍ପର୍କରେ କୌଣସି ସୂଚନା ଦେଉନଥିଲା। କିନ୍ତୁ ଜୁନ୍ ୨୨ ତାରିଖ ଦିନ ମାନିଥିଲା ଯେ ଦୁଇ ଦେଶର ସେନାଙ୍କ ମଧ୍ୟରେ ଘଟିଥିବା ୧୫ ତାରିଖ ରାତ୍ରିର ସଂଘର୍ଷରେ ଚୀନର ଜଣେ କମାଣ୍ଡରଙ୍କର ମୃତ୍ୟୁ ଘଟିଛି। ରାହୁଲ ଗାନ୍ଧୀ ସେହି ସମୟରେ ବୟାନ ଦେଇଥିଲେ ଯେ ଭାରତୀୟ ଜବାନ ନିଜ ସହ ଗୋଳାବାରୁଦ ନନେଇ ଯାଇଥିଲେ କାହିଁକି? ଏହା ପରଠାରୁ କ୍ରମାଗତ ଭାବେ ସରକାର ବିରୋଧି ବୟାନ ଜାରି ରଖିଛନ୍ତି। ରାହୁଲ କ୍ରମାଗତ ଭାବେ ଯେଭଳି ବୟାନବାଜି କରୁଛନ୍ତି ସେଥିରୁ ପ୍ରତୀତ ହେଉଛି ଯେ ପ୍ରତିରକ୍ଷା ଭଳି ସମ୍ବେଦନଶୀଳ ମାମଲା ଉପରେ ତାଙ୍କର ଜ୍ଞାନ କମ୍। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ର ପ୍ରକୃତ ଅନୁଶୀଳନ ନକରି ଚୀନ ଆଗରେ ସରେଣ୍ଡର କରିବା କଥା କହିବା ଅଯୁକ୍ତିକର ଓ ଅଜ୍ଞାନତା ମଧ୍ୟ। ଏକଥା ସତ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ବୟାନକୁ ନେଇ ମତଭେଦ ରହିପାରେ କିନ୍ତୁ ବର୍ତ୍ତମାନର ସ୍ଥିତି ଦୃଷ୍ଟିରୁ ସମାଲୋଚନା କରିବା। ପୂର୍ବରୁ ତଥ୍ୟ ପ୍ରଦାନ ଏପରିକି ଅନୂକୁଳ ଶବ୍ଦର ଚୟନ ମଧ୍ୟ କରାଯିବା ଆବଶ୍ୟକ। ରାହୁଲ ଗାନ୍ଧୀଙ୍କ ସମାଲୋଚନାମୂଳକ ବୟାନ ପରେ ପ୍ରଧାନମନ୍ତ୍ରୀଙ୍କ ଉକ୍ତ ବୟାନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସ୍ୱଷ୍ଟିକରଣ ଦିଆଗଲା ଯେ ଗଲବାନ ଘାଟିର ଘଟଣାକ୍ରମ ଏବଂ ଭାରତୀୟ ସେନା ର କାର୍ଯ୍ୟ ଓ ବାହାଦୁରୀ କୁ ନେଇ ପ୍ରଧାନମନ୍ତ୍ରୀ ଏହି ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏ ପ୍ରସଙ୍ଗରେ ତଥ୍ୟକୁ ଆଧାର କରି ସ୍ୱଷ୍ଟ ଭାବରେ ସୂଚନା ଦେଇଥିଲେ ସମାଲୋଚନା କରିବା ଲୋକଙ୍କୁ ସମାଲୋଚନା କରିବାର ଅବସର ମିଳିନଥାନ୍ତା ନିଶ୍ଚୟ। ଅନ୍ୟପକ୍ଷରେ ଗଲବାନ ଘାଟି ଘଟଣା ପରେ ଅନେକ ପ୍ରସଙ୍ଗରେ ଆଲୋଚନା ହେବା ଉଚିତ୍। ଅଟଳବିହାରୀ ବାଜପେୟୀଙ୍କ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଥିବା ଜର୍ଜ ଫର୍ଣ୍ଣାଡ଼ିଜ୍ ଚୀନ ଭାରତର ୧ନମ୍ବର ଶତ୍ରୁ ବୋଲି କହିଥିଲେ। ସେନାଅଧିକାରୀମାନେ ଔପଚାରିକ ଏବଂ ଅନୌପଚାରିକ ଭାବେ ଏକଥା ମଧ୍ୟ କହୁଛନ୍ତି। ସେହିପରି ଅନ୍ୟତମ ପ୍ରତିରକ୍ଷା ମନ୍ତ୍ରୀ ମୁଲାୟମ ସିଂହ ଯାଦବ ମଧ୍ୟ ଭାରତର ତିବ୍‌ବତ ନୀତି ଉପରେ ପ୍ରଶ୍ନ ଉଠାଇଥିଲେ। ଏ ଦୁହେଁ କଂଗ୍ରେସ ସରକାରରେ ମନ୍ତ୍ରୀ ନଥିଲେ। ଭାରତ ସବୁବେଳେ ପାକିସ୍ତାନ ଭଳି ଦୁର୍ବଳ ଦେଶକୁ ଶତ୍ରୁ ବୋଲି ଭାବି ଚୀନକୁ ଅଣଦେଖା କରିଛି କାହିଁକି? କଂଗ୍ରେସ ଅଧିକ ସମୟ ଧରି ଦେଶରେ ଶାସନ କରିଛି। ଏଣୁ ରାହୁଲଙ୍କ କଂଗ୍ରେସ କ'ଣ ଚୀନ ପ୍ରସଙ୍ଗ ପାଇଁ ଦାୟୀ ନୁହେଁ? ରାଷ୍ଟ୍ରୀୟ ସୁରକ୍ଷା। ସବୁଠୁ ବଡ଼ ପ୍ରସଙ୍ଗ। ଦୁଃଖର କଥା ଯେ ଆମ ଦେଶର ରାଜନୈତିକ ଦଳମାନେ ସାର୍ବଜନିକ ରୁପରେ ରାଷ୍ଟ୍ରୀୟ ସୁରକ୍ଷା ପ୍ରସଙ୍ଗରେ ପରସ୍ପରକୁ ଆଙ୍ଗୁଠି ଦେଖାଇବାରେ ଲାଗିଛନ୍ତି। ପ୍ରଶ୍ନ କରିବାର ଅଛି ପ୍ରଶ୍ନ କର, ସମାଲୋଚନା କରିବାର ଅଛି କର, କିନ୍ତୁ ଦେଶର ସୁରକ୍ଷା ପାଇଁ ସମସ୍ତେ ଏକ ହେବା ଦରକାର ଯାହା ଦେଶ ପାଇଁ ମଙ୍ଗଳକାରକ। (ସମାପ୍ତ)

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

## ଖଜୁରିପଡାରେ ଏ.ଟି.ଏମ୍ ଲୁଟେରା ଗିରଫ,୧୬ ହଜାର ଜବତ

କନ୍ଧମାଳ,୨୭।୬ (ନି.ପ୍ର): କନ୍ଧମାଳ ପୁଲିସ୍ ର ସାଇବର୍ ଟିମ୍ ହାତରେ ଧରାପଡ଼ିଛି ଜଣେ ଏ.ଟି.ଏମ୍. ଲୁଟେରା । କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅ ଳରେ ଘଟିଛି ଏହି ଘଟଣା । ଗିରଫ ଯୁବକ ଜଣକ ହେଲେ ଖଜୁରିପଡ଼ା ଥାନା ଅନ୍ତର୍ଗତ ଝାଗଡ଼ପଟା ଗ୍ରାମର ରଂଜନ କୁମାର ବେହେରା ବୋଲି ସାଇବର ଇନିସେପକ୍ଟର ସୌମ୍ୟ ପଣ୍ଡା ସୂଚନା ଦେଇଛନ୍ତି । ଖବର ପ୍ରକାରେ , ଗତ ୨୩ ତାରିଖ ଦିନ ଖଜୁରିପଡ଼ା ଥାନା ଅନ୍ତର୍ଗତ ନାଗଲେଙ୍କୁ ଗ୍ରାମର ରୁପବତୀ ବେହେରା ନାମକ ଜଣେ ମହିଳା ଖଜୁରିପଡ଼ା ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏ.ବି.ଏମ୍ କୁ ଯାଇ ଟଙ୍କା ଉଠାଣ ପାଇଁ ଯାଇ ସେଠାରେ ତାଙ୍କର ଏଟିଏମ କାର୍ଡଟିକୁ ନେବାକୁ ଭୁଲିଯାଇଥିଲେ । ତେବେ ଏହି ସମୟ ମଧ୍ୟରେ ମହିଳା ଜଣକ ଅଜାଣତରେ ତାଙ୍କର ଏ.ଟି.ଏମ୍ ସେଠାରେ ପକାଇ ଦେଇଥିବା ବେଳେ ସେହି ନିକଟରେ ଥିବା ରଞ୍ଜନ ବେହେରା ଉକ୍ତ ଏ.ଟି.ଏମ୍ କାର୍ଡକୁ ପାଇଥିଲା । ଚତୁରତାର ସହିତ ସେ ଉକ୍ତ ଏ.ଟି.ଏମ୍ ସହିତ ଭିତରେ ଥିବା ସମସ୍ତ ପିନ୍ ଧରି ଲାଇନପଡ଼ା ସ୍ଥିତ ଏକ ଏ.ଟି.ଏମ୍ ପାଖରେ ପହଂଚି ସେଠାରୁ ୨୦ ହଜାର ଟଙ୍କା ଉଠାଣ କରିଥିଲା । ଗ୍ରାମର ଜଣେ ନାବାଳକକୁ ହାତର କରି କିଛି ମିଛକଥା କହି ତାହା ଦ୍ୱାରା ଉକ୍ତ ଟଙ୍କା ଉଠାଇଥିବାର ପୁଲିସ୍ ତଦନ୍ତ ବେଳେ ଜାଣପାରିଛି ଓ ସିସିଟିଭି ଫୁଟେଜ୍ ରୁ ମଧ୍ୟ ଜଣାପଡ଼ିଛି । ତେବେ ଟଙ୍କା ଉଠାଣ ପରେ ମହିଳା ଜଣକ ଜାଣିବ ପରେ ଏନେଇ ସେ ଖଜୁରିପଡ଼ା ଥାନାରେ ଗତ ୨୪ ତାରିଖ ଦିନ ଏକ ଏତଲା ଦେଇଥିଲେ । ଏତଲା ପ୍ରକାରେ ପୁଲିସ୍ କେସ ନଂ ୫୮/୨୦ରେ ଏକ ମାମଲା ରୁଜୁକରି ଏହାର ତଦନ୍ତ ଭାର ପୁଲିସ୍ ବିଭାଗର ସାଇବର୍ ଟିମ୍‌କୁ ଦିଆଯାଇଥିଲା । ତଦନ୍ତ ବେଳେ ଉକ୍ତ ଟଙ୍କା ଲାଇନପଡ଼ା ଏ.ଟି.ଏମ୍ ରୁ ଉଠାଯାଇଥିବା ଜାଣିବା ପରେ ସି.ସି.ଟି.ଭି ଫୁଟେଜ୍ ଦେଖିବା ପରେ ଉକ୍ତ ନାବାଳକ ପାଖରେ ପହଁଚିଥିଲା । ଉକ୍ତ ନାବାଳକୁ ପଚରା ଉଚରା ଉପରେ ସେ ସମସ୍ତ ତଥ୍ୟ ତଦନ୍ତ ପୁଲିସ୍ କୁ ଦେଇଥିବା ବେଳେ ଆଜି ପୁଲିସ୍ ଏହି ଘଟଣାରେ ସଂପୃକ୍ତ ଯୁବକ ପାଖରେ ପହଂଚି ତାକୁ ତାହାର ଘରୁ ଗିରପ କରିବା ସହିତ ୧୬ ହଜାର ଟଙ୍କା ଜବତ କରିଥିବା ତଦନ୍ତ ଅଧିକାରୀ ସମିର କୁମାର ରାଉତ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସୋମବାରଠାରୁ ...

ସମଗ୍ର ବିଶ୍ୱରେ ଉପାସନାସ୍ଥଳୀ ସବୁ ଖୋଲୁଥିବାରୁ ୨୦୨୦ ପାକିସ୍ତାନ ସମସ୍ତ ଶିଖ୍ ଯାତ୍ରୀଙ୍କ ପାଇଁ କରତାରପୁର ସାହିବ କରିଡର୍ ଖୋଲିବାକୁ ପସ୍ତୁତି କରୁଛି। ମହାରାଜା ରଣଜିତ ସିଂହଙ୍କ ଶ୍ରାଦ୍ଧ ଦିବସ ଜୁନ୍ ୨୯ ତାରିଖ ଠାରୁ ପୁଣି କରିଡର୍ ଖୋଲିବାକୁ ଆମର ପ୍ରସ୍ତୁତି ସଂକ୍ରାନ୍ତରେ ଭାରତକୁ ଅବଗତ କରାଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଗତବର୍ଷ ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଜାବର ଗୁରଦାସପୁର ଜିଲ୍ଲା ଏବଂ ପାକିସ୍ତାନର କରତାର୍ ପୁର ସାହିବ ଗୁରଦ୍ୱାରକୁ ସଂଯୋଗ କରୁଥିବା କରିଡର୍ ଉଦ୍ ଘାଟନ କରିଥିଲେ।

### ଆଉ ୧୭୦ କରୋନା ...

୧୯ ଜଣ ଓ ଯାଜପୁର ଜିଲ୍ଲାରେ ୩ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ମାଲକାନଗିରି ଜିଲ୍ଲାରେ ୫ ଜଣ, ପୁରୀ ଜିଲ୍ଲାରେ ୬ ଜଣ, କଟକ ଜିଲ୍ଲାରେ ୧୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରେ ୩ ଜଣ, ଗଜପତି ଜିଲ୍ଲାରେ ୧୬ ଜଣ, ବରଗଡ ଜିଲ୍ଲାରେ ଜଣେ, କେନ୍ଦ୍ରାପଡା ଜିଲ୍ଲାରେ ୬ ଜଣ, ସମ୍ବଲପୁର ଜିଲ୍ଲାରେ ୨ ଜଣ ଓ କୋରାପୁଟ ଜିଲ୍ଲାରେ ଜଣେ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବିଭାଗ ପକ୍ଷରୁ କୁହା ଯାଇଛି । ପଶ୍ଚିମ ବଙ୍ଗର ଅମ୍ପାନ ଡ୍ୟୁଟି ସାରି ଫେରିଥିବା ଏନଡିଆରଏଫର ଜଣେ ଜବାନ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

### ୫ ଆଇଏଏସଙ୍କୁ ...

ସେହିପରି ଟିଏସ୍ ଦିବାକରଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେ ଧର୍ମଗଡ଼ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏବେ ସେ ଓକାକ୍ ଓଏସଡି ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୧୭ ବ୍ୟାଚ୍ ଆଇଏଏସ୍ ହେମକାନ୍ତ ସଏଙ୍କୁ ଜୟପୁର ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେ ଜୟପୁର ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶ୍ରୀ ସଏ ଏବେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

### ଓଡିଆ ଯୁବ ବ୍ୟବସାୟୀଙ୍କୁ ...

ପ୍ରଧାନ କହିଥିଲେ । ଏଭଳି ବିଷୟରେ ଓଡିଶାର ଏମଏସଏମଇ କ୍ଷେତ୍ରରେ ସମ୍ଭାବନାକୁ ଦର୍ଶେଇବା ପାଇଁ ୱେବିନାର ଆୟୋଜନ କରିଥିବାରୁ ଓଡିଆ ସମାଜକୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ୱେବିନାର ସାମିଲ ପ୍ରବକ୍ତାଙ୍କୁ ଏହି କାର୍ଯ୍ୟକ୍ରମରେ ରାଜ୍ୟ, ଦେଶ ଓ ଦେଶ ବାହାରୁ ଆସିଥିବା ସମସ୍ତ ପ୍ରଶ୍ନର ଉତର ଦେବାକୁ ଶ୍ରୀ ପ୍ରଧାନ ନିବେଦନ କରିଥିଲେ । ଭାରତ ସରକାରଙ୍କ ଅର୍ଥ ବିଭାଗର ସଚିବ ଦେବାଶିଷ ପଣ୍ଡା କହିଛନ୍ତି ଭାରତ ସରକାର ଆର୍ଥିକ ପ୍ୟାକେଜରେ ଏମଏସଏମଇ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି ଯାହା ନୂଆ ନୂଆ ଉଦ୍ୟୋଗୀ ମାନଙ୍କୁ ସୁଯୋଗ ପ୍ରଦାନ କରିବ ଏବଂ ଆତ୍ମନିର୍ଭର ଭାରତ ଦିଗରେ ସହାୟକ ହେବ । ଅବସରପ୍ରାପ୍ତ ଆଇଏଏସ ଅଫିସର ଅରୁଣ ପଣ୍ଡା କହିଛନ୍ତି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ମଧ୍ୟ ରେପୋ ରେଟ୍‌କୁ ହ୍ରାସ କରିଛି । ଓଡିଶାରେ ରାଉରକେଲା ଇସ୍ପାତ କାରଖାନା, ଯାଜପୁର କଳିଙ୍ଗ ନଗର ଭଳି ଶିଳ୍ପ ପ୍ରତିଷ୍ଠାନ ଥିବାରୁ ରାଜ୍ୟରେ ଏମଏସଏମଇ କ୍ଷେତ୍ରରେ ଅପାର ସମ୍ଭାବନାର ସୁଯୋଗ ସୃଷ୍ଟି ହୋଇଛି । ଓଡିଶା ସରକାରଙ୍କ ଏମଏସଏମଇ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଏମଏସଏଇ କ୍ଷେତ୍ର ଉପରେ ରାଜ୍ୟରେ ଥିବା ସୁଯୋଗ ଉପରେ ଖାଦ୍ୟ, ପେଟ୍ରୋକେମିକାଲ, ପର୍ଯ୍ୟଟନ, ସମେତ ୬ଟି କ୍ଷେତ୍ରକୁ ଗୁରୁତ୍ୱ ଦେଇଥିଲେ । ଭାରତ ସରକାରଙ୍କ ଦ୍ୱାରା ନିକଟରେ ଏହି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ପାରାଦୀପ ପ୍ଲାଷ୍ଟିକ ପାର୍କ, ଭଦ୍ରକ ଟେକ୍ସଟାଇଲ ପାର୍କ ତଥା ଶିଳ୍ପ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବ ବୋଲି ମତବ୍ୟକ୍ତ କରିଥିଲେ । ସେହି ରି ଓଡିଶାର ସରକାରଙ୍କ ଇଡକୋ ଏମଏସଏମଇ ବିଭାଗର ଅଧ୍ୟକ୍ଷ ସଞ୍ଜୟ ସିଂହ ଓ ଅଶୋକ କେ. ପ୍ରଧାନ ଓଡିଶାରେ ଏମଏସଏମଇକୁ ବିକଶିତ କରିବା ଦିଗରେ ନିଜ ମତଜାହିର କରିଥିଲେ ଓ ନୂଆ ଉଦ୍ୟୋଗୀ ମାନଙ୍କୁ ସଫଳତା ଦେବ ବୋଲି କହିଥିଲେ । ଉଲ୍ଲେଖନୀୟ ଯେ, ଏହି ୱେବିନାରରେ ଓଡିଶା, ଦେଶ ଏବଂ ଦେଶ ବାହାରୁ ୧ ହଜାରରୁ ଉର୍ଦ୍ଧ୍ୱ ଓଡିଆ ବ୍ୟବସାୟ ଜଗତ ସମେତ ଅନେକ କ୍ଷେତ୍ରରେ କାମ କରୁଥିବା ଓଡିଆ ଲୋକମାନେ ଭିଡିଓ କନଫରେନ୍ସ ଜରିଆରେ ଅଂଶଗ୍ରହଣ କରିଥିବା ବେଳେ ଭାରତ ସରକାରଙ୍କ ଅର୍ଥ ବିଭାଗର ସଚିବ ଦେବାଶିଷ ପଣ୍ଡା, ଅବସରପ୍ରାପ୍ତ ଆଇଏଏସ ଅଫିସର ଅରୁଣ ପଣ୍ଡା, ଓଡିଶା ସରକାରଙ୍କ ଏମଏସଏମଇ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଓଡିଶାର ସରକାରଙ୍କ ଇଡକୋ ଏମଏସଏମଇ ବିଭାଗର ଚେୟାରମ୍ୟାନ ସଞ୍ଜୟ ସିଂହ ପ୍ରମୁଖ ପ୍ରବକ୍ତା ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ମତ ରଖିଥିଲେ । ଶେଷରେ ଓଡିଆ ସମାଜର ଅଧ୍ୟକ୍ଷ ସିଦ୍ଧାର୍ଥ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ଶେଷ ପର୍ଯ୍ୟାୟରେ...

ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖୁଛନ୍ତି। ମୋଟ୍ ଉପରେ ଜିଲ୍ଲାବାସୀଙ୍କ ସହଯୋଗରୁ ସରକାର ସଟ୍ ଡାଉନ୍ ନିୟମ ବାଲେଶ୍ୱରରେ ବେଶ ପ୍ରତିଫଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଏହା ସତ୍ତ୍ୱେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପୁଲିସ, ପ୍ରଶାସନ ଏମିତିକି ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଦେଇଛି। ଯଦିଚଃ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୨୨୪ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି, ତଥାପି ଆହୁରି ୧୦୭ ଜଣ ଏକ୍ଟିଭ୍‌ଙ୍କର ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା ଜାରି ରହିଛି। ଜିଲ୍ଲାରେ କରୋନାର କାୟା ବିସ୍ତାର ରୋକିବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି।

### କୋଭିଡ-୧୯ ନେଇ ସ୍ୱାସ୍ଥ୍ୟ...

ପରୀକ୍ଷା ଦ୍ୱାରା ନମୁନା ପରୀକ୍ଷଣ ବୃଦ୍ଧି ସମ୍ପର୍କରେ ସୂଚନା ଦେଇଥିଲେ । ଗତ ୧୪ ଘଂଟା ମଧ୍ୟରେ ନମୁନା ପରୀକ୍ଷଣ ୨,୨୦୪୭୯ କୁ ବୃଦ୍ଧି ପାଇଥିବା ବେଳେ ଏପର୍ଯ୍ୟନ୍ତ ମୋଟ ୭୯,୯୬୭୦୭ ନମୁନା ପରୀକ୍ଷଣ କରାଯାଇଛି । ଦେଶରେ ବର୍ତ୍ତମାନ ୧୦୨୬ଟି ଉତ୍ସର୍ଗୀକୃତ ରୋଗ ନିରୂପଣ ପରୀକ୍ଷାଗାର ରହିଛି । ଏଥିରେ ୭୪୧ ଟି ସରକାରୀ ଥିବାବେଳେ ୨୮୫ ଟି ବେସରକାରୀ ପରୀକ୍ଷାଗାର ଅଛି । ଦେଶରେ ବର୍ତ୍ତମାନ କୋଭିଡ-୧୯ ପରିଚାଳନା ଭିତିଭୂମି ଯଥେଷ୍ଟ ବୃଦ୍ଧି ପାଇଥିବା ନେଇ ଜିଓଏମକୁ ଅବଗତ କରାଯାଇଥିଲା । ବର୍ତ୍ତମାନ ୧୦୩୯ଟି ଉତ୍ସର୍ଗୀକୃତ କୋଭିଡ ହସ୍ପିଟାଲ ଥିବା ବେଳେ ୧,୭୬,୨୭୫ ଏକାନ୍ତବାସ ଶଯ୍ୟା, ୨୨୯୪୦ ଆଇସିୟୁ ଶଯ୍ୟା, ୭୭୨୬୮ ଅମ୍ଳଜାନ ସହାୟତା ଯୁକ୍ତ ଶଯ୍ୟା ରହିଛି । ସେହିପରି ୨୩୯୮ ଟି ଉତ୍ସର୍ଗୀକୃତ କୋଭିଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩୯୪୮୩ ଏକାନ୍ତବାସ ଶଯ୍ୟା, ୧୧୫୩୯ ଆଇସିୟୁ ଶଯ୍ୟା ଏବଂ ୫୧,୩୨୧ ଅମ୍ଳଜାନ ସଂଯୁକ୍ତ ଶଯ୍ୟା ମଧ କାର୍ଯ୍ୟକ୍ଷମ ରହିଛି । ଏହାଛଡା ୮୯୫୮ ଟି କୋଭିଡ କେୟାର ସେଂଟରରେ ୮୧୦୬୨୧ ଟି ଶଯ୍ୟା କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଉପଲବ୍ଧ ହେଉଛି । ୧୮୫.୧୮ ଲକ୍ଷ ଏନ-୯୫ ମାସ୍କ ଏବଂ ୧୧୬.୭୪ ଲକ୍ଷ ପିପିଇ କିଟ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ କେନ୍ଦ୍ରୀୟ ପ୍ରତିଷ୍ଠାନଗୁଡ଼ିକୁ ଯୋଗାଇଦିଆଯାଇଛି । କ୍ଷମତାପ୍ରାପ୍ତ ଗ୍ରୁପ ୧୦ ଜିଓଏମର ଅଧକ୍ଷ ଶ୍ରୀ କେ. ଶିବାଜୀଙ୍କୁ କୋଭିଡ ସଂକ୍ରାନ୍ତ ବିଭିନ୍ନ ଆପତି, ଅଭିଯୋଗ ମୀମାଂସା ସମ୍ପର୍କରେ ମଧ ଅବଗତ କରାଯାଇଥିଲା । କୋଭିଡ ସଂକ୍ରାନ୍ତ ଆପତି ଅଭିଯୋଗର ୬୦ ଦିନରୁ ୩ ଦିନକୁ ଖସି ଆସିଥିବା ଜଣାଯାଇଥିଲା । କୋଭିଡ-୧୯ ସାଧାରଣ ଅଭିଯୋଗଗୁଡିକର ମୀମାଂସା ପାଇଁ ଗତ ଏପ୍ରିଲ ପହିଲାଠାରୁ ଜାତୀୟ ଡାସ ବୋର୍ଡ ସୃଷ୍ଟି କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶ୍ରୀମତୀ ପ୍ରୀତି ସୁଦାନ, ଓଏସଡି ରାଜେଶ ଭୂଷଣ, ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଅମିତାଭ କାନ୍ତ, ଫାର୍ମାସ୍ୟୁଟିକାଲ ସଚିବ ଶ୍ରୀ ପି.ଡି. ବାଘେଲା, ଡିଡବ୍ଲ୍ୟୁଏ ସଚିବ ଶ୍ରୀ ପରମେଶ୍ୱର ଆୟେର, ଡିଜିଏଚଏସ ଡଃ ରାଜୀବ ଗର୍ଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଆରତୀ ଆହୁଯା, ବୈଦେଶିକ ବ୍ୟାପାର ଅତିରିକ୍ତ ସଚିବ ଶ୍ରୀ ଡି. ରବି ଏବଂ ଏନସିଡିସି ନିର୍ଦ୍ଦେଶକ ଡଃ ଏ.କେ.ସିଂ ପ୍ରମୁଖ ଏହି ଭର୍ଚୁଆଲ ସମ୍ମିଳନୀରେ ଯୋଗଦେଇଥିଲେ ।

## କଟକରେ କରୋନା ମୁକାବିଲା : ସହଯୋଗ କରୁଛନ୍ତି ସାହି ପୂଜା କମିଟି

ଭୁବନେଶ୍ୱର,୨୭।୬ (ନି.ପ୍ର): କଟକ ସହରରେ କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ କଟକ ମହାନଗର ନିଗମ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । କଟକ ସହରର ୫୯ଟି ୱାର୍ଡରେ ୱାର୍ଡ ଅଫିସରମାନଙ୍କୁ ନେଇ ୱାର୍ଡ କମିଟିମାନ ଗଠନ କରାଯାଇଛି । ପ୍ରତି କମିଟିରେ ଟ୍ୟାକ୍ସ କଲେକ୍ଟର, କନିଷ୍ଠ ଯନ୍ତ୍ରୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ପ୍ରତି ସାହି ପୂଜା କମିଟିରୁ ୩/୪ ଜଣ ସଦସ୍ୟଙ୍କୁ ରଖାଯାଇଛି । ସେମାନେ କୋଭିଡ୍ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବେ ଏବଂ ସନ୍ଦିଗ୍ଧ ରୋଗୀ କିମ୍ବା ବାହାରୁ ଆସୁଥିବା ଲୋକମାନଙ୍କ ସଂପର୍କରେ ପ୍ରଶାସନକୁ ଅବଗତ କରିବେ ବୋଲି ରାଜ୍ୟ ସରକାରଙ୍କ କଟକ ଜିଲ୍ଲା କୋଭିଡ୍ ୧୯ ପର୍ଯ୍ୟବେକ୍ଷକ ତଥା କୃଷି ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି । ସେହିପରି ଗ୍ରାମାଂଚଳରେ ପଂଚାୟତ ସ୍ତରରେ ୫୭୦୩ ୱାର୍ଡ କମିଟି ଗଠନ କରାଯାଇଛି । ପ୍ରତି ୱାର୍ଡକୁ ବାହାରୁ ଆସୁଥିବା ଲୋକମାନଙ୍କ ନିମନ୍ତେ ପଂଜୀକରଣ ବାଧ୍ୟତାମୂଳକ କରାଯାଇଛି ଏବଂ ଏ ବାବଦରେ କଟକ ମହାନଗର ନିଗମର କୋଭିଡ୍ କଂଟ୍ରୋଲ୍ ରୁମ୍‌କୁ ଅବଗତ କରିବାକୁ କୁହାଯାଇଛି । ସ୍ୱାସ୍ଥ୍ୟକ କର୍ମୀ/ଆଶା/ଅଙ୍ଗନବାଡ଼ି କର୍ମୀ ମାନେ ନିୟମିତ ହୋମ୍ କ୍ୱାରାଂଟାଇନ୍ ହୋଇଥିବା ଲୋକ ମାନଙ୍କ ଘରକୁ ଯାଇ ସେମାନଙ୍କ ଘରର ସ୍ଥିତି ତଦାରଖ କରିବା ସହ କୋଭିଡ୍ କଂଟ୍ରୋଲ୍ ରୁମ୍‌କୁ ରିପୋର୍ଟ ପ୍ରଦାନ କରୁଛନ୍ତି । ଯେଉଁଠାରେ ହୋମ୍ କ୍ୱାରାଂଟାଇନ୍‌ରେ ସମସ୍ୟା ଉପୁଜୁଛି, ସେଠାରେ ର୍ୟାପିଡ୍ ରେସ୍‌ପନ୍ସ ଦଳ ସେମାନଙ୍କୁ ଆନୁଷ୍ଠାନିକ/ଦେୟଯୁକ୍ତ କ୍ୱାରାଂଟାଇନ୍‌ରେ ରଖିବା ନିମନ୍ତେ ତୁରନ୍ତ ବ୍ୟବସ୍ଥା କରୁଛନ୍ତି । ଲୋକମାନଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ନିମନ୍ତେ ବାରମ୍ବାର ସଚେତନ କରାଯାଉଛି । ଏ ପର୍ଯ୍ୟନ୍ତ କଟକ ମହାନଗର ନିଗମ ଅଂଚଳକୁ ବାହାରୁ ଆସିଥିବା ୫୧୦୧ ଜଣଙ୍କ ମଧ୍ୟରୁ ୩୮୯୨ ଜଣ ହୋମ୍ କ୍ୱାରାଂଟାଇନ୍, ୯୪୯ ଜଣ ଆନୁଷ୍ଠାନିକ କ୍ୱାରାଂଟାଇନ୍ ଓ ୨୬୦ ଜଣ ଦେୟଯୁକ୍ତ କ୍ୱାରାଂଟାଇନ୍‌ରେ ରହିଛନ୍ତି । ଅପରପକ୍ଷରେ ସିଏମସି କମିଶନର ଅନନ୍ୟ ଦାସ କହିଛନ୍ତି ଯେ ସିଏମସି ଅଂଚଳରେ ଘରକୁ ଘର ବୁଲି ବାରମ୍ବାର ସର୍ଭେ କରାଯିବା ସହିତ ଇନ୍‌ଫ୍ଲୁଏନ୍ଜା ଭଳି ଲକ୍ଷଣ ଏବଂ ଗୁରୁତର ଶ୍ୱାସ କଷ୍ଟ ଭଳି ଲକ୍ଷଣ ଦେଖା ଯାଉଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି । ଏ ପର୍ଯ୍ୟନ୍ତ ୪୮୧ଟି ଇନ୍‌ଫ୍ଲୁଏନ୍ଜା ଏବଂ ୧୦୦ଟି ଜ୍ୱର ଲକ୍ଷଣ ଥିବା ଲୋକ ଚିହ୍ନଟ ହୋଇଛନ୍ତି । ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ କୋଭିଡ୍ ପରୀକ୍ଷଣ ମଧ୍ୟ କରାଯାଇଛି । ୨୬ ଜୁନ୍ ସୁଦ୍ଧା କଟକ ସହର ରେ ୩୧୮୦ ଜଣ ଲୋକଙ୍କୁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ରଖାଯାଇଛି । କଟକର ଗ୍ରାମାଂଚଳରେ ୧୮୩୬ ଜଣ ଲୋକ ହୋମ୍ କ୍ୱାରାଂଟାଇନ୍‌ରେ ରହିଛନ୍ତି । ୧୦ଟି ର୍ୟାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ 'ମହିଳା ଆରୋଗ୍ୟ ସମିତି' ଗଠନ କରାଯାଇଛି, ଯେଉଁମାନେ କଟକର ସହରାଂଚଳରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । ସମ୍ବେଦନଶୀଳ ବର୍ଗର ଜନସାଧାରଣଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । କମିଶନରେଟ୍ ପୋଲିସ୍ ପକ୍ଷରୁ ୧୦,୦୦୦ ବରିଷ୍ଠ ନାଗରିକଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ସିଏମସି କମିଶନର କହିଛନ୍ତି ।

## କରୋନା ସଂକ୍ରମଣ ବେଳେ ହୋଇନାହିଁ ଶିକ୍ଷାଦାନ : ଟ୍ୟୁସନ୍ ଫିସ୍ କାହା ସ୍ୱାର୍ଥରେ ?

ଜଳେଶ୍ୱର,୨୭।୬(ନିପ୍ର): ମାର୍ଚ୍ଚ ଶେଷ ସପ୍ତାହରୁ କରୋନା ସଂକ୍ରମଣ ଦେଖାଦେବାପରେ ସମଗ୍ର ଦେଶରେ ଶିକ୍ଷାଦାନ ବନ୍ଦ କରାଯାଇଛି । ଏପରିକି ବହୁ ପରୀକ୍ଷା ଓ ପ୍ରବେଶିକା ବନ୍ଦ ହୋଇଥିବା ବେଳେ କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଠାରୁ ଟ୍ୟୁସନ ଓ ରି-ଏଡ୍‌ମିସନ୍ ଫି ଜୁଲମ କରୁଥିବା ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱରର ଏକ ପ୍ରତିଷ୍ଠିତ ଇଂଲିସି ମିଡିୟମ ସ୍କୁଲ ଏହି ଫିସ୍ ଗ୍ରହଣ କରୁବାରେ ସର୍ବାଗ୍ରେ ରହିଛି । ଜଳେଶ୍ୱର ବ୍ଲକ ବଜାରସ୍ଥିତ ସେଣ୍ଟ ଜେମ୍‌ସ୍ କନ୍‌ଭେଣ୍ଟ ସ୍କୁଲ ଏପରି ଫିସ୍ ଆଦାୟ କରୁଥିବା ବିରୋଧରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ ହୋଇଛି । ଅନ୍ୟ କେତେକ ଅନୁଷ୍ଠାନ ସରକାରୀ ନିତିନିୟମ ମାନୁନଥିବାର ଜଳେଶ୍ୱରର ଛାତ୍ର-ଅଭିଭାବକ ମହାସଂଘ ପକ୍ଷରୁ ମନୋରଂଜନ ଦାସ, ରାଧାରାଣୀ ପାତ୍ର, ଅସିତ୍ କୁମାର ବିରି, ଚନ୍ଦ୍ର ମୋହନ ରାଉଳ, ବିଜୟ କୁମାର ପଣ୍ଡା, ସଂଜିତ୍ ଦାସ ଓ କବିତା ଦାସ ପ୍ରମୁଖ ଏପରି ଫିସ୍ ଆଦାୟକୁ ସମାଲୋଚନା କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୭।୬ (ନି.ପ୍ର): ଗଂଜାମ ଜିଲ୍ଲାରେ ୫୮ ନୂଆ କରୋନା ପଜିଟିଭ ମାମଲା ଆସିବା ପରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୧୯୫ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସେହିପରି ଖୋର୍ଧା ଜିଲ୍ଲାରେ ୭୭୧, କଟକ ଜିଲ୍ଲାରେ ୫୩୭, ଗଜପତି ଜିଲ୍ଲାରେ ୪୨୭, ଯାଜପୁର ଜିଲ୍ଲାରେ ୪୦୫ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୩୩୨ ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ୨୬୮, ପୁରୀ ଜିଲ୍ଲାରେ ୨୪୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣା ପଡିଛି । ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ୨୩୫, ଭଦ୍ରକ ଜିଲ୍ଲାରେ ୨୨୫, ସୁନ୍ଦରଗଡ ଜିଲ୍ଲାରେ ୧୮୧, ମୟୁରଭଂଜ ଜିଲ୍ଲାରେ ୧୮୧, କନ୍ଧମାଳ ଜିଲ୍ଲାରେ ୧୭୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀର ଜିଲ୍ଲାରେ ୧୬୫, ନୟାଗଡ ଜିଲ୍ଲାରେ ୧୩୮ ତଥା କେନ୍ଦୁଝର ଜିଲ୍ଲାରେ ୧୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ଦିଆ ଯାଇଛି । ନୂଆପଡା ଜିଲ୍ଲାରେ ୮୧, ଝାରସୁଗୁଡା ଜିଲ୍ଲାରେ ୮୦, ଢେଙ୍କାନାଳ ଜିଲ୍ଲାରେ ୭୩, କଳାହାଣ୍ଡି ଜିଲ୍ଲାରେ ୭୦ ଓ ବରଗଡ ଜିଲ୍ଲାରେ ୬୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଅନୁଗୁଳ ଜିଲ୍ଲାରେ ୫୯, ମାଲକାନଗିରି ଜିଲ୍ଲାରେ ୫୮, ସମ୍ବଲପୁର ଜିଲ୍ଲାରେ ୪୯, ଦେବଗଡ ଜିଲ୍ଲାରେ ୪୨ ଓ ବୌଦ୍ଧ ଜିଲ୍ଲାରେ ୪୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାୟଗଡା ଜିଲ୍ଲାରେ ୩୮, ସୋନପୁର ଜିଲ୍ଲାରେ ୩୫. ନବରଙ୍ଗପୁର ଜିଲ୍ଲାରୁ ୩୫ ଜଣ କୋରାପୁଟ ଜିଲ୍ଲାରେ ୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ରୂପାୟନ ପକ୍ଷରୁ ବିଶ୍ୱ ନିଶା ନିରୋଧ ଦିବସ

ବାଲେଶ୍ୱର,୨୭।୬ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ରୂପାୟନ' ପକ୍ଷରୁ ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ରୂପାୟନର ସଭାପତି ଶ୍ରଦ୍ଧାଞ୍ଜଳି ରାୟ ଅଧ୍ୟକ୍ଷତା କରିବା ସହିତ ସମ୍ପ୍ରତି ବଢ଼ିଚାଲିଥିବା ନିଶା କାରବାର ଯୋଗୁଁ ପ୍ରଭାବିତ ସାମାଜିକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ନିଶା କେବଳ ନିଶା ଖାଉଥିବା ଲୋକଙ୍କୁ ଖାଏ ନାହିଁ, ବରଂ ସାରା ପରିବାରକୁ ଖାଇ ଥାଏ। ଫଳରେ ପରିବାର ଭିତରେ ଅଶାନ୍ତି ଦେଖାଯିବା ସହିତ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥାଏ। ନିଶାକୁ ଆୟତ୍ତ କରିପାରିଲେ ଆମେ ସାମାଜିକ ପରିସ୍ଥିତିରେ ସୁଧାର ଆଣିବା ସହିତ ଅମୂଲ୍ୟ ଜୀବନହାନୀରୁ ମଧ୍ୟ ଯୁବପିଢ଼ି ବର୍ତ୍ତି ପାରନ୍ତା ବୋଲି ଶ୍ରୀମତୀ ରାୟ କହିଥିଲେ। ଏଭଳି ସମୟରେ ସମସ୍ତେ ମିଳି ମିଶି ନିଶାକୁ ବିରୋଧ କରିବା ଉଚିତ ବୋଲି ସେ କହିଥିଲେ। ପ୍ରଜ୍ଞା ପାରମିତା ମହାନ୍ତି, ବିଶ୍ୱରୂପ ପରିଡ଼ା, ଭବେଶ ପାଣିଗ୍ରାହୀ, ମନୋଜ କୁମାର ବେହେରା, ଦମୟନ୍ତୀ ମହାପାତ୍ର, ବନଜାରାଣୀ କର, ଦୀପକ ସିଂ, ଦିଲ୍ଲୀପ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ସୁବ୍ରତ କର, ଯଶୋଦାନନ୍ଦନ ଆଶ, ତାପସ ସାହୁ, ଶ୍ୟାମସୁନ୍ଦର ବିଶ୍ୱାଳ, ପ୍ରଶାନ୍ତ କୁମାର ପଣ୍ଡା, ଚିତ୍ତରଞ୍ଜନ କର, କଲ୍ୟାଣୀ ନନ୍ଦ ପ୍ରମୁଖ ଏଥିରେ ଯୋଗଦେଇ ନିଶାର ଭୟାବହତା ସମ୍ପର୍କରେ କହିଥିଲେ। ନିଶା ପାଇଁ ବହୁତ ଛାତ୍ରଛାତ୍ରୀ ବିପଥଗାମୀ ହେଉଥିବା ବେଳେ ବହୁ ପରିବାର ଉଜୁଡ଼ି ଗଲାଣି। ନିଶାକୁ ନିୟନ୍ତ୍ରଣରେ ଆଣିପାରିଲେ ପରିବାର, ରାଜ୍ୟ ତଥା ଦେଶର ବିକାଶ ହୋଇ ପାରନ୍ତା। ସୁସ୍ଥ ସମାଜ ଗଠନ ପାଇଁ ପ୍ରତ୍ୟେକ ମହଲରୁ ନିଶା ବିରୋଧୀ ଅଭିଯାନ ଆରମ୍ଭ ପାଇଁ ବକ୍ତାମାନେ ମତ ପ୍ରକାଶ କରିଥିଲେ।

## କୋଭିଡ୍-୧୯ କାର୍ଯ୍ୟରେ ଅବହେଳା ଅଭିଯୋଗ : ନୋଡାଲ ଅଫିସରଙ୍କୁ ନିଲମ୍ବନ କଲେ ବ୍ଲକ୍ ଶିକ୍ଷାଧିକାରୀ

ଭଦ୍ରକ,୨୭।୬ (ନି.ପ୍ର): ଦିନକୁ ଦିନ କାୟା ମେଲାଉଥିବା କରୋନାର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଂଚାୟତରେ ପ୍ରବାସୀ ଓଡ଼ିଆଙ୍କ ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର (ଟିଏମ୍‌ସି) ଖୋଲିଛନ୍ତି। ଏହି କେନ୍ଦ୍ରରେ ପ୍ରବାସୀଙ୍କ ରହିବା ଓ ଖାଇବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଏହାର ପରିଚାଳନା ଦାୟିତ୍ୱ ସରପଂଚ ଓ ନୋଡାଲ ଅଫିସରଙ୍କୁ ଦିଆଯାଇଛି। ତେବେ ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫, କୋଭିଡ୍-୧୯ କାର୍ଯ୍ୟରେ ଅବହେଳା ଓ ରାଜନୈତିକ କାର୍ଯ୍ୟ କଳାପରେ ସଂଶ୍ଳିଷ୍ଟ ରହି ବିଘ୍ନ ସୃଷ୍ଟି କରୁଥିବା ଅଭିଯୋଗରେ ଆଡିଆ ଟିଏମ୍‌ସିର ନୋଡାଲ ଅଫିସର ତଥା ସିଆରସିସି ବନମାଳୀ ନାୟକଙ୍କୁ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନା ନିଲମ୍ବନ କରିଥିବା ଜଣାଯାଇଛି। ଏହାକୁ ନେଇ ଏବେ ଟିଏମ୍‌ସି ପଂଚାୟତ ନୋଡାଲ ଅଫିସରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶତ ପାଇଛି। କାରଣ କରୋନା ମୁକାବିଲାରେ ସେମାନେ ଦିନରାତି ଲୋକଙ୍କ ସେବା କରି ଆସୁଥିବାବେଳେ ସେମାନଙ୍କୁ ବେନିୟମ କାର୍ଯ୍ୟ କରାଯିବାକୁ ବାଧ କରାଯାଉଥିବାର ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟ ନକଲେ ସେମାନଙ୍କୁ ଉଦ୍ଦେଶ୍ୟ ମୂଳକ ଭାବରେ ନିଲମ୍ବନ କରାଯାଇ ମାନସିକ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ପ୍ରତି ଟିଏମ୍‌ସିକୁ ୫ରୁ ୭ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଏହି ଅର୍ଥରେ ଟିଏମ୍‌ସିର ମରାମତି, ବିଦ୍ୟୁତକରଣ, ଶଯ୍ୟା, ଶୌଚାଳୟ ପାନୀୟ ଜଳ ଯୋଗାଣ ତଥା ଅନ୍ୟାନ୍ୟ କାର୍ଯ୍ୟର ବ୍ୟବସ୍ଥା ରହିଛି। ଏହି ଅର୍ଥ ବିନିଯୋଗର ପ୍ରମାଣ ପତ୍ରରେ ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଂଚାୟତ ନୋଡାଲ ଅଫିସର ଓ ସରପ ଙ୍କ ଦସ୍ତଖତର ଆବଶ୍ୟକତା ରହିଛି। ଏପରି ସ୍ଥଳେ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ବିଭିନ୍ନ ପଂଚାୟତରେ ଟିଏମ୍‌ସି ପରିଚାଳନା ଖର୍ଚ୍ଚ ଫର୍ମାଟରେ କୌଣସି ତଥ୍ୟ ଲେଖାନଯାଇ ସେଥିରେ ଦସ୍ତଖତ କରାଯିବାକୁ ପଂଚାୟତ ନୋଡାଲ ଅଫିସରମାନଙ୍କୁ ବାଧ କରୁଥିବାର ଅଭିଯୋଗ ହୋଇଛି। ଗତ ବୁଧୁବାର ଏ ସଂପର୍କରେ ବିଭିନ୍ନ ଟିଏମ୍‌ସିର ପଂଚାୟତ ନୋଡାଲ ଅଫିସରମାନେ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓଙ୍କୁ ଅବଗତ କରିଛନ୍ତି। ଗତ ୧୯ ତାରିଖରେ ଟିଏମ୍‌ସି ପରିଚାଳନା ଖର୍ଚ୍ଚ ଫର୍ମାଟରେ ତଥ୍ୟ ଲେଖା ନଥାଇ ଦସ୍ତଖତ କରିବାକୁ ପଂଚାୟତ ନୋଡାଲ ଅଫିସରମାନଙ୍କୁ ସରପ ଓ କନିଷ୍ଠ ଯନ୍ତ୍ରୀ ବାଧ କରୁଥିବାର ଅଭିଯୋଗ ହେଉଛି। ଉପରୋକ୍ତ କାର୍ଯ୍ୟରେ ବିନିଯୋଗ ହୋଇଥିବା ଖର୍ଚ୍ଚର ହିସାବ ନୋଡାଲ ଅଫିସରମାନଙ୍କ ପାଖରେ ନଥିବା ସହିତ କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି, ତାହା ସେମାନେ ଜାଣିନଥିବା ଦର୍ଶାଇଛନ୍ତି। ଫର୍ମାଟ ସଂଖ୍ୟା ୧୬ ରେ ମେ ୩୧ ତାରିଖ ସୁଦ୍ଧା କେତେ ଲୋକ ଟିଏମ୍‌ସିରେ ରହିଥିଲେ, ସେ ସମସ୍ତ ତାଲିକା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଫର୍ମାଟ ସଂଖ୍ୟା ୭ ରୁ ୧୫ ମଧ୍ୟରେ ପ୍ରଦତ କାର୍ଯ୍ୟଗୁଡିକର କ୍ଷେତ୍ର ପରିଦର୍ଶନ କରି ଦସ୍ତଖତ କରିବା ପାଇଁ ବିଡିଓଙ୍କୁ ପ୍ରସ୍ତାବ ଦିଆଯାଇଥିଲେ ମଧ ବିଡିଓ ତାହାକୁ ଅନୁମତି ଦେଇ ନଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ବନ୍ତ ବ୍ଲକ୍‌ର ବିଭିନ୍ନ ଟିଏମ୍‌ସିରେ ସାମଗ୍ରୀ କିଣାରେ ଅନିୟମିତତା ଆଶଙ୍କା କରାଯାଉଥିବାବେଳେ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଜଳେଶ୍ୱରରେ ଆନ୍ତର୍ଜାତୀକ ନିଶା ବିରୋଧି ଦିବସ ପାଳିତ

ଜଳେଶ୍ୱର,୨୭।୬(ନିପ୍ର): ନିଶା ଦ୍ରବ୍ୟ ବିକ୍ରି ଜଳେଶ୍ୱରର କେତେକ ଅଂଚଳରେ କୁଟିର ଶିଳ୍ପ ପାଲଟିଥିବା କହିଲେ ଅତ୍ୟାକ୍ତି ହେବ ନାହିଁ । ଧଳା ଜହର ଠାରୁ ଆରମ୍ଭ କରି ପର୍ଶ୍ଚିମବଂଗ ମାର୍କ ବିଦେଶୀ ମଦ, ବ୍ୟାପକ ଦେଶୀ ଚୋରାମଦ, କେତେକ ପାନ ଦୋକାନ ସହିତ ଅନ୍ୟ ଦୋକାନ ମାନଙ୍କରେ ବିକ୍ରି ହେଉଛି । ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ଛକ ସ୍ଥାନରେ ଥିବା ଦୋକାନରେ ଏହା ବିକ୍ରି ହେଉଥିବାରୁ ଏହା ଆନ୍ତର୍ଜାତୀକ ନିଶା ବିରୋଧି ଦିବସରେ ଜଳେଶ୍ୱର ସ୍ଥିତ ମିଳିତ ନିଶା ନିବାର ମଂଚ ପକ୍ଷରୁ ନିନ୍ଦା କରାଯାଇଛି । ଶ୍ରୀଅରବିନ୍ଦ ଯୋଗ ମନ୍ଦିର ପ୍ରାଂଗଣରେ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଏକ ବୈଠକରେ ଆଜିର ଯୁବପିଢୀ କିପରି ନିଶାକବଳିତ ହୋଇଛନ୍ତି ସେ ସଂପର୍କରେ କହିଛନ୍ତି । କେବଳ ପର୍ଶ୍ଚିମବଂଗ ନୁହେଁ ବାଂଲାଦେଶ ଓ ଝାଡଖଣ୍ଡ ଅଂଚଳରୁ ନିଶାଦ୍ରବ୍ୟ ଆସି ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ଓ ପୁଲିସ୍ ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି । ଏହାକୁ ନିୟନ୍ତ୍ରଣ କରିବାଲାଗି ପ୍ରଶାସନୀ କଠୋର ପଦକ୍ଷେପ ଓ ଯୁବପିଢୀଙ୍କୁ ସଚେତନତା କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି । ନିଶା ବିରୋଧରେ ସ୍ୱର ଉତ୍ତଳନ କରିବା ସହିତ ନିଜ ଘରୁ ଏହା ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ଓ ଡିଶାକୁ ନିଶାମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି । ଆଜିର ବୈଠକରେ ଡ. ଲଳିତ ରଂଜନ ସେନାପତି, ଜିତାଂଶୁ ନନ୍ଦି, ଭାସ୍କାର ଚନ୍ଦ୍ର ମିଶ୍ର, ରାଜାରାମ କରସର୍ମା, ସୁମନ୍ତ କୁମାର ଘୋଷ, ନିତ୍ୟାନନ୍ଦ ଦାସ, ମାନସ କର, ରଜତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜ୍ୟୋତିଶ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ ।

## କରୋନା ସଂକ୍ରମଣ ଭୟ : କୋଠା ନିର୍ମାଣ କାମ ବନ୍ଦ କଲା ବିଏମସି

ଭୁବନେଶ୍ୱର,୨୭।୬ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଶ୍ରୀବିହାର ଅଂଚଳରେ ଏକ ଆପାର୍ଟମେଂଟର ନିର୍ମାଣ କାମ ବନ୍ଦ କରିଛି ବିଏମସି । ବାହାର ରାଜ୍ୟରୁ ଶ୍ରମିକ ଆସି କାମ କରୁଥିବାରୁ ବିଏମସି ଏଭଳି ପଦକ୍ଷେପ ନେବା ସହ ଉକ୍ତ ଶ୍ରମିକ ମାନଙ୍କୁ ୧୪ ଦିନ କ୍ୱାରେଂଟାଇନ୍ ରେ ରହିବାକୁ ନିର୍ଦ୍ଦେଶ ଦେଇଛି । ସୂଚନା ଅନୁଯାୟୀ ପର୍ଶ୍ଚିମବଙ୍ଗର ମୁର୍ଶିଦାବାଦରୁ ଆସିଥିବା ୨୧ ଜଣ ଯୁବକ ଏହି ନିର୍ମାଣଧୀନ ଆପାର୍ଟମେଂଟାରେ ରହିବା ସହ ନିର୍ମାଣ କାମରେ ନିୟୋଜିତ ଥିଲେ । ଏହି ଶ୍ରମିକମାନେ କ୍ୱାରେଂଟାଇନରେ ନ ରହି ସିଧାସଳଖ ଏହି ବିଲ୍ଡିଂ କାମରେ ନିୟୋଜିତ ଥିଲେ ଏବଂ ଆଖପାଖ ଦୋକାନକୁ ଶ୍ରମିକମାନେ ଯାଇ କିଣାକିଣି କରୁଥିଲେ । ତେଣୁ ସମସ୍ତଙ୍କୁ କ୍ୱାରେଂଟାଇନରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ବିଲ୍ଡିଂ କାମ ବନ୍ଦ କରିବାକୁ ମଧ କୁହାଯାଇଛି ।

## ଆଜି ଆକ୍ରାନ୍ତଙ୍କ ମଧ୍ୟରେ ସିଏମସି ଅଂଚଳର ଜଣେ

ଭୁବନେଶ୍ୱର,୨୭।୬ (ନି.ପ୍ର): ଆଜି କଟକ ଜିଲ୍ଲାରୁ ୧୪ ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ସେଥି ମଧ୍ୟରୁ କେବଳ ଜଣେ କଟକ ସହରର ବୋଲି ଜଣା ପଡିଛି । କଟକ ମହାନଗର ନିଗମ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଉଛି । ସେହି ଆକ୍ରାନ୍ତଜଣକ ମହାନଦୀ ବିହାରର ବୋଲି ସୂଚନା ଦେଇଛି କଟକ ମହାନଗର ନିଗମ । ସେ ମହାନଦୀ ବିହାରରୁ ଗତ ୧୬ ତାରିଖରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ସଂପର୍କୀୟ ବୋଲି କଟକ ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି ।

## କଳାରାହାଙ୍ଗ ସୁଭଦ୍ରା ଆପାର୍ଟମେଂଟ କଂଟେନମେଂଟ ଘୋଷଣା

ଭୁବନେଶ୍ୱର,୨୭।୬ (ନି.ପ୍ର): ଭୁବନେଶ୍ୱର କଳାରାହାଙ୍ଗ ଠାରେ ଥିବା ସୁଭଦ୍ରା ଆପାର୍ଟମେଂଟକୁ କଂଟେନମେଂଟ ଘୋଷଣା କରାଯାଇଛି । କଳାରାହାଙ୍ଗ ପଂଚାୟତ ୱାର୍ଡ ନଂ-୮ରେ ସୁଭଦ୍ରା ଆପାର୍ଟମେଂଟ ରହିଛି । ଶନିବାର ରାତି ୭ଟାରୁ ଆସନ୍ତା ୩୦ ତାରିଖ ରାତି ୭ଟା ଯାଏ କଂଟେନମେଂଟ ଲାଗୁ ରହିବ । ଉକ୍ତ ଆପାର୍ଟମେଂଟରୁ ଜଣେ ପଜିଟିଭ ଚିହ୍ନଟ ପରେ ଖୋର୍ଦ୍ଧା ଜିଲ୍ଲାପାଳ କଂଟେନମେଂଟ ଘୋଷଣା କରିଛନ୍ତି ।

# ଶେଷ ପର୍ଯ୍ୟାୟରେ ପହଞ୍ଚିଲା ଅନ୍‌ଲକ୍-୧

### ବାଲେଶ୍ୱରରେ ଚତୁର୍ଥ ସପ୍ତାହ ସଟ ଡାଉନର ପ୍ରଥମ ଦିନ



ବାଲେଶ୍ୱର,୨୭।୬ (ନି.ପ୍ର): କରୋନା ସଂକ୍ରମଣ ରୋକିବା ପାଇଁ ସମଗ୍ର ଦେଶରେ ପ୍ରଥମେ ୪ ଗୋଟି ପର୍ଯ୍ୟାୟରେ ଲକ୍ ଡାଉନ୍ ଲାଗୁ ହେବା ସହ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ଅନଲକ୍-୧ର ଅବଧି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜୁଲାଇ ୧ ତାରିଖରୁ ଆରମ୍ଭ ହେଉଥିବା ଅନଲକ୍-୨ରେ ସରକାର ଆଉ କେଉଁସବୁ କଟକଣାକୁ କୋହଳ କରିବେ, ତାହାକୁ ନେଇ ଦେଶବାସୀବାସୀଙ୍କ ମଧ୍ୟରେ ଉତ୍ସୁକତା ଦେଖାଯାଇଛି । ଏହି ପରିପ୍ରେକ୍ଷୀରେ ଅନଲକ୍-୧ କୋହଳ କଟକଣା ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ସମେତ ୧୧ଟି କରୋନା ପ୍ରବଣ ଜିଲ୍ଲାରେ ଲାଗୁ ହୋଇଥିବା ସାପ୍ତାହିକ ଦୁଇଦିନିଆ ସଟ୍ ଡାଉନ୍‌ର ଆଜି ଥିଲା ଚତୁର୍ଥ ସପ୍ତାହର ପ୍ରଥମ ଦିନ । ପୂର୍ବର ୩ ସପ୍ତାହ ଭଳି ଆଜି ବାଲେଶ୍ୱରରେ ଏହାର ପ୍ରଭାବ ବେଶ ପରିଲକ୍ଷିତ ହୋଇଥିଲା । ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି । ଅନ୍ୟ ସପ୍ତାହ ଭଳି ପ୍ରଶାସନ ପକ୍ଷରୁ ମାଇକ୍ ଜରିଆରେ ପ୍ରଚାର ମଧ୍ୟ କରାଯାଇଥିଲା । ସେହିକ୍ରମରେ ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ବିଶେଷ କରି ବାଲେଶ୍ୱର ଜିଲ୍ଲା କରୋନା ସଂକ୍ରମଣରେ ରାଜ୍ୟର ପଞ୍ଚମ ସ୍ଥାନରେ ପହଞ୍ଚିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ୩୩୨କୁ ଛୁଇଁଚି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀ ସରକାରଙ୍କ ନିୟମକୁ ମାନି ସଟ୍ ଡାଉନ୍ ପାଳନ କରିଥିବା ପରିଲକ୍ଷିତ ହୋଇଛି । ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ ନ ପଡ଼ିଲେ ବା ମେଡିକାଲକୁ ଯିବା ଭଳି ଜରୁରୀ ସ୍ଥିତିରେ କାଁ ଭାଁ ଲୋକେ ଘରୁ ବାହାରୁ ଥିଲେ ବି ତାହା ପୁଣି ପ୍ରଶାସନର ଅନୁମତି ନେଉଛନ୍ତି । ସେହିଭଳି ଏହି ଦୁଇଦିନିଆ ସଟ୍ ଡାଉନ୍‌ର ସଫଳତା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି । ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯିବା ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା ଜାରି ରହିଛି । ଅନୁରୂପ ଭାବେ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି । ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିଛନ୍ତି । ଆବଶ୍ୟକ ପଡ଼ିଲେ ଯାଞ୍ଚ ବି କରୁଛନ୍ତି । ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଛି । ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ୯ କରୋନା ଆକ୍ରାନ୍ତ ଚିହ୍ନଟ : ୮ ଜଣ ସ୍ଥାନୀୟ ସଂକ୍ରମିତ

ଭୁବନେଶ୍ୱର,୨୭।୬ (ନି.ପ୍ର): ଭୁବନେଶ୍ୱରରୁ ଶନିବାର ପୁଣି ୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥି ମଧ୍ୟରୁ ଜଣେ ଘରୋଇ ସଙ୍ଗରୋଧରେ ଥିବା ସମୟରେ ଅନ୍ୟ ୮ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । । ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୩କୁ ବୃଦ୍ଧି ପାଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମସି)ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁଯାୟୀ ଘରୋଇ ସଙ୍ଗରୋଧରେ ଥିବା ଏକମାତ୍ର ଆକ୍ରାନ୍ତ ହେଉଛନ୍ତି ଏୟାରପୋର୍ଟ କଲୋନୀର ଜଣେ ୨୬ ବର୍ଷୀୟା ମହିଳା ଓ ସେ ଦିଲ୍ଲୀରୁ ଫେରିଥିଲେ । ସ୍ଥାନୀୟ ସଂକ୍ରମିତ ୮ ଜଣଙ୍କ ମଧ୍ୟରୁ ଭୁବନେଶ୍ୱର ଶିରିପୁର ନିକଟସ୍ଥ ଲକ୍ଷ୍ମୀବଜାର ବସ୍ତିରୁ ୪ ଜଣ ରହିଛନ୍ତି । ଉକ୍ତ ବସ୍ତିର ୫୦ବର୍ଷୀୟ ପୁରୁଷ,୧୮ବର୍ଷିୟ ଯୁବକ, ୩୧ ଏବଂ ୩୮ବର୍ଷିଆ ମହିଳା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଏକ ଘରୋଇ ହସ୍ପିଟାଲର ୩ ପୁରୁଷ କର୍ମଚାରୀ ମଧ୍ୟ କରୋନା ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ବୟସ ଯଥାକ୍ରମେ ୩୮,୪୨ ଓ ୪୧ । ଏମାନେ ସମସ୍ତେ ପୂର୍ବ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ଆରବିଆଇ ଅଫିସ୍ ନିକଟରେ କାର୍ଯ୍ୟରତ ଜଣେ ୫୨ବର୍ଷିୟ ଘରୋଇ ସିକ୍ୟୁରିଟି ଗାର୍ଡ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅପରପକ୍ଷରେ ଭୁବନେଶ୍ୱରରେ ଆଉ୧୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସୁସ୍ଥ ହୋଇଥିବା ୧୦ଜଣଙ୍କ ମଧ୍ୟରେ ସତ୍ୟ ନଗର ବିଗ ବଜାର ନିକଟରୁ ଜଣେ ୨୭ବର୍ଷିୟ ଯୁବକ, ଏୟାରପୋର୍ଟ ନିକଟସ୍ଥ ଭୀମପୁର ଅଂଚଳରୁ ଗୋଟେ ପରିବାରର ୨ଜଣ(୩୪ବର୍ଷିୟ ପୁରୁଷ, ୬୨ବର୍ଷୀୟା ମହିଳା), ସାଲିଆସାହି ନିରଙ୍କାରି ନଗରରୁ ୧୯ବର୍ଷିୟ ଯୁବକ, ୪ଜଣ ରେଳ କର୍ମଚାରୀ(୩୮ବର୍ଷ, ୩୦ବର୍ଷ, ୩୪ବର୍ଷ, ୩୧ବର୍ଷ ବର୍ଷୀୟ ପୁରୁଷ) ଏବଂ ଡୁମୁଡୁମା ହାଉସିଂବୋର୍ଡ କଲୋନୀରୁ ୨ଜଣ(୪୫ବର୍ଷୀୟା ମହିଳା, ୧୦ବର୍ଷୀୟ ବାଳକ) ରହିଥିବା ଜଣା ପଡିଛି ।

## ଲକଡାଉନ କାଳରେ ୨୦୦ ଗୁରୁତ୍ୱପୂର୍ଣ୍ଣ ରେଳବାଇ ରକ୍ଷଣାବେକ୍ଷଣ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି

ନୂଆଦିଲ୍ଲୀ,୨୭।୬ (ନି.ପ୍ର): ଭାରତୀୟ ରେଳବାଇ ଲକଡାଉନ ଯୋଗୁଁ ଯାତ୍ରୀ ଟ୍ରେନ ସେବା ବନ୍ଦ ଥିବା ସମୟର ଯାଥାର୍ଥ ଉପଯୋଗ କରିବାରେ ସମର୍ଥ ହୋଇଛି । ପୁରୁଣା ପୋଲଗୁଡିକର ମରାମତି, ରେଳ ଧାରଣାର ଦୋହରିକରଣ ଓ ବିଦ୍ୟୁତିକରଣ, ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ରହିଥିବା ପ୍ରକଳ୍ପଗୁଡ଼ିକୁ ସଂପୂର୍ଣ୍ଣ କରିବା, ରେଳବାଇ ୟାର୍ଡଗୁଡିକର ମରାମତି ଭଳି ଦୀର୍ଘ ଦିନରୁ ବାକିଥିବା ୨୦୦ ରୁ ଅଧିକ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂପୂର୍ଣ୍ଣ କରିଛି । ମାଲବାହୀ ଓ ପାର୍ସଲ ଟ୍ରେନ ଯୋଗେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବ୍ୟତୀତ ଲକଡାଉନ କାଳରେ ରେଳବାଇ ଦୀର୍ଘ ଦିନରୁ ବାକି ରହିଥିବା ରକ୍ଷଣାବେକ୍ଷଣ କାର୍ଯ୍ୟଗୁଡିକୁ ସଂପୂର୍ଣ୍ଣ କରିପାରିଛି । ଦୀର୍ଘଦିନରୁ ଅଧାପନ୍ତରିଆ ପଡିରହିଥିବା ଏହି କାର୍ଯ୍ୟଗୁଡିକ ଯୋଗୁଁ ରେଳ ବିଭାଗକୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଥିଲା । ଲକଡାଉନ ସମୟକୁ ଏକ ଅଭୂତପୂର୍ବ ସୁଯୋଗ ଭାବେ ବିବେଚନା କରି ଏହି ବକେୟା କାର୍ଯ୍ୟଗୁଡିକୁ ସଂପୂର୍ଣ୍ଣ କରାଯାଇଛି । ଏହି କାର୍ଯ୍ୟଗୁଡିକ ହାତକୁ ନେଇ ରେଳ ନିରାପତାକୁ ସୁଦୃଢ଼ କରାଯାଇପାରିଛି । ଏଗୁଡିକ ମଧ୍ୟରେ ୮୨ଟି ପୋଲର ପୁନଃନିର୍ମାଣ, ୪୮ଟି ଲେବଲ କ୍ରସିଂ ସ୍ଥାନରେ ସୀମିତ ଉଚ୍ଚତା ସମ୍ପନ୍ନ ପୋଲ, ୧୬ ଟି ପାଦଚଲା ପୋଲ, ୧୪ଟି ପୁରୁଣା ଭଙ୍ଗା ପାଦଚଲା ପୋଲ, ୭ଟି ରାସ୍ତା ଓଭର ବ୍ରିଜ, ୫ଟି ରେଳବାଇ ୟାର୍ଡର ନବୀକରଣ, ଗୋଟିଏ ରେଳପଥର ଦୋହରିକରଣ ଓ ବୈଦ୍ୟୁତିକରଣ ଓ ୨୬ଟି ଅନ୍ୟାନ୍ୟ ପ୍ରକଳ୍ପ ରହିଛି ।

## ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ବୈଠକ



ବାଲେଶ୍ୱର,୨୭।୬ (ନି.ପ୍ର): ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ, ବାଲେଶ୍ୱର ଶାଖା ପକ୍ଷରୁ ହରି ପ୍ଲାଜାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆସନ୍ତା ମାସରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ଉପରେ ବିଶେଷ ଗୁରୁତ୍ୱ ଦେବା ନିମନ୍ତେ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା । ଏଥି ସହିତ କିଛି ମାମଲାର ଆପୋଷ ସମାଧାନ ଉପରେ କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ରେ କିଛି ସଦସ୍ୟଙ୍କୁ ପରିଚୟ ପତ୍ର ମଧ ପ୍ରଦାନ କରାଯାଇଥିଲା । ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ଜିଲା ସଭାପତି ସଂଘମିତ୍ରା ମହାନ୍ତିଙ୍କ ସମେତ ସମ୍ପାଦିକା ଲୀନା ପାଣିଗ୍ରାହୀ, ଗିରିଜା ମିଶ୍ର, ଚିନ୍ମୟ ବିଶ୍ୱାଳ, ସୁବ୍ରତ କୁମାର ଦାସ, ପ୍ରଶାନ୍ତ କୁମାର ପଣ୍ଡା, ରଶ୍ମିତା ବିଶ୍ୱାଳ, ବନ୍ଦିତା ମହାନ୍ତି, ଅଲିଭା ଦାସ ପ୍ରମୁଖ ଏହି ବୈଠରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କୋଭିଡ-୧୯ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଅଧିକ୍ଷତାରେ ସପ୍ତଦଶ ଜିଓଏମ ବୈଠକ

### କୋଭିଡ-୧୯ର ସାମ୍ପ୍ରତିକ ସ୍ଥିତି ଓ ପ୍ରତିହତ ପଦକ୍ଷେପର ସମୀକ୍ଷା

ନୂଆଦିଲ୍ଲୀ,୨୭।୬ (ନି.ପ୍ର): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ କୋଭିଡ-୧୯ ସଂକ୍ରାନ୍ତ ସପ୍ତଦଶ ଉଚ୍ଚ ମନ୍ତ୍ରୀମଣ୍ଡଳସ୍ତରୀୟ ବୈଠକ (ଜିଓଏମ) ଅନୁଷ୍ଠିତ ହୋଇଯାଇଛି । ଆଜି ଦିଲ୍ଲୀର ନିର୍ମାଣ ଭବନଠାରେ ଭିଡିଓ କନଫରେନ୍ସ ମାଧ୍ୟମରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ. ଜୟଶଙ୍କର, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ହରଦୀପ ସିଂହ ପୁରୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ଚୌବେ ଯୋଗଦେଇଥିଲେ । ଦେଶର ସାଂପ୍ରତିକ କୋଭିଡ-୧୯ ସ୍ଥିତି, ଆରୋଗ୍ୟ ଓ ମୃତ୍ୟୁ ହାର, ନମୁନା ପରୀକ୍ଷଣ ଓ ଭିତିଭୂମି ଇତ୍ୟାଦି ନେଇ ଜିଓଏମ ବୈଠକକୁ ଅବଗତ କରାଯାଇଥିଲା । ଏଥିରେ ସୂଚନା ଦିଆଯାଇଥିଲା ଯେ, ବର୍ତ୍ତମାନ ଦେଶର ମୋଟ ସକ୍ରିୟ ରୋଗୀଙ୍କ ସଂଖ୍ୟା ମଧ୍ୟରୁ ଶତକଡା ୮୫.୫ ଭାଗ ରୋଗୀ ଥିବାବେଳେ କରୋନା ମୃତକଙ୍କ ମଧ୍ୟରୁ ଶତକଡା ୮୭ ଭାଗ ୮ଟି ରାଜ୍ୟ ଯଥା ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ତେଲଙ୍ଗାନା, ଗୁଜରାଟ, ଉତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଏବଂ ପର୍ଶ୍ଚିମବଙ୍ଗରେ ହୋଇଛି । ଅଦ୍ୟାବଧି ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ସଂକ୍ରମଣ ବିଶେଷଜ୍ଞ, ଟେକନିସିଆନ ଏବଂ ବରିଷ୍ଠ ଯୁଗ୍ମସ୍ତରୀୟ ଅଧିକାରୀଙ୍କ ନେତୃତ୍ୱରେ ୧୫ଟି କେନ୍ଦ୍ରୀୟ ଦଳ ରାଜ୍ୟଗୁଡିକୁ ବୈଷୟିକ ନିୟମଗୁଡିକ ଉପରେ ଅବଗତ କରାଉଛନ୍ତି । ଅନ୍ୟ ଏକ କେନ୍ଦ୍ରୀୟ ଦଳ ବର୍ତ୍ତମାନ ଗୁଜରାଟ, ମହାରାଷ୍ଟ୍ର ଏବଂ ତେଲଙ୍ଗାନା ଗସ୍ତରେ ଥାଇ ସେଠାକାର କୋଭିଡ-୧୯ ପରିଚାଳନା ସମ୍ପର୍କରେ ଟିକିନିଖି ତଥ୍ୟ ହାସଲ କରୁଛନ୍ତି । ଜିଓଏମକୁ ଆଇଟିଆଇଏଚଏଏସ ଏବଂ ଆରୋଗ୍ୟ ସେତୁର ଉପକାରିତା ସମ୍ପର୍କରେ ବୁଝାଯାଇଥିଲା, ଯାହାକି ବର୍ତ୍ତମାନ ବିଭିନ୍ନ ରାଜ୍ୟରେ କରୋନା ମୁକାବିଲା କ୍ଷେତ୍ରରେ ଯଥେଷ୍ଟ ଉପାଦେୟ ପ୍ରମାଣିତ ହୋଇଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଅବଧାଂଚଳରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଉଥିବା ଜିଓଏମକୁ ଅବଗତ କରାଯାଇଥିଲା । ଏଥିରେ ନମୁନା ପରୀକ୍ଷଣର ସଂପୂର୍ଣ୍ଣ ଉପଯୋଗ, ସମାଜରେ ବୟସ୍କ ଓ ପୁରୁଣା ରୋଗ ଲକ୍ଷଣ ଥିବା ରୋଗୀ ଚିହ୍ନଟ, ସମ୍ଭାବ୍ୟ ହଟ ସ୍ପଟର ଆକଳନ, ଆରୋଗ୍ୟ ସେତୁର ଉପଯୋଗ ଓ ପ୍ରକୃତ ଚିକିତ୍ସା ଦ୍ୱାରା ମୃତ୍ୟୁ ସଂଖ୍ୟା ହ୍ରାସ, ସାଂଘାତିକ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଅମ୍ଳଜାନ ସଂଯୁକ୍ତ ଶଯ୍ୟା ଓ ଭେଣ୍ଟିଲେଟର ଇତ୍ୟାଦି ଅନ୍ତର୍ଭୁକ୍ତ । ଆଇସିଏମଆରର ମହାନିର୍ଦ୍ଦେଶକ ଡଃ ଭାର୍ଗବ ଆଇସିଏମଆର ପକ୍ଷରୁ ନମୁନା ପରୀକ୍ଷଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ସେ ସେରୋଲୋଜିକାଲ ସର୍ଭେ ଏବଂ ବିଭିନ୍ନ ▶▶ପୃଷ୍ଠା ୭

## ଯୌତୁକ ଜୁଇରେ ଗୌରୀବେଲଦାର ନମିତା ବେହେରା

ଜଳେଶ୍ୱର,୨୭।୬(ନିପ୍ର): ବାହା ବେଦିରେ ଅସୁମାରୀ ସ୍ୱପ୍ନ ଓ ସୁନେଲି ଭବିଷ୍ୟତ ଜୀବନ ନେଇ ଅନ୍ୟ ଜଣେ ଯୁବକଙ୍କୁ ପତିଭାବେ ଗ୍ରହଣ କରିଥାଏ । କିନ୍ତୁ କିଏ ଜାଣିଥାଏ ତାର ଭବିଷ୍ୟତ ଜୀବନ ରାକ୍ଷସରୂପି ଯୌତୁକ ଯୋଗୁଁ ଛିନ୍‌ଭିନ୍ ହୋଇଯିବ । ସ୍ୱାମୀ ଘରୁ ତଡାଖାଇ ଯୌତୁକ ପାଇଁ ବାପଘରେ ନିର୍ବାସନ ଭୋଗିବାକୁ ପଡିବ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ଥାନା ଅନ୍ତର୍ଗତ ଗୌରୀବେଲଦା ଗ୍ରାମରେ । ୨୦୧୫ ମସିହାରେ ରୁପ୍‌ସା ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ଗାଁର ଜଗଦିଶ ବେହେରାଙ୍କ ସହିତ ନମିତା ବେହେରାଙ୍କର ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା । ଦାବି ମୁତାବକ ଜାନୀ ଯୌତୁକ ଦିଆଯାଇଥିଲା । କିନ୍ତୁ ବିବାହର କିଛିମାସ ପରେ ଶାଶୁ ରେଣୁକା, ମଝିଆ ଜା ସକୁନ୍ତଳା, ମଝିଆ ଦେଢ଼ସୁର ରଣଜିତ୍ ବେହେରା, ବଡା ଜା ଅଂଜିତା ଓ ସ୍ୱାମୀ ଜଗଦୀଶ ବାରମ୍ବାର ଯୌତୁକ ଲାଗି ସାଂରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଘଟଣା ଏପରି ହେଲା ଶେଷରେ ନମିତା ବେହେରା ବାପଘରେ ଆସି ରହିବାକୁ ବାଧ୍ୟ ହୋଇଛନ୍ତି । ଏଥିନେଇ ଜଳେଶ୍ୱର ଥାନାରେ ଆଜି ୨୧୪/୨୦ରେ ଏକ ମାମଲା ନମିତା ବେହେରା ପକ୍ଷରୁ କରାଯାଇଛି ।

## ମୁଖ୍ୟମନ୍ତ୍ରୀ ଓ ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକଙ୍କୁ କୃତଜ୍ଞତା ଜଣାଇଲେ ଓଡିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ

ବାରିପଦା ,୨୭।୬ (ନି.ପ୍ର): ମୟୂରଭ ଜିଲ୍ଲା ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କର ଉଦ୍ୟମ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ହସ୍ତକ୍ଷେପ ପରେ ବାରିପଦା ଅର୍ବାନ କୋପରେଟିଭ ବ୍ୟାଙ୍କର ୭୨ ହଜାର ଜମାକାରୀ ନିଜ ଜମା ଅର୍ଥ ଫେରସ୍ତ ପାଇବା ନିମନ୍ତେ ହାଇକୋର୍ଟ ଅର୍ଡର ଦେଇଥିବାରୁ ଓଡିଶା କୃଷିଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାସ ଦାସଙ୍କୁ ଜିଲ୍ଲା ବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଛନ୍ତି । ପ୍ରଣବ ପ୍ରକାଶ ଦାସ ମୟୂରଭ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟୀତ୍ୱ



ନେବା ପରେ କିଭଳି ଭାବରେ ଜମାକାରୀ ମାନେ ସେମାନଙ୍କର ଜମା ଅର୍ଥ ଫେରି ପାଇବେ ସେଦିଗରେ ନିରନ୍ତର ପ୍ରୟାସ କରିଆସୁଥିଲେ । ଯାହା ଆଜି ସଫଳ ହୋଇଛି ଏବଂ ଆଗାମୀ ଦିନରେ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ଜିଲ୍ଲାରେ ବହୁ ବିକାଶ ମୂଳକ କାର୍ଯ୍ୟ ହୋଇ ପାରିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

## ନିର୍ମାଣ କାର୍ଯ୍ୟରେ ଦୁର୍ନିତୀର ଗନ୍ଧ : ଗାଡୱାଲ ନିର୍ମାଣରେ ୩ ଦିନ ପରେ ୩ଟି ଫାଟ

ଜଳେଶ୍ୱର,୨୭।୬(ନିପ୍ର): ଜଳେଶ୍‌ବର ବ୍ଲକ ଅଧିନ ଲକ୍ଷ୍ମଣନାଥ ପିଂଚାୟତର ଗୋପ ଗ୍ରାମରେ ଏକ ୪୦ଫୁଟର ଗାଡୱାଲ ନିର୍ମାଣ ସରିବାର ୩ଦିନ ପରେ ୩ଟି ସ୍ଥାନରେ ବଡ ବଡ ଫାଟ ଦେଖା ଦେଇଛି । ନିର୍ମାଣ ହେଉଥିବା ବେଳେ ନିମ୍ନ ମାନର କାର୍ଯ୍ୟ ଅନୁଭବ କରି ଗ୍ରାମବାସୀ ବିଡିଓଙ୍କ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଘଟଣା ସ୍ଥଳରେ ଉକ୍ତ ନିର୍ମାଣ କାର୍ଯ୍ୟ ନେଇ କୌଣସି ଫଳକ ନଥିଲା । ଫଳରେ କାର୍ଯ୍ୟଟି କେତେ ଟଙ୍କାର ଏହାର ଲମ୍ବ ଇତ୍ୟାଦି ସଂପର୍କରେ କିଛି ଜଣାପଡୁନାହିଁ । ଅନ୍ୟପକ୍ଷରେ ଏହା ୧ଲକ୍ଷ ଟଙ୍କାର ହୋଇଥିବାର କୁହାଯାଉଛି । ଏ ସଂପର୍କରେ ଗ୍ରାମବାସୀ ପକ୍ଷରୁ ଆଲେନ୍ ଘୋଷ,ରାମଚନ୍ଦ୍ର ପ୍ରମାଣିକ, ସଂଜିବ ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ପଂଚାନନ ଜେନା, ଜୟନାରାୟଣ ପ୍ରମାଣିକ, ଗୋପଳ ଜେନା, ବସନ୍ତ ଦାସ, ବିଜୟ ଦାସ, ବେଣୁଧର ଜେନା, ସ୍ନହାସିଷ ଦାସ, ସସ୍ମିତା ଜଟି, ରବିନ୍ଦ୍ର ପ୍ରମାଣିକ ପ୍ରମୁଖ ଗ୍ରାମବାସୀ ବିଡିଓଙ୍କ ଲିଖିତଭାବେ ଦେବା ସହିତ କାର୍ଯ୍ୟ ସଂପର୍କରେ ଅନୁଧ୍ୟାନ କରିବାକୁ ନିବେଦନ କରିଛନ୍ତି । ଏ ସଂପର୍କରେ ସରପଂଚ ବବିତା ରାଉତଙ୍କ ମତାମତ ନେବାରୁ ସେ କହିଲେ ଗାର୍ଡୱାଲ ନିର୍ମାଣ ଶେଷ ହେବାର ୨୪ ଘଣ୍ଟା ନ ପୁରୁଣୁ ପ୍ରବଳ ବର୍ଷା ହେବା ଏବଂ ବର୍ଷାପାଣି ନିଷ୍କାସନ ଲାଗି ରାସ୍ତାକୁ ବନ୍ଦ କରାଯିବା ଯୋଗୁଁ ତାହା ଫାଟିଥିବାରୁ ଏହା ମରାମତି ହେବା ସଂପର୍କରେ କହିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo